

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୧୮ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 18 July 2026

Vol.No. 36 ■ No.188 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ADMISSION GOING ON- 2026

SAI SADHANA SCIENCE COLLEGE

+2 Sc. & +2 Arts

SAI SADHANA COLLEGE OF BASIC SCIENCE (+3)

(HONS- PHYSICS, CHEMISTERY, MATHEMATICS, BOTANY, *COMPUTER SCIENCE*, *ZOOLOGH, GEOLOGY, MICROBIOLOGY*)

Dibyasingpur, UDALA

100% first class result-2026

Contact No: 9437294587, 9437443950, 9937557158


# ସରିଳା ରଥଟଣା: ଶରଧାବାଲିରେ ପହଞ୍ଚିଲା ୩ ରଥ

## ଆସନ୍ତାକାଲି ଚତୁର୍ଦ୍ଧାମୂରତିଙ୍କ ଆଡ଼ପ ମଣ୍ଡପ ବିଜେ

## ଅତ୍ୟଧିକ ଭିଡ଼କୁ ଦେଖି ଡିଜିପିଙ୍କର ପରାମର୍ଶ: ବୃଦ୍ଧ-ଶିଶୁଙ୍କୁ ପୁରୀ ନଆସିବାକୁ ଅନୁରୋଧ

## ଅବ୍ୟବସ୍ଥାକୁ ନେଇ ବର୍ଷିଲେ ବିଜେଡି ଓ କଂଗ୍ରେସ: 'ଟାହିଆ' ପ୍ରସଙ୍ଗରୁ ଦୂରେଇଲା ଶ୍ରୀମନ୍ଦିର ପ୍ରଶାସନ



ପୁରୀ, ୧୭/୭ (ନି.ପ୍ର): ସରିଲା ରଥଟଣା। ଶରଧାବାଲିରେ ପହଞ୍ଚିଛନ୍ତି ୩ ରଥ। ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ, ସୁଭଦ୍ରାଙ୍କ ଦର୍ପଦଳନ ରଥ ଶରଧାବାଲିରେ ପହଞ୍ଚିବା ପରେ ମହାପ୍ରଭୁ କାଳିଆ ସାଆନ୍ତଙ୍କ ନନ୍ଦିଘୋଷ ରଥ ପହଞ୍ଚିଥିଲା। ଦର୍ଶନ ପାଇଁ ଶରଧାବାଲିରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି। ଭକ୍ତମାନେ ଏବେ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଅପରୂପ ଦୃଶ୍ୟ ଦେଖି ବିମୋହିତ ହୋଇପଡୁଛନ୍ତି। ନିର୍ଦ୍ଧାରିତ ନୀତି ନିର୍ଘଣ୍ଟର ୧ ଘଣ୍ଟା ବିଳମ୍ବରେ ଗୁରୁବାର ରଥଟଣା ଆରମ୍ଭ ହୋଇଥିଲା। ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆନନ୍ଦ ଓ ଉତ୍ସାହର ସହ ତିନିରଥକୁ ଟାଣିନେଇଥିଲେ ଭକ୍ତ। ପ୍ରଥମେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ, ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ ଶେଷରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣାହୋଇଥିଲା। ତେବେ ସନ୍ଧ୍ୟା ହୋଇଯିବାରୁ କୌଣସି ରଥ ଶରଧାବାଲିରେ ପହଞ୍ଚି ପାରି ନ ଥିଲା। ମାର୍କେଟ ଛକ ନିକଟରେ ତାଳଧ୍ୱଜ ଓ ମରିଚୀକୋଟ ଛକ ନିକଟରେ ଦର୍ପଦଳନ ରଥ ପହଞ୍ଚିବାବେଳେ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଅଳ୍ପ କିଛି ବାଟ ଗଡ଼ି ଅଟକି ରହିଥିଲା। ଶୁକ୍ରବାର ପୂର୍ବାହ୍ନ ୯ଟା ୩୦ରେ ପୁଣି ରଥଟଣା ହୋଇଥିବାବେଳେ ଆଡ଼ପ ବିଜେ ନୀତି ହେବ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଓ ଭିଡ଼ ନିୟନ୍ତ୍ରଣ ପାଇଁ ୨୨୦ ପ୍ଲାଟୁନ ପୋଲିସ ଫୋର୍ସ ସମେତ ୧୨ହଜାର ପୋଲିସ କର୍ମଚାରୀ ଓ କେନ୍ଦ୍ରୀୟ ଫୋର୍ସ ମୁତୟନ ଥିଲେ। ବୃଦ୍ଧ, ଶିଶୁ ଓ ରୋଗୀଙ୍କୁ ପୁରୀ ନଆସିବାକୁ ଅନୁରୋଧ କରିଛନ୍ତି ପୁଲିସ ଡିଜି । ଦ୍ୱିତୀୟ ଦିନରେ ଶାନ୍ତିଶୃଙ୍ଖଳା ସହ ମହାପ୍ରଭୁଙ୍କ ରଥଟଣା ହୋଇଛି । ରଥଯାତ୍ରାର ଦ୍ୱିତୀୟ ଦିନରେ ଶ୍ରୀକ୍ଷେତ୍ର ପୁରୀରେ ଶାନ୍ତିଶୃଙ୍ଖଳାର ସହ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ରଥଟଣା କାର୍ଯ୍ୟ ହେଉଛି।

◆◆ପୃଷ୍ଠା ୭

# ଜନ୍ମଦିନ ଶୁଭେଚ୍ଛା ଜଣାଇବାକୁ ଆସିଥିଲେ ସ୍ୱାମୀ: ପ୍ରେମିକ ସହ ମିଶି ମାରିଦେଲେ ସ୍ତ୍ରୀ !



ବାଲେଶ୍ୱର, ୧୭/୭ (ନି.ପ୍ର): ପତ୍ନୀଙ୍କ ଜନ୍ମଦିନ ପାଳିବା ପାଇଁ ଯାଇଥିଲେ। କିନ୍ତୁ ଘରୁ ବାହାରିଲା ମୃତଦେହ। ନିଜ ଜନ୍ମ ଦିନରେ ପତ୍ନୀ ହିଁ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ସହଦେବଖୁଣ୍ଟା ଥାନା ଆଜିମାବାଦ ଅଞ୍ଚଳ ସ୍ଥିତ ବିଜୁ ପଟ୍ଟନାୟକ ଆଦର୍ଶ କଲୋନୀରେ। ମୃତକଙ୍କ ନାଁ ରଶ୍ମିରଞ୍ଜନ ସେଠୀ। ତାଙ୍କୁ ୩୪ ବର୍ଷ ହୋଇଥିଲା। ତାଙ୍କ ଘର ଜଗତସିଂହପୁର ଜିଲ୍ଲାରେ। ସେ ଜଣେ କନିଷ୍ଠ ଯନ୍ତ୍ରୀ ଥିଲେ ଓ କଟକରେ ନିଯୁକ୍ତ ହୋଇଥିଲେ। ରଶ୍ମିରଞ୍ଜନଙ୍କ ପତ୍ନୀଙ୍କ ନାଁ ରଶ୍ମିରେଖା ଭୂୟାଁ। ସେ ମଧ୍ୟ ଜଣେ ଇଞ୍ଜିନିୟର। ତେବେ ତାଙ୍କ କାର୍ଯ୍ୟକ୍ଷେତ୍ର ଥିଲା ସହଦେବଖୁଣ୍ଟା। ରଶ୍ମିରଞ୍ଜନଙ୍କ ଘର ଲୋକେ ଅଭିଯୋଗ କରିଛନ୍ତି ଯେ ସେମାନଙ୍କ ପୁଅକୁ ବୋହୂ ରଶ୍ମିରେଖା ଭୂୟାଁ ହତ୍ୟା କରିଛନ୍ତି। ଏନେଇ ସେମାନେ ସହଦେବଖୁଣ୍ଟା ଥାନାରେ ଏତଲା ଦେଇଛନ୍ତି। ସେମାନଙ୍କ ସୂଚନା ଅନୁସାରେ, ତିନି ବର୍ଷ ତଳେ ରଶ୍ମିରଞ୍ଜନ ଓ ରଶ୍ମିରେଖାଙ୍କର ବିବାହ ହୋଇଥିଲା। ରଶ୍ମିରେଖା ପୂର୍ବରୁ କରଞ୍ଜିଆ

◆◆ପୃଷ୍ଠା ୭

# ଛତିଶଗଡ଼ର ନାରାୟଣପୁରରେ ନକ୍ସଲଙ୍କ ଅସ୍ତ୍ରଶସ୍ତ୍ର ଜବତ

ନାରାୟଣପୁର, ୧୭/୭ (ନି.ପ୍ର): ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ପୋଲିସ ଏବଂ ୫୮ ତମ ବାଟାଲିଅନ୍ ବି.ଏସ୍.ଏଫ୍. ଯବାନଙ୍କ ମିଳିତ ସର୍ଚ୍ଚ ଅପରେସନ ସମୟରେ ଶୁକ୍ରବାର ଦିନ ନକ୍ସଲମାନଙ୍କ ଦ୍ୱାରା ଲୁଚାଇ ରଖାଯାଇଥିବା ଅସ୍ତ୍ରଶସ୍ତ୍ର ଉଦ୍ଧାର କରାଯାଇଛି। ବିକାଶକୁ ନିଶ୍ଚିତ କରି ନାରାୟଣପୁର ଏସ୍‌ପି ସନ୍ଦୀପ କୁମାର ପଟେଲ କହିଛନ୍ତି ଯେ ନକ୍ସଲ ପ୍ରଭାବିତ ଅଂଚଳରେ ସୁରକ୍ଷା ବ୍ୟବସ୍ଥା ଆହୁରି ମଜବୁତ କରାଯାଉଛି।

# ଶ୍ରୀଲେଦର ସୋ' ରୁମରେ ନିଆଁ: ଜଳିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ

ଭୁବନେଶ୍ୱର, ୧୭/୭ (ନି.ପ୍ର): ଭୁବନେଶ୍ୱର ଅଶୋକନଗରରେ ଥିବା ଶ୍ରୀଲେଦର ସୋ ରୁମରେ ଅଗ୍ନିକାଣ୍ଡ। ଭୋର ୫ଟା ବେଳେ ସୋରୁମରୁ ଧୂଆଁ ବାହାରୁଥିବା ଦେଖି ଉପର ମହଲାରେ ଥିବା ଲଜ କର୍ମଚାରୀ ମାଲିକଙ୍କୁ ଖବର ଦେଇଥିଲେ। ପରେ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଘଟଣାସ୍ଥଳରେ ୩ଟି ଦମକଳ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ନିଆଁ ଯେପରି ଉପର ମହଲାକୁ ନ ବ୍ୟାପିବ ସେନେଇ ପ୍ରୟାସ କରିଥିଲା ଅଗ୍ନିଶମ ବାହିନୀ। ନିଆଁ ଯୋଗୁଁ ସୋରୁମ ଭିତରେ ପ୍ରବଳ ଧୂଆଁ ବାହାରିଥିଲା। ଫଳରେ ଉପର ମହଲାରେ ଥିବା କାଚ ଝରକାକୁ ଭାଙ୍ଗିଥିଲା ଅଗ୍ନିଶମ ବାହିନୀ। ତେବେ ଅଗ୍ନିକାଣ୍ଡରେ ବିଶେଷ କ୍ଷୟକ୍ଷତି ହୋଇନଥିଲେ ବି ତଳ ମହଲାରେ ଥିବା ବ୍ୟାଗ ସେକ୍ସନ ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ଲକ୍ଷାଧିକ ଟଙ୍କାର ସ୍କୁଲ ବ୍ୟାଗ, ଟ୍ରଲି ବ୍ୟାଗ, ବିଭିନ୍ନ ପ୍ରକାର ହ୍ୟାଣ୍ଡ ବ୍ୟାଗ ପୋଡିଯାଇଛି। ୫ଶହ ରୁ ଅଧିକ ବ୍ୟାଗ ପଡିଥିବା ଅନୁମାନ କରାଯାଉଛି। ସେପଟେ ପାଣି ମାଡ଼ରେ ଅନ୍ୟ ସାମଗ୍ରୀ ମଧ ଓଦା ହୋଇ ନଷ୍ଟ ହୋଇଛି। ସର୍ଟସର୍କିଟରୁ ନିଆଁ ଲାଗିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।

# ପଶ୍ଚିମରୁ ଉତ୍ତର: ୩ ଦିନର ଲଗାଣ ବର୍ଷାରେ ରାଜ୍ୟର ସ୍ଥିତି ବେହାଲ୍



ଭୁବନେଶ୍ୱର, ୧୪/୭ (ନି.ପ୍ର): ଯେତେଦୂର ଯାଏଁ ଦେଖିବେ, ସେ ଯାଏଁ ଜୀବନ ଏଇଠି ଜଳବନ୍ଦୀ। ନା ଚାଷ ନା ବାସ, ନା ଚୁଲି ନା ଚାଳ। ୩ ଦିନର ଲଗାଣ ବର୍ଷା ମାଡ଼ରେ ସାପୁଆ ନଦୀ ତାଣ୍ଡବ ରଚିଛି କଟକ ଜିଲ୍ଲାରେ। ସାପୁଆ ନଦୀର ଉପର ମୁଣ୍ଡରୁ ପାଣି ଛଡ଼ାଯିବାପରେ ତଳ ମୁଣ୍ଡ ଆଠଗଡ଼ ଅଞ୍ଚଳରେ ସ୍ଥିତି ଅସମ୍ଭାଳ। ବନ୍ଧ ଡେଇଁ ପାଣି ପଶୁଛି ଗାଁ ଗାଁକୁ। ବିଚ୍ଛିନ୍ନ ହୋଇଯାଇଛି ପୂରା ଇଲାକା। ତରଡ଼ିଙ୍ଗ, କରିକମଳ, ବାଇଲୋ ଅଞ୍ଚଳର ମୁଖ୍ୟ ରାସ୍ତା ନଦୀର ଭ୍ରମ ସୃଷ୍ଟି କରୁଛି। ତାହାରି ଭିତରେ ବାସଘର ଛାଡ଼ି କିଏ ସ୍କୁଲ ଘରେ ଆଶ୍ରୟ ନେଇଛନ୍ତି ତ ପୁଣି କିଏ ନିଜ ନିଜ ଛାତ ଉପରକୁ ଯାଇ କାଳ କାଟୁଛନ୍ତି। କେବଳ ଗାଁ ଗଣ୍ଡା ନୁହଁ, ଆଠଗଡ଼ ପୌରାଞ୍ଚଳର ଅନେକ ଇଲାକାରେ ଘରେ ଘରେ ପଶିଛି ବନ୍ୟା ପାଣି। ହୋଟେଲ ଭିତରକୁ ରାତି ଅଧରେ ମାଡ଼ିଯାଇଛି ସାପୁଆ ନଦୀର ଜଳ। ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଅରିଗାଁ। ଘର ଭିତରେ ଲହଡ଼ି ଭାଙ୍ଗୁଛି ବର୍ଷା ପାଣି ଓ ଘର ବାହାରେ ଥିବା ଚୁଲି ବୁଡ଼ିଯାଇଛି, କାଠ, ବାଲଟି, କଡ଼େଇ ପାଣିରେ ଭାସୁଛି।

◆◆ପୃଷ୍ଠା ୭

# ନିର୍ବାଚନ ଓ ଭୋଟରଙ୍କ ମଧ୍ୟରେ ଗଣମାଧମ ହେଉଛି ସେତୁ: ସିଇସି



ଭୁବନେଶ୍ୱର, ୧୭/୭ (ନି.ପ୍ର): ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ୍ ଇଲେକ୍ସନ ମ୍ୟାନେଜମେଣ୍ଟ ପରିସରରେ ଭାରତ ନିର୍ବାଚନ ଆୟୋଗ (ଇଆଇସି)ଙ୍କ ଦ୍ୱାରା ଆୟୋଜିତ ଅଲ୍ ଇଣ୍ଡିଆ ମିଡିଆ କନଫରେନ୍ସ ୨୦୨୬ ରେ ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧିମାନେ ଆଜି ସାମିଲ ହୋଇଛନ୍ତି। ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାର କହିଛନ୍ତି ଯେ, ଭାରତରେ ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଭାରତୀୟ ସମ୍ବିଧାନ, ନିର୍ବାଚନ ସମ୍ବନ୍ଧୀୟ ଆଇନ୍ ଏବଂ ସମୟାନୁକ୍ରମେ ନିର୍ବାଚନ କମିସନଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ପରିଚାଳିତ ହେଉଛି। ଏଥିସହ ସମଗ୍ର ନିର୍ବାଚନ ପ୍ରକ୍ରିୟାକୁ ଏଥିରେ ସାମିଲ ଥିବା ସମସ୍ତ ଅଂଶୀଦାରମାନଙ୍କ ଦ୍ୱାରା ସମାନ୍ତରାଳ ଭାବେ ସମୀକ୍ଷା ବା ଅଡିଟ୍ କରାଯାଉଛି । ନିର୍ବାଚନ ପ୍ରକ୍ରିୟାର ବିଭିନ୍ନ ଦିଗ ଏବଂ ରାଜନୈତିକ ଦଳ ତଥା ପ୍ରାର୍ଥୀ ଭଳି ପ୍ରମୁଖ ଅଂଶୀଦାରମାନଙ୍କୁ ସାମିଲ କରି ଅତ୍ୟନ୍ତ ସ୍ୱଚ୍ଛତାର ସହ ଦେଶର ନିର୍ବାଚନ ପରିଚାଳନା କରିବାକୁ ପଦକ୍ଷେପ ନିଆଯାଉଛି। ଭାରତ ନିର୍ବାଚନ ଆୟୋଗର ମହାନିର୍ଦ୍ଦେଶକ(ଗଣମାଧ୍ୟମ) ଆଶିଷ ଗୋଏଲ ଗଣମାଧ୍ୟମକୁ ନିର୍ବାଚନ ଆୟୋଗର ଏକ ଅଂଶୀଦାର ଏବଂ ମତଦାତାଙ୍କ ମଧ୍ୟରେ ଏକ ସଶକ୍ତ ସେତୁ ଭାବେ ବର୍ଣ୍ଣନା କରିଥିଲେ। ଏହି ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ 'ଅଂଶୀଦାରମାନଙ୍କୁ ଯୋଡ଼ିବା, ଗଣତନ୍ତ୍ରକୁ ସଦୃଢ଼ କରିବା, ନିର୍ବାଚନରେ ଗଣମାଧ୍ୟମର ଭୂମିକା'। ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ସହିତ ନିର୍ବାଚନ ସମୟରେ ଭୋଟରମାନଙ୍କୁ ସଠିକ୍ ଓ ନିରପେକ୍ଷ ତଥ୍ୟ ପ୍ରଦାନ କରି ସଚେତନ କରିବାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ବିସ୍ତୃତ ଆଲୋଚନା କରାଯାଇଛି । ଆଗାମୀ ନିର୍ବାଚନ ସମୟରେ ଗଣମାଧ୍ୟମ ସଠିକ୍ ତଥ୍ୟ ଲୋକମାନଙ୍କ ପାଖରେ ପହଞ୍ଚାଇବା ତା ଉପରେ ଗୁରୁତ୍ୱ ଦିଆଯାଇଛି । ଏଥିସହ ଭୋଟରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଦିଗରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତପ୍ରକାଶ ପାଇଛି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ବିଷୟରେ ଜନସାଧାରଣଙ୍କୁ

◆◆ପୃଷ୍ଠା ୭

# ପାଠ୍ୟପୁସ୍ତକ ବିବାଦ: ଆକ୍ସନ୍ ମୋଡ୍‌ରେ କ୍ରାଇମବ୍ରାଞ୍ଚ, ତଦନ୍ତ ଜୋରଦାର

ଭୁବନେଶ୍ୱର, ୧୭/୭ (ନି.ପ୍ର): ପାଠ୍ୟପୁସ୍ତକରେ ତ୍ରୁଟି ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତକୁ ଆହୁରି ଜୋରଦାର କରିଛି । ଆଜି କ୍ରାଇମବ୍ରାଞ୍ଚର ଦୁଇ ଜଣିଆ ଟିମ୍ ଏକକାଳୀନ SCERT, OSEPA ଏବଂ ପାଠ୍ୟପୁସ୍ତକ ମୁଦ୍ରଣ ଓ ବିକ୍ରୟ କାର୍ଯ୍ୟାଳୟରେ ପହଞ୍ଚି ଯାଞ୍ଚ କରିଛନ୍ତି । ଟିମ୍ ପାଠ୍ୟପୁସ୍ତକ ମୁଦ୍ରଣାଳୟର ନିର୍ଦ୍ଦେଶକଙ୍କୁ ପଚରାଉଚରା କରିବା ସହ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଛି । ପ୍ରାୟ ଦୁଇ ଘଣ୍ଟା ଧରି ଏହି ଯାଞ୍ଚ ଚାଲିଥିଲା । ଏହା ମଧ୍ୟରେ ପାଠ୍ୟପୁସ୍ତକ ମୁଦ୍ରଣ ଓ ବିକ୍ରୟ କାର୍ଯ୍ୟାଳୟର ପୂର୍ବତନ ସିନିୟର ଅଫସେଟ ଅପରେଟର ପ୍ରଦୀପ କୁମାର ମିଶ୍ର କିଛି ଗୁରୁତର ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଅନୁସାରେ, ମୁଦ୍ରଣାଳୟରେ ପ୍ରୁଫ୍ ରିଡର ନଥିବାରୁ ପ୍ରୁଫ୍ ରିଡିଂ ବିନା ପାଠ୍ୟପୁସ୍ତକ ଛପାଯାଇଛି। ସେ ଆହୁରି ଅଭିଯୋଗ କରିଛନ୍ତି ଯେ, ପୂର୍ବତନ ପ୍ରୁଫ୍ ରିଡରଙ୍କଠାରୁ ୫ ଲକ୍ଷ ଟଙ୍କା ଲାଞ୍ଚ ନେଇ ପଦୋନ୍ନତି ଦିଆଯାଇଥିଲା । ଏହାଛଡ଼ା କମ୍ ଦାମରେ ପୁରୁଣା ମେସିନ୍ କିଣି କୋଟି କୋଟି ଟଙ୍କାର ହେରଫେର ହୋଇଥିବା ମଧ ସେ ଦାବି କରିଛନ୍ତି । ତେବେ ଏସବୁ କେବଳ ଅଭିଯୋଗ, ଏହାର ସତ୍ୟତା କ୍ରାଇମବ୍ରାଞ୍ଚ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ ।

# ଗୋଟେ ପ୍ରଶ୍ନପତ୍ରକୁ ୫ ଲକ୍ଷ: ୧୩୨ରୁ ୧୧୧ ପ୍ରଶ୍ନ ସମାନ ନିଟ୍ ପେପରକୁ ନେଇ ବଡ଼ ଖୁଲାସା




ନୂଆଦିଲ୍ଲୀ,୧୭/୭ : ନିଟ୍ ପ୍ରଶ୍ନପତ୍ର ନେଇ ସିବିଆଇ କରିଛି ବଡ଼ ଖୁଲାସା । ଲାତୁରର କୋଚିଙ୍ଗ ସେଣ୍ଟର ମାଲିକ ଶିବରାଜ ମୋଟେଗାଓଁକର ପ୍ରଶ୍ନପତ୍ର ପାଇଁ ୫ ଲକ୍ଷ ଟଙ୍କା ଦେଇଥିଲେ ଏବଂ କୁଲକର୍ଣ୍ଣି କୋଚିଙ୍ଗ କ୍ଲାସରେ ଲିକ୍ ହୋଇଥିବା ପ୍ରଶ୍ନର ୧୧୧ଟି ପ୍ରଶ୍ନ ପ୍ରକୃତ ପ୍ରଶ୍ନପତ୍ର ସହ ମିଶିଯାଉଥିଲା । ଏହା ଜଣାପଡ଼ିବା ପରେ ସିବିଆଇ ମୋଟେଗାଓଁକରଙ୍କର ବେଲକୁ ବିରୋଧ କରିଥିଲା । ଏ ପ୍ରଶ୍ନପତ୍ର କେମେଷ୍ଟ୍ରି ପେପରର । ସିବିଆଇର ଯାଞ୍ଚରୁ ଜଣାପଡ଼ିଛି , ମୋଟେଗାଓଁକର ଅନ୍ୟ ଅଭିଯୁକ୍ତଙ୍କ ସହ ମିଶି ଷଡଯନ୍ତ୍ର ରଚିଥିଲେ । ଏବଂ ପରୀକ୍ଷା ପୂର୍ବରୁ କେମେଷ୍ଟ୍ରି ପେପର ହାସଲ କଲେ । ମୋଟେଗାଓଁକରଙ୍କ ପୁଅ କୁଲକର୍ଣ୍ଣି କୋଚିଙ୍ଗ କ୍ଲାସକୁ ପଢ଼ିବାକୁ ଯାଉଥିଲା ।

# ଦେଶକୁ ମୋଦୀଙ୍କ ବଡ଼ ଉପହାର: ଦେଶରେ ଗଡ଼ିଲା ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍



ନୂଆଦିଲ୍ଲୀ,୧୭/୭ : ଭାରତରେ ଗଡ଼ିଲା ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍ । ନୂଆଯୁଗରେ ପାଦ ଥାପିଲା ଭାରତୀୟ ରେଳ । ଡିଜେଲ କି ବିଦ୍ୟୁତ୍ ନୁହେଁ, ହାଇଡ୍ରୋଜେନରେ ଦୌଡ଼ିଛି ଟ୍ରେନ୍ । ଭାରତୀୟ ରେଳ ଇତିହାସରେ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହରିୟାଣାର ଜିନ୍ଦ୍ - ସୋନିପତ୍ ରୁଟରେ ସବୁଜ ପତାକା ଦେଖାଇ ଏହି ଐତିହାସିକ ଟ୍ରେନ ଚଳାଚଳର ଶୁଭାରମ୍ଭ କରିଛନ୍ତି । ନା ବିଜୁଳି ଟେନସନ୍, ନା ଡିଜେଲର ଖର୍ଚ୍ଚ । ବିନା କୌଣସି ପ୍ରଦୂଷଣରେ ଟ୍ରାକ୍ ?ରେ ଦୌଡ଼ିଛି ଦେଶର ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍ । ଏହା ସହିତ ଭାରତ ସ୍ୱଚ୍ଛ ଏବଂ ଆଧୁନିକ ରେଳ ବ୍ୟବସ୍ଥାର ଏକ ନୂଆଯୁଗରେ ପ୍ରବେଶ କରିଛି। ଏହା ଏକ ପାଇଲଟ ପ୍ରୋଜେକ୍ଟ। ଏହି ପଦକ୍ଷେପ ସହିତ ଜର୍ମାନୀ, ଜାପାନ, ଚୀନ ଏବଂ ଆମେରିକା ଭଳି ଦେଶ ସହ ସମାନ ହୋଇଛି ଭାରତ। ଏହି ଟ୍ରେନର ବିଶେଷତ୍ୱ ହେଉଛି, ଏହା ସମ୍ପୂର୍ଣ୍ଣ ଭାବେ ଭାରତରେ ନିର୍ମିତ। ଏହା ସାଧାରଣ ଡିଜେଲ୍ ଟ୍ରେନ୍ ପରି ଧୂଆଁ ଛାଡ଼ିବ ନାହିଁ।

◆◆ପୃଷ୍ଠା ୭

# ସମ୍ପତ୍ତି ବିବାଦରେ ପୋଲିସକୁ ପ୍ରଭାବିତ କରିବାକୁ ଚେଷ୍ଟା : ଜାଲ୍ ଆରଏଡବ୍ଲୁ ଏବଂ ଆଇବି ଡକ୍ୟୁମେଣ୍ଟ ବ୍ୟବହାର କରି ଜାଲିଆତି, ଦୁଇ ଗିରଫ

ଗଞ୍ଜାମ, ୧୭/୦୭ (ନି.ପ୍ର): ସମ୍ପତ୍ତି ବିବାଦରେ ପୋଲିସକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିବା ଜାଲ୍ ଆରଏଡବ୍ଲୁ ଏବଂ ଆଇବି ଡକ୍ୟୁମେଂଟ ବ୍ୟବହାର କରି ଜାଲିଆତି ଏବଂ ଛଦ୍ମବେଶ ପାଇଁ ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ବ୍ରହ୍ମପୁର ପୋଲିସ ୧୫ ତାରିଖ ବି.ଏନ୍.ପୁର ପୋଲିସ ମାମଲା ନଂ. ୩୬୫ ରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮(୪), ୩୧୯(୨), ୩୩୬(୩), ୩୩୭, ୩୩୮ ଏବଂ ୩(୫) ଅନୁଯାୟୀ ସମ୍ପୃକ୍ତ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ୫୩ ବର୍ଷ ବୟସ୍କ ଦୁର୍ଗା ପ୍ରସାଦ ବ୍ରହ୍ମା, ମଦନ ମୋହନ ବ୍ରାହ୍ମଣଙ୍କ ପୁଅ, ପଣ୍ଡା ଶାସନମ୍, ବ୍ରାହ୍ମଣତରିଆ, ପିଏସ୍ ପଲାସା, ଜିଲ୍ଲା ଶ୍ରୀକାକୁଲମ, ଆନ୍ଧ୍ରପ୍ରଦେଶର ନିବାସୀ ଏବଂ ପ୍ରଦୀପ କୁମାର ମଣ୍ଡଳ, ୫୮ ବର୍ଷ ବୟସ୍କ, ସ୍ୱର୍ଗତ ରାମ ଚନ୍ଦ୍ର ମଣ୍ଡଳଙ୍କ ପୁଅ, ନିଗମ ନଗର, ଲେନ୍ ୦୩, ଆଙ୍କୁଲି, ବ୍ରହ୍ମପୁର, ପିଏସ୍ ବୈଦ୍ୟନାଥପୁର ନିବାସୀ। ଉଭୟ ଅଭିଯୁକ୍ତ ଅବସରପ୍ରାପ୍ତ ଭାରତୀୟ ସେନା କର୍ମଚାରୀ ଯେଉଁମାନେ ସେମାନଙ୍କ ଚାକିରି ସମୟରେ ପରସ୍ପରକୁ ଜାଣିଥିଲେ।ପ୍ରଦୀପ କୁମାର ମଣ୍ଡଳଙ୍କ ଆଙ୍କୁଲିରେ ତାଙ୍କ ପୈତୃକ ସମ୍ପତ୍ତିକୁ ନେଇ ଦୀର୍ଘ ଦିନ ଧରି ବିବାଦ ଥିଲା। ୨୦୧୧ ମସିହାରେ, ତାଙ୍କ ଭାଇଭଉଣୀ - ଅରବିନ୍ଦ କୁମାର ମଣ୍ଡଳ, ପବିତ୍ର କୁମାର ମଣ୍ଡଳ, ପ୍ରମୋଦ କୁମାର ମଣ୍ଡଳ, ବ୍ରଜ ବନ୍ଧୁ ମଣ୍ଡଳ ଏବଂ ତାଙ୍କ ମାଆ ନିର୍ମଳା ମଣ୍ଡଳ ତାଙ୍କ ସମ୍ମତି ବିନା ସେମାନଙ୍କର ସମ୍ପତ୍ତି ବିକ୍ରି କରିଥିଲେ। ସେ ଏହି ସମ୍ପର୍କରେ ଏକ ସିଭିଲ୍ ମୋକଦ୍ଦମା ଦାୟର କରିଥିଲେ। ୨୦୨୫ ମସିହାରେ, ପ୍ରଦୀପ କୁମାର ମଣ୍ଡଳ ବ୍ରହ୍ମପୁର ତହସିଲଦାରଙ୍କ ଦ୍ୱାରା ଜାରି କରାଯାଇଥିବା ତାଙ୍କ ମାଆଙ୍କ ଆଇନଗତ ଉତରାଧିକାରୀ ପ୍ରମାଣପତ୍ରର ଏକ ପ୍ରମାଣିତ କପି ପାଇଥିଲେ। ପ୍ରମାଣପତ୍ରରେ ତାଙ୍କ ଭାଇଭଉଣୀ ଏବଂ ଜଣେ ନିରୁପମା ନାୟକଙ୍କ ନାମ ଉଲ୍ଲେଖ ଥିଲା କିନ୍ତୁ ତାଙ୍କ ନାମ ଉଲ୍ଲେଖ ନଥିଲା।ତାଙ୍କ ପରିବାର ସଦସ୍ୟଙ୍କୁ ଚାପ ପକାଇବା ଏବଂ ତାଙ୍କ ସପକ୍ଷରେ ସମ୍ପତ୍ତି ମାମଲା ସମାଧାନ କରିବା ପାଇଁ, ଦୁଇ ଅଭିଯୁକ୍ତ ଷଡ଼ଯନ୍ତ୍ର କରିଥିଲେ ଏବଂ ଗବେଷଣା ଏବଂ ବିଶ୍ଳେଷଣ ୱିଙ୍ଗ (ଆରଏଡବ୍ଲୁ) ଏବଂ ଇଂଟେଲିଜେନ୍ସ ବ୍ୟୁରୋ (ଆଇବି) ଦ୍ୱାରା ଜାରି କରାଯାଇଥିବା ଜାଲ୍ କାଗଜପତ୍ର ପ୍ରସ୍ତୁତ କରିଥିଲେ, ଯାହା ନକଲି ସରକାରୀ ମୋହର ସହିତ ପୂର୍ଣ୍ଣ ହୋଇଥିଲା। ସେମାନେ ଅନ୍ୟ ଜାଲ୍ ପରିଚୟ ପତ୍ର ଏବଂ ଆଇବି ଏବଂ ଆରଏଡବ୍ଲୁ ଦ୍ୱାରା ଜାରି କରାଯାଇଥିବା ଏକ ଜାଲ୍ ଛୁଟି ପ୍ରମାଣପତ୍ର ମଧ୍ୟ ପ୍ରସ୍ତୁତ କରିଥିଲେ। ସେମାନେ ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ନିଜକୁ ଆରଏଡବ୍ଲୁ ଏବଂ ଆଇବି ର ଅଧିକାରୀ ବୋଲି ପରିଚୟ ଦେଇଥିଲେ। ତଦନ୍ତ ସମୟରେ, ଦୁହିଁଙ୍କ ଠାରୁ ସେବା ସମ୍ବନ୍ଧୀୟ କାର୍ଡ,- ଜାଲ୍ ଆରଏଡବ୍ଲୁ ମୁଭମେଂଟ ଅର୍ଡର ନମ୍ବର ୧୦୮୧/ଆର୨/୩୬୯/୨୦୨୬ (୨ ପୃଷ୍ଠା) ଏବଂ ଜାଲ୍ ଆଇବି ପ୍ରତିନିଧିତ୍ୱ ପତ୍ର ରେଫରେନ୍ସ ନମ୍ବର ୦୦୮୪୨୧ଏଆଇ, ପ୍ରଦୀପ କୁମାର ମଣ୍ଡଳଙ୍କ 'ଅଭିନବ ଚୌଧୁରୀ, ଏଡିଜି ୟୁନିଟ୍-୭ ସିଏଲୟୁ' ନାମରେ ଜାଲ୍ ଛୁଟି ପ୍ରମାଣପତ୍ର, ଆଇନଗତ ଉତରାଧିକାରୀ ପ୍ରମାଣପତ୍ରର କପି (କେସ୍ ନମ୍ବର ଇ-ଏଲଏଚସି/୨୦୨୫/୧୦୮୮୮) ଜବତ କରାଯାଇଥିଲା। ବି.ଏନ୍.ପୁର ପୋଲିସ ଷ୍ଟେସନର ଏଏସଆଇ ଅନନ୍ତ ନାରାୟଣଙ୍କ ଲିଖିତ ରିପୋର୍ଟ ଆଧାରରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ଭାରତୀୟ ନ୍ୟାୟ ସଂହିତାର ଆବାହିତ ଧାରା ଅନୁଯାୟୀ ପ୍ରାଥମିକ ପ୍ରମାଣ ପ୍ରତିଷ୍ଠିତ ହୋଇଛି। ସେମାନଙ୍କୁ କୋର୍ଟକୁ ପଠାଯାଇଛି। ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଚାଲିଛି।

# ଭଦ୍ରକରେ ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

ଭଦ୍ରକ, ୧୭/୦୭ (ନି.ପ୍ର): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଆଜି ଭଦ୍ରକସ୍ଥିତ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବି ନାରାୟଣ ସାହୁ ଉପସ୍ଥିତ ରହି ଭଦ୍ରକ ଜିଲ୍ଲାରେ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ହେଉଥିବାରୁ ଆନନ୍ଦ ପ୍ରକାଶ କରିଥିଲେ। ସେମାନେ ବିପ୍ଳବୀ ଚକ୍ରଧର ବେହେରାଙ୍କ ତ୍ୟାଗ, ସଂଘର୍ଷମୟ ଜୀବନ ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଏବଂ ସମ୍ମାନନୀୟ ବକ୍ତା ଭାବେ ଚକ୍ରଧର ବେହେରା ସ୍ମୃତି କମିଟିର ସଭାପତି ବାସୁଦେବ ବାରିକ ଯୋଗଦେଇ କନିକା ପ୍ରଜା ଆନ୍ଦୋଳନର ମୁଖ୍ୟ ସୂତ୍ରଧର ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୀବନାଦର୍ଶ, ଦେଶପ୍ରେମ ଓ ସାମାଜିକ ଚେତନା ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଉପସ୍ଥିତ ଶ୍ରୋତାମାନଙ୍କୁ ଅନେକ ତଥ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଚକ୍ରଧର ବେହେରା ସ୍ମୃତି କମିଟିର ସମ୍ପାଦକ ଉପେନ୍ଦ୍ର ବାରିକ ଯୋଗଦେଇ ବିପ୍ଳବୀଙ୍କ ପିଲାବେଳ, ଦେଶପ୍ରେମ ଏବଂ ସ୍ୱାଧୀନତା ପ୍ରତି ତାଙ୍କର ଦୃଢ଼ ମାନସିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସ୍ତରୀୟ ଜୟନ୍ତୀ ଉପଲକ୍ଷେ ବିପ୍ଳବୀ ଚକ୍ରଧର ବେହେରାଙ୍କ ସ୍ୱାଧୀନତା ସଂଗ୍ରାମରେ ଅବଦାନ ଉପରେ ଭଦ୍ରକରେ ହାଇସ୍କୁଲ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଚରମ୍ପା ଉଚ୍ଚ ବିଦ୍ୟାଳୟର ଭାଗ୍ୟବତୀ ଖୁଂଟିଆ, ଜିଲ୍ଲା ସ୍କୁଲ, ଭଦ୍ରକର,ଶୀତଲ ମଲ୍ଲିକ ଏବଂ ଆର.ସି.ବି.ଏଲ. ଉଚ୍ଚ ବିଦ୍ୟାଳୟର ମନୀଷା ରାଣୀ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବେଆଇନ ବ୍ରାଉନ୍ ସୁଗର କାରବାରରେ ବାପ, ପୁଅ ଗିରଫ

ସମ୍ବଲପୁର, ୧୭/୦୭ (ନି.ପ୍ର): ସମ୍ବଲପୁର ଜିଲ୍ଲା ଠେଲକୋଲୋଇ ଥାନା ପୋଲିସକୁ ବେଆଇନ ବ୍ରାଉନ୍ ସୁଗାର କାରବାର ବିରୋଧରେ ମିଳିଛି ବିଶେଷ ସଫଳତା । ସମ୍ବଲପୁର ପୋଲିସ ଜିଲ୍ଲା ଅନ୍ତର୍ଗତ ଠେଲକୋଲୋଇ ଥାନାରେ ୩୩୮/୨୬ରେ ହୋଇଥିବା ଏନଡିପିଏସ୍ ମାମଲାରେ ପୋଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନଙ୍କ ଚିହ୍ନଟରେ ରେଙ୍ଗାଲି ଥାନା ଅନ୍ତର୍ଗତ ସିଆନବାହାଲ ଗ୍ରାମର ୪୧ ବର୍ଷିୟ ଶଙ୍କର ଓରାମ ଏବଂ ତା'ର ୧୯ ବର୍ଷିୟ ପୁଅ ସ୍ୱାଧୀନ ଓରାମ ବୋଲି ଜଣାପଡିଛି । ପୋଲିସ ସୂଚନା ଅନୁଯାୟୀ, ଗତ ଜୁଲାଇ ୧୫ ତାରିଖ ରାତି ୧୦ ଟା ବେଳେ ଠେଲକୋଲୋଇ ଥାନାର ଏସ୍ଆଇ ପି ଏମ୍ ମହାନ୍ତି ଓ ସହ କର୍ମଚାରୀମାନେ ଖିଣ୍ଡା ସ୍ଥିତ ପିଡବ୍ଲୁଡି ରୋଡ଼ର ସାତଗୋଛିଆ ଛକ ନିକଟରେ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ନିୟନ୍ତ୍ରଣ ହରା ଓ ସନ୍ଦେହଜନକ ଭାବେ ଯାଉଥିବା ସ୍କୁଟିକୁ ଅଟକାଇ ଯାଂଚ କରିଥିଲେ। ଯାଂଚ ସମୟରେ ସ୍କୁଟି ଡିକିରେ ୧୦.୫୮ ଗ୍ରାମ ବ୍ରାଉନ୍ ସୁଗାର ଥିବା ଦେଖିବାକୁ ମିଳିଥିଲା । ପୋଲିସ ତୁରନ୍ତ ଦୁଇ ସନ୍ଦିଗ୍ଧଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୦.୫୮ ଗ୍ରାମ ବ୍ରାଉନ୍ ସୁଗାର, ଓଡି ୧୫ ଏସ୍ ୯୧୭୯ ନମ୍ବରର ନୀଳ ରଙ୍ଗର ଟିଭିଏସ୍ ଜୁପିଟର ସ୍କୁଟି, ଏକ ୧୫ ପ୍ରୋ ଆଇଫୋନ୍ ଓ ନଗଦ ୧୩ ହଜାର ୬ ଶହ ଟଙ୍କା ଜବତ କରିଥିଲା ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟାକାଣ୍ଡ ଜଣେ ମୃତ ୩ ଗୁରୁତର

ଜୟପୁର, ୧୭/୦୭ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ସଦର ଥାନା ଅନ୍ତର୍ଗତ ସିନ୍ଧିଗାଁରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ ଘଟଣା ଘଟିଛି। ଏହି ଆକ୍ରଣରେ ଜଣେ ମୃତ ହୋଇଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ପୋଲିସ ସୂଚନା ପାଇ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି। ମୃତକ ଜଣକ ହେଲେ ଅଭିନବ ଗଦବା। ସିନ୍ଧିଗାଁ ଭାଗିରଥି ଗାଦବା ସେ ଲିଖିତ ଅଭିଯୋଗ କରିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ଗୋପୀନାଥ ଗାଦବା ତାଙ୍କ ପୁଅ ତ୍ରିପତି ଗାଦବା ଓ ପ୍ରଫୁଲ ଗାଦବା ୩ ଜଣ ମିଶି ବୁଝାମଣା ପାଇ ଅଭିନବ ଗଦବା, ଟୁକୁନା ଗାଦବା ଓ ପ୍ରଦିପ ଗାଦବାଙ୍କୁ ଗ୍ରାମରେ ଥିବା ତ୍ରିନାଥ ମଣ୍ଡପ ନିକଟରେ ଆଙ୍ଗନବାଡ଼ୀ କେନ୍ଦ୍ର ସମ୍ମୁଖରେ ଡାକିଥିଲେ। ଏହି ସମୟରେ ଅଭିନବ ଗାଦବା, ଟୁକୁନା ଗଦବା ପ୍ରଦିପ ଗାଦବା ଯାଇ ସେଠାରେ ପହଂଚିବାରୁ ହଠାତ ୩ ଜଣ ଗୋପୀନାଥ ତ୍ରିପତି ଓ ଫୁଫୁଲ ବିଭିନ୍ନ ଖଣ୍ଡା, ଭୁଜାଲି, ଚେନ ମାରଣାସ୍ତ୍ର ଧରି ବିନା କାରଣରେ ଉତ୍ୟକ୍ତ ହୋଇ ବିନା କୌଣସି କଥା ବଂଟାରେ ଟୁକୁନା ଗାଦବାକୁ ପ୍ରଫୁଲ ଗଦବା ଖଣ୍ଡା ଆକ୍ରମଣ କରିଥିଲା। ଏହି ସମୟରେ ଅଭିନବ ଗଦବାକୁ ତ୍ରିପତି ଗୋପୀନାଥ ମିଶି ଭୁଜାଲିରେ ଆକ୍ରମଣ କରିଥିଲେ। ସେହି ସମୟରେ ପ୍ରଫୁଲ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ଅଭିନବକୁ ଆକ୍ରମଣ କରିଥିଲା। ଫଳରେ ଅଭିନବ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିଲେ। ମୃତ୍ୟୁବରଣ କରିବା ପରେ ମଧ ଅଭିଯୁକ୍ତମାନେ ଆକ୍ରମଣ କରିବାରେ ଲାଗିଥିଲେ। ଏହି ସମୟରେ ପ୍ରଦିପ ଗାଦବାକୁ ମଧ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ମାରଣାସ୍ତ୍ର ଆକ୍ରମଣ କରିଥିଲେ। ସେ ଗୁରୁତର ହେବାରୁ ଚିକିତ୍ସାଳୟକୁ ନିଆଯାଇଥିଲା। ପରେ ଟୁକୁନା ଗାଦବାକୁ ୩ ଜଣ ଦୁବୃର୍ତ୍ତ ମାଶି ମାରାଣାସ୍ତ୍ର ଦ୍ୱାରା ଆକ୍ରମଣ କରିଥିଲେ ଫଳରେ ଟୁକୁନାର ହାତ ଭାଙ୍ଗିବାସହ ସେ ଗୁରୁତର ହୋଇ କୋରାପୁଟ ସ୍ଥିତ ଶହଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜର ଭର୍ତି କରାଯାଇ ଚିକିତ୍ସା କରାଯାଇଛି। ଅଭିଯୋଗକାରି ଭାଗିରଥି ଗାଦବା ସ୍ତ୍ରୀକୁ ମଧ ୩ ଜଣ ମିଶି ପେଟରେ ଲାତ ମାରିବା ଦ୍ୱାରା ସେ ଗୁରୁତର ହୋଇଥିଲେ। ତାଙ୍କୁ ମଧ ମେଡ଼ିକାଲରେ ଭର୍ତି କରାଯାଇଛି। ଏମାନଙ୍କର ପାଟି ଶୁଣି ଗ୍ରାମବାସୀ ଆସିବୁରା ଅଭିଯୁକ୍ତମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଭାଗିରଥି ଗାଦବା ଭାଇ-ମା'ଙ୍କୁ ୩ଜଣଙ୍କ କବଳରୁ ବଂଚାଇବାକୁ ଯିବା ସମୟରେ ଜଗନ୍ନାଥ ଗାଦବା ଧରି ଥିବାରୁ ଅଭିନବର ମୃତ୍ୟୁ ହୋଇଥିବା ଉଲ୍ଲେଖ କରାଯାଇଛି। ଗ୍ରାମରେ ପୋଲିସ ତରଫରୁ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି। ମୃତ ବ୍ୟକ୍ତିର ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣା ସ୍ଥଳରେ ସାଇଂଟିଫିକ୍ ଟିମ୍ ତଦନ୍ତ କରିଥିବାବେଳେ ଏସ୍‌ଡିପିଓ ଅର୍ଚ୍ଚିତା ମିତଲ ପହଂଚି ତଦନ୍ତ କରିଛନ୍ତି। ଏନେଇ ଜୟପୁର ସଦର ପୋଲିସ ଆଜିରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଉଦ୍ୟାନ କୃଷି କ୍ଷେତ୍ରରେ କୃଷକଙ୍କ ଆୟ ବୃଦ୍ଧି ଓ ରୋଜଗାର ସୃଷ୍ଟି ପାଇଁ ଝାରସୁଗୁଡ଼ାରେ ଏକଦିବସୀୟ କର୍ମଶାଳା: ୧୦୦ରୁ ଅଧିକ ଚାଷୀ ସାମିଲ୍

ଝାରସୁଗୁଡ଼ା, ୧୭/୦୭ (ନି.ପ୍ର): ଉଦ୍ୟାନ କୃଷି କ୍ଷେତ୍ରରେ କୃଷକଙ୍କ ଆୟ ବୃଦ୍ଧି ଓ ରୋଜଗାର ସୃଷ୍ଟି ଉଦ୍ଦେଶ୍ୟରେ ମଲ୍ଲୀ ଓ ରଜନୀଗନ୍ଧା ଫୁଲ ଚାଷ, ମୂଲ୍ୟ ସଂଯୋଜନ, ମହୁମାଛି ପାଳନର ପ୍ରୋତ୍ସାହନ, ଶୀତଳ ଭଣ୍ଡାର ପ୍ରତିଷ୍ଠା ଏବଂ ସଂରକ୍ଷିତ ଚାଷ ବିଷୟକୁ ନେଇ ଏକଦିବସୀୟ କର୍ମଶାଳା ଝାରସୁଗୁଡ଼ା କୃଷି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ଜିଲ୍ଲାର ପ୍ରାୟ ୧୦୦ରୁ ଅଧିକ ପ୍ରଗତିଶୀଳ କୃଷକ, କୃଷକ ଉତ୍ପାଦକ ସଂଗଠନର ପ୍ରତିନିଧି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟମାନେ ଯୋଗଦେଇ ନିଜର ଆୟ ଦ୍ୱିଗୁଣିତ କରିବାର ଆଧୁନିକ କୌଶଳ ଶିଖିଛନ୍ତି। ଏହି କର୍ମଶାଳାରେ ଡ଼ଃ ପ୍ରିୟବ୍ରତ ମହାପାତ୍ର, ପ୍ରଫେସର, ରସାୟନ ବିଜ୍ଞାନ ବିଭାଗ ତଥା ସେଂଟ୍ରାଲ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିସିନାଲ୍ ଆଣ୍ଡ ଆରୋମାଟିକ୍ ପ୍ଲାଂଟସର ପ୍ରତିନିଧି ଏବଂ ଅନୁଗୁଳର ଫରେଷ୍ଟ ଇକୋଲୋଜିକାଲ ସର୍ଭସର ପୂର୍ବତନ ଅଧିକାରୀ ଅଶୋକ ଶତପଥୀ ବିଶେଷଜ୍ଞ ଅତିଥି ଭାବେ ଯୋଗଦେଇ ଚାଷୀମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏହା ସହିତ ଝାରସୁଗୁଡ଼ା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଦୀପ୍ତିପ୍ରଭା ଭିତ୍ରିଆ, ମହୁମାଛି ପାଳନ ସଂଯୋଜକ ଲଲାଟେନ୍ଦୁ ମହାନ୍ତି, ବନ ବିଭାଗର ତାରକେଶ୍ୱର ପ୍ରଧାନ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତୁଳସୀ ମାଝୀ ଏବଂ କଟକ ସ୍ଥିତ ଆଦ୍ୟା ଶକ୍ତି ଏଗ୍ରୋ ଭିଜନର ନିର୍ଦ୍ଦେଶକ ସବ୍ୟସାଚୀ ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି କର୍ମଶାଳାକୁ ସମୃଦ୍ଧ କରିଥିଲେ। କର୍ମଶାଳାର ବିଶେଷଜ୍ଞମାନେ ମଲ୍ଲୀ ଓ ରଜନୀଗନ୍ଧାର ଆଧୁନିକ ଚାଷ ପ୍ରଣାଳୀ, ଗୁଣାତ୍ମକ ଚାରା ଉତ୍ପାଦନ, ଫୁଲର ଗ୍ରେଡିଂ ଏବଂ ପ୍ୟାକେଜିଂ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବିଶେଷକରି ଫୁଲରୁ କିପରି ସୁଗନ୍ଧିତ ଦ୍ରବ୍ୟ ଏବଂ ବ୍ୟବସାୟିକ ଗଜରା ସମେତ ବିଭିନ୍ନ ମୂଲ୍ୟ ସଂଯୋଜିତ ଉତ୍ପାଦ ପ୍ରସ୍ତୁତ କରାଯାଇ ବଜାରରେ ଅଧିକ ମୂଲ୍ୟରେ ବିକ୍ରି କରାଯାଇପାରିବ, ସେ ସମ୍ପର୍କରେ ଚାଷୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଫୁଲ ଚାଷ ସହିତ ମହୁମାଛି ପାଳନ କରାଗଲେ ପରାଗସଂଯୋଗ ବୃଦ୍ଧି ପାଇବା ସହ ଫସଲ ଉତ୍ପାଦନ ଏବଂ କୃଷକଙ୍କ ଅତିରିକ୍ତ ଆୟ ବୃଦ୍ଧି ପାଇପାରିବ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା । ଫୁଲର ଗୁଣବତା ବଜାୟ ରଖିବା, ଅମଳ ପରବର୍ତୀ କ୍ଷତି ହ୍ରାସ କରିବା ଏବଂ ଉନ୍ନତ ବଜାର ସଂଯୋଗ ସୁନିଶ୍ଚିତ କରିବା ପାଇଁ ଶୀତଳ ଭଣ୍ଡାର ଓ ସଂରକ୍ଷିତ ଚାଷ ବ୍ୟବସ୍ଥାର ଗୁରୁତ୍ୱ ଉପରେ ମଧ ଆଲୋକପାତ କରାଯାଇଥିଲା। ଏହି ଭିତିଭୂମି ସୁବିଧା କୃଷକମାନଙ୍କୁ ବର୍ଷସାରା ଗୁଣାତ୍ମକ ଫୁଲ ଉତ୍ପାଦନ କରିବା ସହ ଉତମ ବଜାର ମୂଲ୍ୟ ପାଇବାରେ ସହାୟକ ହେବ। ଏହି ଅବସରରେ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀମତୀ ଦୀପ୍ତିପ୍ରଭା ଭିତ୍ରିଆ ଫୁଲଚାଷ, ମୂଲ୍ୟ ସଂଯୋଜନ, ଶୀତଳ ଭଣ୍ଡାର, ସଂରକ୍ଷିତ ଚାଷ ଏବଂ ମହୁମାଛି ପାଳନର ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଓ ପ୍ରୋତ୍ସାହନମୂଳକ ପଦକ୍ଷେପ ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ଅବଗତ କରାଇଥିଲେ। କର୍ମଶାଳାର ସମାପନୀ ଅଧିବେଶନରେ ଯୋଗଦେଇଥିବା ୧୦୦ରୁ ଅଧିକ କୃଷକ ଓ କୃଷି ଉଦ୍ୟୋଗୀମାନେ ଏହି ପ୍ରଶିକ୍ଷଣ ଦ୍ୱାରା ବହୁମାତ୍ରାରେ ଉପକୃତ ହୋଇଥିବା ପ୍ରକାଶ କରିବା ସହ ବାଣିଜ୍ୟିକ ଭିତିରେ ଫୁଲଚାଷ, ମହୁମାଛି ପାଳନ ଏବଂ ଆଧୁନିକ ଉଦ୍ୟାନ କୃଷି ପ୍ରଣାଳୀକୁ ଆହୁରି ବିସ୍ତାର କରି ନିଜର ଆୟ ଓ ରୋଜଗାର ସୁଯୋଗ ବୃଦ୍ଧି କରିବା ପାଇଁ ଗଭୀର ଆଗ୍ରହ ପ୍ରକାଶ କରିଥିଲେ।

# ଆଇନ ସଚେତନତା ଶିବିର

ଜୟପୁର, ୧୭/୦୭ (ନି.ପ୍ର): ଦାରିଦ୍ର୍ୟ ଦୂରୀକରଣ ଯୋଜନାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଜୟପୁର ଆନୁକୂଲ୍ୟରେ ଶ୍ରୀ ପ୍ରଦୀପ କୁମାର ମହନ୍ତ ଜିଲ୍ଲା ଜଜ୍ ତଥା ଅଧକ୍ଷ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଜୟପୁରଙ୍କ ତତ୍ୱବଧାନ କୁନ୍ଦ୍ରା ବ୍ଲକ ସଭା ଗୃହ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସଚିବ ତଥା ଲୋକ ଅଦାଲତ ବିଚାରପତି ମୁଖ୍ୟ ଅତୀଥି ଭାବରେ ଯୋଗ ଦେଇଥିଲେ। ଅନ୍ୟଅତିଥିମାନଙ୍କ ମଧରେ ଡେପୁଟି ଚିଫ୍ ଲିଗାଲ ଡିଫେନ୍ସ କାଉନସେଲ, ଶ୍ରୀ ହରିଶ୍ଚନ୍ଦ୍ର ମୁଦୁଲି, କେ.ଦିବାକର ରାଓ, ସ୍ୱତନ୍ତ୍ର ପି.ପି. ସ୍ୱତନ୍ତ୍ର ପୋକ୍ସ କୋର୍ଟର ଶ୍ରୀ ପି.ସନ୍ୟାସି ରାଓ ଏବଂ ସି.ଡି.ପି.ଓ., କୁନ୍ଦ୍ରା ଶର୍ମିଷ୍ଠା ନାୟକ ଯୋଗ ଦେଇଥିଲେ। ଏଥିରେ ଜାତୀୟ ଆଇନ ସେବା ପ୍ରାଧିକରଣ, ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, ଏବଂ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଦ୍ୱାରା ରହିଥିବା ଜନଉପଯୋଗୀ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲ। ଯଥା ବାଲ୍ୟ ବିବାହ ଆଇନ, ଏସିଡି ଆକ୍ରମଣ, ଦାରିଦ୍ର୍ୟ ଦୂରିକରଣ, ମାଦକ ଦ୍ରବ୍ୟ, ନାରୀଚାଲାଣା, ପ୍ୟାନେଲ ଆଇନଜୀବି ନିଯୁକ୍ତି, ପୋକ୍ସ ଆକ୍ଟ, ପାରାଲିଗାଲ ସ୍ୱେଚ୍ଛାସେବୀ, ପାରା-ଲିଗାଲ୍ ସ୍ୱେଚ୍ଛାସେବକ ଅର୍ଥ ହେଉଛି ଯାହା ପାରା ଲିଗାଲ୍ ସ୍ୱେଚ୍ଛାସେବକଙ୍କ ପାଇଁ ଯୋଜନା(ସଂଶୋଧିତ) ଅନ୍ତର୍ଗତ ପରିଭାଷିତ ଏବଂ ପ୍ରଶିକ୍ଷିତ- ଏବଂ ତାଲିମ ପାଇଁ ଓରିଏଂଟେସନ୍-ପ୍ରେରଣା-ରିଫ୍ରେସର ପାଠ୍ୟକ୍ରମ ପାଇଁ ମଡ୍ୟୁଲ୍। ୭) 'ଦାରିଦ୍ର୍ୟ ଦୂରୀକରଣ ଯୋଜନା' ଅର୍ଥ ହେଉଛି କେନ୍ଦ୍ର ସରକାର କିମ୍ୱା ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଯେକୌଣସି ଯୋଜନା/କାର୍ଯ୍ୟକ୍ରମ/- ଯାହା ଦାରିଦ୍ର୍ୟର ଯେକୌଣସି ଦିଗକୁ ସମାଧାନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିରେ ସାମାଜିକ ସୁରକ୍ଷା ପଦକ୍ଷେପ ମଧ ଅନ୍ତର୍ଭୁକ୍ତ। ୮) 'ଯୋଜନା ହିତାଧିକାରୀ' ଅନ୍ତର୍ଭୁକ୍ତ: ଇତ୍ୟାଦି ଉପସ୍ଥିତ ଥିବା ଏମ୍‌ବିକେ, ସିଆର୍‌ପିଏଫ୍, ଅଙ୍ଗନୱାଡ଼ି, ଆଶା କର୍ମୀମାନଙ୍କୁ ବୁଝାଇଥିଲେ।

## ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭଦ୍ରକ, ୧୭/୦୭ (ନି.ପ୍ର): ନାରୀଟିଏ ସଶକ୍ତ ହେଲେ ଭ୍ରଷ୍ଟାଚାର ବିଲୁପ୍ତ ହୁଏ ଏବଂ ରାଷ୍ଟ୍ରର ବିକାଶ ହୋଇ ଥାଏ । ଶକ୍ତିଶ୍ରୀ ଏମ୍ପାୱାରମେଂଟ ସେଲ ଜରିଆରେ ଭଦ୍ରକ ମହିଳା ମହାବିଦ୍ୟାଳୟରେ ଛାତ୍ରୀମାନଙ୍କୁ ନେଇ ଚାଲିଥିବା ସପ୍ତାହବ୍ୟାପୀ ଆତ୍ମ ସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଯା ପିତ ହୋଇଯାଇଛି । ଶକ୍ତିଶ୍ରୀ ସଂଯୋଜିକା ଅଧାପିକା ଜ୍ୟୋତ୍ସ୍ନାରାଣୀ ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉଦଯାପନୀ ସଭାରେ ଓଡ଼ିଆ ବିଭାଗର ମୁଖ୍ୟ ଅଧାପକ ଡ ଅଭୟ କୁମାର ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ନାରୀ ସଶକ୍ତିକରଣର ନିମନ୍ତେ ନାରୀର ମହନୀୟ ଗୁଣାବଳୀର ବିକାଶ ଆବଶ୍ୟକ ଏବଂ ନାରୀଟିଏ ସର୍ବଦା ନିଜ ଅନ୍ତରର ଶକ୍ତିକେନ୍ଦ୍ରକୁ ଜାଗ୍ରତ ରଖି ପାରିଲେ ସମାଜରୁ ବ୍ୟଭିଚାର ଦୂର ହୋଇ ପାରିବ ବୋଲି ଅଭିବ୍ୟକ୍ତି ରଖିଥିଲେ ।

## ତାଲା ଭାଙ୍ଗି ସ୍କୁଲରୁ ଲୁଟିନେଲେ ସାମଗ୍ରୀ

ଭଦ୍ରକ, ୧୬ ଜୁଲାଇ (ହି.ସ.) - ଶିକ୍ଷାର ମନ୍ଦିରରୁ କଳାକାନା ବୁଲାଇଲେ ଚୋର।ବନ୍ତ ବ୍ଲକ ଆଗରପଡ଼ା ଥାନା ନୂଆପୋଖରି ପ୍ରାଥମିକ ବିଦ୍ୟାଳୟର ମୁଖ୍ୟ ଫାଟକ ଠାରୁ ଆରମ୍ଭ କରି କମ୍ପ୍ୟୁଟର ରୁମ୍ ଏବଂ ଷ୍ଟୋର ରୁମ୍ ପର୍ଯ୍ୟନ୍ତ ସବୁଠି ତାଲା ଭାଙ୍ଗି ସର୍ବସ୍ୱ ଲୁଟି ନେଇଛନ୍ତି ଦୁର୍ବୃତ। ମିଳିଥିବା ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ ମାନେ ମୁଖ୍ୟ ଫାଟକ,କମ୍ପ୍ୟୁଟର ଗୃହ ଏବଂ ମଧ୍ୟାହ୍ନ ଭୋଜନ ଗୃହର ଚାବି ଭାଙ୍ଗି ସମସ୍ତ ସାମଗ୍ରୀ ଲୁଟି ନେଇଛନ୍ତି।

# ଲାଂଚ ନେଇ ରାଜସ୍ୱ ନିରୀକ୍ଷକ ଗଲେ ଜେଲ୍

ଜୟପୁର, ୧୭/୦୭ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ତହସିଲର ସିରିଝୁଲି ଆର୍‌ଆଇ ସୁଶାନ୍ତ ମଲ୍ଲିକ ଏକ ମ୍ୟୁଟେସନ ମାମଲାରେ ତଦନ୍ତ ରିପୋର୍ଟ ଦାଖଲ କରିବା ଏବଂ ତାଙ୍କ ପୈତୃକ ଜମିର(ଜମି ପଟା) ତାଙ୍କ ସପକ୍ଷରେ ପ୍ରଦାନ କରିବା ପାଇଁ ଜଣେ ଆବେଦନକାରୀଙ୍କ ଠାରୁ ୨୫,୦୦୦ ଟଙ୍କା ଲାଂଚ ଦାବି କରୁଥିବା ଏବଂ ନେଉଥିବା ସମୟରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି । ଏନେଇ ଆଜି ସଂନ୍ଧ୍ୟାରେ କୋର୍ଟଚାଲାଣ କରିଛନ୍ତି। କୋର୍ଟ ଟଙ୍କା ଜାମିନ ଖାରଜ କରି ଜେଲ୍ ହାଜତକୁ ପଠାଇ ଦେଇଛନ୍ତି। ଲାଂଚ ନେଇ ବୁଧବାର ଗିରଫ ହୋଇଥିଲେ ରାଜସ୍ୱ ନିରୀକ୍ଷକ। ଆବେଦନକାରୀ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ସରକାରଙ୍କ ନିୟମ ଅନୁଯାୟୀ ଅନ୍‌ଲାଇନ୍‌ରେ ଆବେଦନ କରିଥିଲେ ଏବଂ ଆବଶ୍ୟକ ଫି ଜମା କରିଥିଲେ। କିନ୍ତୁ, ଅଭିଯୁକ୍ତ ଆର୍‌ଆଇ ଶ୍ରୀ ମଲ୍ଲିକ ବିନା କାରଣରେ ପ୍ରକ୍ରିୟାରେ ବିଳମ୍ବ କରୁଥିଲେ। ବରଂ ଅଭିଯୁକ୍ତ ଆର୍‌ଆଇ ଶ୍ରୀ ମଲ୍ଲିକ ୨୫,୦୦୦ ଟଙ୍କା ଲାଂଚ ଦାବି କରିଥିଲେ। ଏହା ଆବେଦନକାରୀ (ଅଭିଯୋଗକାରୀ)ଙ୍କୁ ଶ୍ରୀ ମଲ୍ଲିକଙ୍କ ଦ୍ୱାରା ହଇରାଣ ହରକତ ଅଭିଯୋଗ କରି ଭିଜିଲାନ୍ସ କର୍ତୃପକ୍ଷଙ୍କୁ ରିପୋର୍ଟ କରିବାକୁ ପ୍ରଲୋଭିତ କରିଥିଲା। ଏହାପରେ ଆଜି ଓଡ଼ିଶା ଭିଜିଲାନ୍ସର ଏକ ଟିମ୍ ଶ୍ରୀ ମଲ୍ଲିକଙ୍କୁ ତାଙ୍କ କାର୍ଯ୍ୟାଳୟ ରୁମ୍‌ରେ ଅଭିଯୋଗରୁ ୨୫,୦୦୦ ଟଙ୍କା ଲାଂଚ ନେଉଥିବା ସମୟରେ ଗିରଫ କରିଥିଲା। ଅଭିଯୁକ୍ତ ଶ୍ରୀ ମଲ୍ଲିକଙ୍କ ଠାରୁ ଲାଂଚ ଟଙ୍କା ୨୫,୦୦୦ ଟଙ୍କା ଉଦ୍ଧାର କରାଯାଇ ଜବତ କରାଯାଇଛି।

# ପିଏମ. ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ-୧ରେ ଗୋଟିଏ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି , ୧୭/୦୭ (ନି.ପ୍ର): ପବିତ୍ର ରଥଯାତ୍ରା ଅବସରେ ଜାତୀୟ ବନମହୋତ୍ସବ ଉପଲକ୍ଷେ ପି.ଏମ୍. ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ-୧ ମାଲକାନଗିରି ରେ ଗୋଟିଏ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଖଣ୍ଡିୟ ବନ ଅଧିକାରୀ (ଡି.ଏଫ୍.ଓ) ଏସ, ସାଇ କିରଣ, ଯୋଗଦେଇ ପିଲାମାନଙ୍କ ମଧରେ ବୃକ୍ଷରୋପଣ ର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ରୂପେଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ସମ୍ମାନୀୟ ଅତିଥି ରୂପେ ଜିଲ୍ଲା ଉନ୍ନୟନ ଅଧିକାରୀ ଦଶରଥ ସଭାବୁ, ଏବଂ ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଡକ୍ଟର ରଞ୍ଜନ କୁମାର ପାଇଁ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ପିଲାମାନେ ସ୍ୱତନ୍ତ୍ର ପ୍ୟାରେଡ୍ ସହ ଅତିଥି ମାନଙ୍କୁ ବିଦ୍ୟାଳୟ ପରିସର ରୁ ବୃକ୍ଷ ରୋପଣ କ୍ଷେତ୍ର ପର୍ଯ୍ୟନ୍ତ ନେଇଯାଇଥିଲେ। ପ୍ରଥମେ ପିଲାମାନେ ଗଛ ନ କାଟିବା ପାଇଁ ଶପଥ ପାଠ କରିଥିଲେ ତା ସହ ସମସ୍ତେ ହାତରେ ବୃକ୍ଷ ର ଚାରା ନେଇ 'ଏକ୍ ପେଡ୍ ମା କେ ନାମ ' ନାରା ଲଗାଇ ନିଜର ଉତ୍ସାହକୁ ଦେଖାଇଥିଲେ। ପ୍ରଥମେ ସମସ୍ତ ଅତିଥି ବୃକ୍ଷ ରୋପଣ କରିଥିଲେ। ତା ପରେ ୧୦୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇ ବୃକ୍ଷ ରୋପଣ କରିଥିଲେ। ବିଦ୍ୟାଳୟର ଅଧକ୍ଷ ଶ୍ରୀନିବାସ ରାଓ ସମସ୍ତ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିବା ସହିତ ଅତିଥି ମାନଙ୍କୁ ଧନ୍ୟବାଦ୍ ଜଣାଇଥିଲେ। ଜୀବବିଜ୍ଞାନ ଅଧାପକ ଅନୁରାଗ ସେନ୍ ଗୁପ୍ତା ପିଲାମାନଙ୍କ ମଧରେ ଶୃଙ୍ଖଳା ରକ୍ଷା ଏବଂ ବିଜ୍ଞାନ ଶିକ୍ଷୟିତ୍ରୀ ସ୍ୱାଗତିକା ଦାଶ ଓ ଓଡ଼ିଆ ଶିକ୍ଷୟିତ୍ରୀ ଜାଜନିକା ଜେନା କାର୍ଯ୍ୟକ୍ରମ ଟିର ଆୟୋଜନ କରିଥିଲେ।

# ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ମାଲକାନଗିରି, ୧୭/୦୭ (ନି.ପ୍ର): କୋରକୁଣ୍ଡା ବ୍ଲକ ଅନ୍ତର୍ଗତ ମାରିବାଡା ଗ୍ରାମ ପଂଚାୟତ ଅଧିନସ୍ଥ ଏମ. ପି. ଭି. ୧୮(ବି )ପ୍ରାଥମିକ ବିଦ୍ୟାଳୟ ପରିସର ମଧରେ ମା' ପାଇଁ ଗଛଟିଏ 'କାର୍ଯ୍ୟକ୍ରମ ତଥା ବନ ମହୋତ୍ସବ, ବନ ବିଭାଗ, କାଲିମେଳା ଓ ବିଦ୍ୟାଳୟ ପରିଚାଳନା କମିଟିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ କାଲିମେଳା ବନବିଭାଗ ରେଞ୍ଜ ଅଧିକାରୀ ବିଜୟ କୁମାର ନାୟକ ମୁଖ୍ୟ ଅତିଥି, ଡଃ. ରଞ୍ଜନ କୁମାର ସ୍ୱାଇଁ, ଅଧାପକ ବାଣିଜ୍ୟ ବିଭାଗ, ମୁଖ୍ୟ ବକ୍ତା, ଅରୁଣ ରାୟ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ, କୋରକୁଣ୍ଡା ଓ ଫରେଷ୍ଟର କାଲିମେଳା ଶ୍ରଦ୍ଧାଞ୍ଜଳୀ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ସ୍ୱାଇଁ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ମଂଚାସୀନ ଅତିଥି ଗଣ ଉପସ୍ଥିତ ଛାତ୍ର ଛାତ୍ରୀ, ଗ୍ରାମବାସୀ, ମହିଳା ମାନଙ୍କୁ ବୃକ୍ଷ ରୋପଣର ଉପକାରିତା ସମ୍ବନ୍ଧରେ ସଚେତନ କରାଇଥିଲେ । ବନବିଭାଗ ତରଫରୁ ବିଦ୍ୟାଳୟ ପରିସରରେ ୫୦ରୁ ଉର୍ଦ୍ଧ୍ୱ ଆମ୍ବ, ପଣସ, ଦେବଦାରୁ, ବଉଳ, ଛଇତନା, କଦମ୍ବ ପ୍ରଭୃତି ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାବିତ୍ରୀ ବିଶ୍ୱାସ,ୱାର୍ଡ ମେମ୍ବର ପୁତୁଲ ବିଶ୍ୱାସ, ବିଦ୍ୟାଳୟ ସହକାରୀ ଶିକ୍ଷକ ରାମା ପୂଜାରୀ, ଏମ.ଭି. ୨୫ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରୀନା ମଣ୍ଡଳ, ସହକାରୀ ଶିକ୍ଷୟିତ୍ରୀ ସଂଗୀତା ନାୟକ, ଏମ.ଭି-୨୬ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେଶ ପଟ୍ଟନାୟକ, ନାମେଲଗୁଡ଼ା ଶିକ୍ଷକ ସୁଶାନ୍ତ ଦଲିଆ, କାର୍ତିକ ଚନ୍ଦ୍ର ବେହେରା ପ୍ରମୁଖ ବିଦ୍ୟାଳୟ ପରିସରରେ ଗୋଟିଏ ଗୋଟିଏ ଚାରା ରୋପଣ କରିଥିଲେ । ବିଦ୍ୟାଳୟର ଛାତ୍ର ଛାତ୍ରୀ, ମାଆମାନେ ନିଜ ନିଜ ନାମରେ ଗୋଟିଏ ଗୋଟିଏ ଚାରା ରୋପଣ କରି ତାହାର ଯତ୍ନ ନେବାପାଇଁ ଶପଥ ନେଇଥିଲେ । ପରିଶେଷରେ ମାରିୱାଡ଼ା ସି.ଆର.ସି.ସି. ଉତମ ସମଦାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ କାର୍ଯ୍ୟକ୍ରମ ସମାପ୍ତ ଘୋଷଣା କରାଯାଇଥିଲା।

# ସାହିତ୍ୟିକ ଦୁର୍ଗା ପ୍ରସାଦ ନାଥଙ୍କ ରଚନାବଳୀ ଲୋକାର୍ପିତ

ସମ୍ବଲପୁର, ୧୭/୦୭ (ନି.ପ୍ର): ସମ୍ବଲପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ବିଶିଷ୍ଟ ସାହିତ୍ୟିକ ଦୁର୍ଗା ପ୍ରସାଦ ନାଥଙ୍କ ବହୁପ୍ରତୀକ୍ଷିତ ପୁସ୍ତକ 'ଦୁର୍ଗା ପ୍ରସାଦ ନାଥଙ୍କ ରଚନାବଳୀ'ର ଲୋକାର୍ପଣ ଉତ୍ସବ ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଡାକ୍ତର ନାରାୟଣୀ ପଣ୍ଡା ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ର. ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଭବ୍ୟ ସମାରୋହରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ବ୍ୟୋମକେଶ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ। ପ୍ରଫେସର ତ୍ରିପାଠୀ ଏହି ଅବସରରେ ଶ୍ରୀ ନାଥଙ୍କ ସାରସ୍ୱତ ସାଧନାକୁ ଉଚ୍ଚ ପ୍ରଶଂସା କରିବା ସହ ଏହି ରଚନାବଳୀ ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି ଜଗତ ପାଇଁ ଏକ ଅମୂଲ୍ୟ ସମ୍ପଦ ବୋଲି ଅଭିହିତ କରିଥିଲେ।




ହଳଦୀରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ କୁରକୁମିନ୍ ନାମକ ଏକ ତତ୍ତ୍ୱ ରହିଛି, ଯାହା ଆମ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହି ତତ୍ତ୍ୱ ଶରୀରରେ ଥଣ୍ଡା କମାଇବାରେ କେତେକାଂଶରେ ସାହାଯ୍ୟ କରେ। ବିଶେଷଭାବରେ ଶରୀରରେ ଥଣ୍ଡା ସୃଷ୍ଟି କରୁଥିବା କୋଷଗୁଡ଼ିକୁ ଏହା ନଷ୍ଟ କରିଦିଏ, ଯାହା ଦ୍ୱାରା ଆମେ ଏଭଳି ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରିଥାଉ। ଉଷୁମ କ୍ଷୀର ସହ ହଳଦୀ, ଗୋଲମରିଚ, ଅଳେଇଚ ଆଦି ମିଶାଇ ପିଇପାରନ୍ତି। ସବୁଠାରୁ ଖାସ୍ କଥା ହେଲା ହଳଦୀ ଶରୀରରେ ଇନ୍‌ସୁଲିନ୍‌କୁ ନିୟନ୍ତ୍ରଣରେ ରଖେ। ହଳଦୀ ଖାଇବା ଦ୍ୱାରା ଏହା ଆମ ଶରୀରର ମାଂସପେଶୀ ଶକ୍ତ ରହିଥାଏ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ଏହା ମଧ୍ୟ ମସ୍ତିଷ୍କର କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରେ। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ଏହି ସର୍ଭେ ରିପୋର୍ଟରେ ପୁଣି ଉଲ୍ଲେଖ କରାଯାଇଛି ଯେ ସ୍ମରଣ ଶକ୍ତିକୁ ବୃଦ୍ଧି କରିବାରେ ହଳଦୀ ମଧ୍ୟ ସାହାଯ୍ୟ କରେ।




ଆଜିକାଲିର ଦ୍ରୁତ ଜୀବନଶୈଳୀରେ ଅନେକ ଲୋକ ୫ରୁ ୬ ଘଣ୍ଟା ନିଦରେ କାମ ଚଳାଇ ନେଉଛନ୍ତି। ତେବେ ନୂତନ ଗବେଷଣାରୁ ଜଣାପଡ଼ିଛି ଯେ, ଲଗାତାର ୬ ଘଣ୍ଟାରୁ କମ୍ ଶୋଇବା ଦ୍ୱାରା ଏହାର ପ୍ରଭାବ କେବଳ ଥକ୍କାପଣ ମଧ୍ୟରେ ସୀମିତ ନ ରହି ମସ୍ତିଷ୍କ, ହୃଦୟ, ମେଟାବୋଲିଜିମ୍ ଏବଂ ରୋଗ ପ୍ରତିରୋଧକ ଶକ୍ତି ସମେତ ଶରୀରର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାକୁ ବିଗାଡି ଦିଏ। ବିଶେଷଜ୍ଞଙ୍କ ମତରେ ପ୍ରତ୍ୟେକ ବୟସ୍କ ବ୍ୟକ୍ତିଙ୍କ ପାଇଁ ଦୈନିକ ଅତି କମରେ ୭ ଘଣ୍ଟା ନିଦ ନେବା ଜରୁରୀ।
କମ୍ ନିଦ ହେତୁ ଭୋକ ଏବଂ ମେଟାବୋଲିଜିମ୍ ନିୟନ୍ତ୍ରଣ କରୁଥିବା ହରମୋନ୍ ପ୍ରଭାବିତ ହୁଏ। ୫-୬ ଘଣ୍ଟା ଶୋଉଥିବା ଲୋକଙ୍କ କ୍ଷେତ୍ରରେ ପ୍ରି-ଡାଇବେଟିସ୍ କିମ୍ବା ଟାଇପ୍-୨ ଡାଇବେଟିସ୍ ହେବାର ଆଶଙ୍କା ଦୁଇଗୁଣ ବଢ଼ିଯାଏ। ଏହା ସହିତ ଭୋକ ବଢାଉଥିବା ହରମୋନ୍ ('ଘ୍ରେଲିନ୍') ବଢ଼ିଯାଏ ଓ ପେଟ ଭରିଥିବାର ସଙ୍କେତ ଦେଉଥିବା ହରମୋନ୍ ('ଲେପ୍ଟିନ୍') କମିଯାଏ। ଫଳରେ ଖାଇବା ଇଚ୍ଛା ବଢ଼େ ଏବଂ ଶୀଘ୍ର ମୋଟାପା ଦେଖାଦିଏ।
ନିଦ୍ରାର ଅଭାବରେ ମସ୍ତିଷ୍କରେ ବିଷାକ୍ତ ପଦାର୍ଥ ଜମା ହେବାକୁ ଲାଗେ। ସ୍ମରଣ ଶକ୍ତି, ଧ୍ୟାନ ଏବଂ ନିଷ୍ପତ୍ତି ନେବାର କ୍ଷମତା ପ୍ରଭାବିତ ହୁଏ। ଏହା ଚିଡ଼ିଚିଡ଼ାପଣ, ଚିନ୍ତା ଏବଂ ଡିପ୍ରେସନ୍ ଭଳି ଲକ୍ଷଣ ସୃଷ୍ଟି କରେ ଏବଂ ଦୀର୍ଘକାଳୀନ ଭାବରେ 'ଡିମେନ୍ସିଆ' ରୋଗର ବିପଦ ବଢ଼ାଇଥାଏ।
୬ ଘଣ୍ଟାରୁ କମ୍ ନିଦ ଶରୀରର ଶହ ଶହ ଜିନ୍‌କୁ ପ୍ରଭାବିତ କରେ, ବିଶେଷ କରି ରୋଗ ପ୍ରତିରୋଧକ ଶକ୍ତି ସହ ଜଡ଼ିତ ଜିନ୍‌କୁ। ଏହାର ପରିଣାମ ସ୍ୱରୂପ, ଶରୀର ଦୁର୍ବଳ ହୁଏ, ସଂକ୍ରମଣ ଶୀଘ୍ର ହୁଏ ଏବଂ ଆରୋଗ୍ୟ ଧୀର ହୋଇଯାଏ। ଏହା 'ଟିସୁ ରିପେୟାର' ଏବଂ ଶରୀରର ବିକାଶ ହରମୋନ୍ ଉପରେ ମଧ୍ୟ ପ୍ରଭାବ ପକାଏ।
ଅନେକ ଗବେଷଣା ଅନୁଯାୟୀ, ଦୈନିକ ୫ ଘଣ୍ଟା କିମ୍ବା ତା'ଠାରୁ କମ୍ ଶୋଉଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଅକାଳ ମୃତ୍ୟୁର ଆଶଙ୍କା ପ୍ରାୟ ୧୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଯାଏ।
ଉପାୟ:
ନିଦ୍ରା ଶରୀରର ମୌଳିକ ଆବଶ୍ୟକତା। ଏହାକୁ ଅଣଦେଖା କରିବା ପରିବର୍ତ୍ତେ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରନ୍ତୁ:
ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ଶୋଇବା ଓ ଉଠିବା ଅଭ୍ୟାସ କରନ୍ତୁ।
ଶୋଇବା ପୂର୍ବରୁ ମୋବାଇଲ୍, ଲାପଟପ୍ କିମ୍ବା ତୀବ୍ର ଆଲୋକରୁ ଦୂରେଇ ରୁହନ୍ତୁ।
ଶୋଇବା ଘରକୁ ଥଣ୍ଡା ଏବଂ ଅନ୍ଧକାରମୟ ରଖନ୍ତୁ।

## ଏହି କାରଣରୁ ହୋଇପାରେ ଡାଇବେଟିସ୍: ହୋଇଯାନ୍ତୁ ସାବଧାନ



ପୃଥୁଳତା ଏବଂ ଡାଇବେଟିସ୍ ମଧ୍ୟରେ ଯେ ପ୍ରତ୍ୟକ୍ଷ ସମ୍ବନ୍ଧ ରହିଛି। ଅବଶ୍ୟ ଅଧିକାଂଶ ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ଏଥିରେ ବଂଶଗତ ପ୍ରଭାବ ପରିଲକ୍ଷିତ ହୋଇଥାଏ। ପୃଥୁଳତା ବା ଓବେସିଟି ବଢ଼ିଗଲେ ତାହା ରକ୍ତରେ ସୁଗାର ପରିମାଣ ବଢ଼ାଇ ଦିଏ। ରକ୍ତରେ ଚର୍ବି ଜମିଲେ ମଧ୍ୟ ତାହା ଡାଇବେଟିସ୍ ରୋଗୀଙ୍କ ପାଇଁ କ୍ଷତିକାରକ। ଏପରି ସ୍ଥିତିକୁ ଡାକ୍ତରୀ ଭାଷାରେ 'ଇନ୍‌ସୁଲିନ୍ ରେଜିଷ୍ଟାନ୍ସ' ବୋଲି କୁହନ୍ତି। ଏହାବ୍ୟତୀତ ପୃଥୁଳତା ଲାଗି ରହିଲେ ଇନ୍‌ସୁଲିନ୍ ତିଆରି କରୁଥିବା 'ବିଟା ସେଲ୍' ନାମକ ଜୀବକୋଷମାନ କ୍ଳାନ୍ତ ହୋଇପଡ଼ନ୍ତି। ପୃଥୁଳକାୟ ବ୍ୟକ୍ତିଙ୍କ ରକ୍ତରେ ଅଧିକ ମାତ୍ରାରେ ଇନ୍‌ସୁଲିନ୍ ଥାଇ ମଧ୍ୟ ତାହା ଆଶାନୁରୂପ କାର୍ଯ୍ୟ କରିପାରେନି। ତେଣୁ ପୃଥୁଳତା ଡାଇବେଟିସ୍ ରୋଗୀଙ୍କ ଚିକିତ୍ସାରେ ଅନ୍ୟତମ ପ୍ରଧାନ ବାଧକ ସାଜିଥାଏ। ମାତ୍ର ଖାଦ୍ୟ ନିୟନ୍ତ୍ରଣ ଓ ନିୟମିତ ବ୍ୟାୟାମ କରନ୍ତୁ। ଏହାଦ୍ୱାରା ପୃଥଳତାକୁ କେତେକାଂଶରେ ହ୍ରାସ କରାଯାଇ ପାରିବ।

## ଦୈନିକ ସକାଳ ଜଳଖିଆରେ ସାମିଲ୍ କରନ୍ତୁ ଯେକୌଣସି ଫଳ: ଏଥିରେ ଅଛି ଏହିସବୁ ଭଲ ଗୁଣ

ଏପରି ଅନେକ ଫଳ ଅଛି, ଯାହାକୁ ଖାଇବା ଦ୍ୱାରା ମୋଟାପଣ ଦୂରେଇ ଯାଇଥାଏ। ଅର୍ଥାତ ଫ୍ୟାଟ୍ ଫ୍ରି ଫ୍ରୁଟ୍‌ସ। କୋଲେଷ୍ଟ୍ରଲ୍ ବି କମ୍ ରହିଥାଏ। ଡାକ୍ତରମାନେ ପରାମର୍ଶ ଦିଅନ୍ତି କି ଦୈନିକ କିଛି କିଛି ଫଳ ଖାଇବା ଦ୍ୱାରା ହୃଦ୍‌ରୋଗ ଏବଂ ଷ୍ଟ୍ରୋକ୍ ଆଶଙ୍କା କମ୍ ହୋଇଥାଏ।
ମାତ୍ର ଏହି ଆଶଙ୍କା ଦୂର କରିବାକୁ ଆପଣଙ୍କୁ ପଟାସିୟମ୍‌ଯୁକ୍ତ ଫଳ ଖାଇବାକୁ ହେବ। ଯେଉଁ ଫଳଗୁଡ଼ିକରେ ପଟାସିୟମ୍ ରହିଛି ତାହାକୁ ଖାଇଲେ କିଡ୍‌ନି ଷ୍ଟୋନ୍ ସମସ୍ୟା ବି କମ୍ ହୋଇଥାଏ।
ଆପଣ ନିଜର ଦୈନିକ ଡାଇଟ୍‌ରେ କିଛି ବି ଫଳ ସାମିଲ୍ କରନ୍ତୁ। ପାରୁଛନ୍ତି ଯଦି



ଫଳ ପରିବର୍ତ୍ତନ କରନ୍ତୁ। ମାତ୍ର ସକାଳ ଖାଇବାରେ ଫଳ ସାମିଲ୍ କରିବାକୁ ଭୁଲନ୍ତୁ ନାହିଁ। ସକାଳ ଖାଇବାରେ କଦଳୀ ସାମିଲ କଲେ ଖୁବ୍ ଭଲ। କଦଳୀରେ ପ୍ରଚୁର ପରିମାଣର ଆଇରନ୍ ରହିଛି। ଯାହାକି ଶରୀର ପାଇଁ ଖୁବ୍ ଭଲ ହୋଇଥାଏ।
ସେଓ ଖାଇବା ବି ଶରୀର ପାଇଁ ଖୁବ୍ ଭଲ ହୋଇଥାଏ। ମାତ୍ର ମନେ ରଖନ୍ତୁ ସେଓ କେବେ ବି ଖାଲି ପେଟରେ ଖାଇବେ ନାହିଁ। କିଛି ଗୋଟେ ଖାଇ ସାରି ପେଟ ପୂରା କରି ସାରିବା ପରେ ଯାଇ ସେଓ ଖାଇଲେ ଭଲ। ଦୈନିକ ଗୋଟିଏ ସେଓ ଖାଇଲେ ଅନେକ ରୋଗ ଦୂରେଇ ଦେଇ ହେବ।ନଡ଼ିଆ ବି ଖୁବ୍ ଉପକାରୀ ଫଳ। ଏହାକୁ ଦୈନିକ ନଖାଇ ପାରିଲେ ବି ଅନ୍ତତଃ ସପ୍ତାହକୁ ଥରେ ନିଶ୍ଚୟ ଖାଆନ୍ତୁ। ଏହି ଶ୍ରୀଫଳକୁ ଖାଇବା ଦ୍ୱାରା ବି ଶରୀରକୁ ଅନେକ ଫାଇଦା ହୋଇଥାଏ। କମଳାରେ ଅଛି ଭିଟାମିନ୍ ସି, ଯାହାକି ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରେ। ସେଥିପାଇଁ ଦୈନିକ ଗୋଟାଏ କମଳା ଖାଇବା ବି ଖୁବ୍ ଭଲ।

## ଡାଏଲିସିସ୍ କ'ଣ, କାହିଁକି କିଡନୀ ରୋଗୀଙ୍କ ପାଇଁ ଜରୁରୀ ଜାଣନ୍ତୁ

**କିଡନୀ ମାନବ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କିନ୍ତୁ ଆମର ଖରାପ ଖାଦ୍ୟ ଅଭ୍ୟାସ ଓ ଜୀବନଶୈଳୀ କିଡନୀ ସମସ୍ୟା ସୃଷ୍ଟି କରୁଛି। ଏବେ ଅଧିକାଂଶ ଲୋକ କିଡନୀ ରୋଗର ମଧ୍ୟ ଶିକାର ହେଉଛନ୍ତି। ଯଦି ରୋଗ ଗମ୍ଭୀର ହୋଇନଥାଏ ତେବେ ଡାଏଲିସିସ୍ ମାଧ୍ୟମରେ ଜଣେ ବ୍ୟକ୍ତି ସୁସ୍ଥ ହୋଇପାରନ୍ତି। ତେବେ ଡାଏଲିସିସ୍ କ'ଣ ଏବଂ କେଉଁ ସମୟରେ ଏହି ଚିକିତ୍ସା କରାଯାଏ, ଜାଣନ୍ତୁ...**

*ଡାଏଲିସିସ୍ କ'ଣ ?:* ଡାୟଲିସିସ୍ କିଡନୀ ରୋଗ ଚିକିତ୍ସାର ମୁଖ୍ୟ ଉପାୟ। ଏହି ରୋଗ ମାଧ୍ୟମରେ ରୋଗୀଙ୍କ ରକ୍ତ ସଫା କରାଯାଏ। କାରଣ କିଡନୀ ଫେଲ୍ ପରେ ଜଣେ ବ୍ୟକ୍ତିର ରକ୍ତ ଶୁଦ୍ଧ ହୋଇପାରେ ନାହିଁ। ଡାଏଲିସିସ୍ ମାଧ୍ୟମରେ ରକ୍ତ ଶୁଦ୍ଧ କରିବାକୁ ପ୍ରୟାସ କରାଯାଏ। ଏହି ସମଗ୍ର ପ୍ରକ୍ରିୟା ସମୟରେ, ରକ୍ତରେ ଜମା ହୋଇଥିବା ମଇଳା ଏବଂ ବିଷାକ୍ତ ପଦାର୍ଥ ନିଷ୍କାସନ କରାଯାଏ। ଡାଏଲିସିସ୍ ସମୟରେ ରୋଗୀର ଶରୀରରେ ଇଲେକ୍ଟ୍ରୋଲାଇଟ୍ ସ୍ତର ବଜାୟ ରଖିବା ଉପରେ ଅଧିକ ଧ୍ୟାନ ଦିଆଯାଏ।

*ଡାଏଲିସିସ୍ କେବେ ଆବଶ୍ୟକ ?*
ଯେତେବେଳେ ଉଭୟ କିଡନୀ ସଠିକ୍ ଭାବରେ କାମ କରିବା ବନ୍ଦ କରିଦିଏ, ସେତେବେଳେ ଜଣେ ବ୍ୟକ୍ତିଙ୍କର ଡାଏଲିସିସ୍ ଆବଶ୍ୟକ ହୁଏ। ଅର୍ଥାତ୍ ଦୁଇଟି ଯାକ କିଡନୀ ଫେଲ୍ ହୋଇଯିବା ପରେ ଡାଏଲିସିସ୍ ଚିକିତ୍ସା କରନ୍ତି ଡାକ୍ତର। ବିଶେଷକରି ମଧୁମେହ କିମ୍ବା ବ୍ଲଡ୍ ପ୍ରେସର୍ ରୋଗୀଙ୍କ ପାଇଁ କିଡନୀ ଫେଲ୍ ହେବାର ଆଶଙ୍କା ରହିଥାଏ।

*ଶରୀରରେ କିଡନୀର କାମ:* ଆମ ଶରୀରରେ ଦୁଇଟି କିଡନୀ ବା ବୃକକ୍ ଥାଏ। କିଡନୀ ଶରୀରରୁ ବର୍ଜ୍ୟ ପଦାର୍ଥକୁ ନିଷ୍କାସନ କରି ସୁସ୍ଥ ରଖିବାର କାର୍ଯ୍ୟ କରେ। ଯେତେବେଳେ କିଡନୀ ଠିକରେ କାର୍ଯ୍ୟ କରେନାହିଁ ସେତେବେଳେ ଷ୍ଟୋନ୍ ସମସ୍ୟା ଦେଖାଯାଏ। ଡାଏଲିସିସ୍ ମାଧ୍ୟମରେ ରୋଗୀଙ୍କୁ ସୁସ୍ଥ ରଖିବାକୁ ଚେଷ୍ଟା କରାଯାଏ। ଯଦି ସମସ୍ୟା ଗମ୍ଭୀର ଥାଏ, ତେବେ ବେଳେବେଳେ କିଡନୀ ପ୍ରତ୍ୟାରୋପଣ କରାଯାଏ।



## ଏହି ରୋଗ ପାଇଁ ଗୁଜୁରାତି ବେଶ୍ ଉପକାରୀ

ଗୁଜୁରାତିରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏହା ପାଚନ କ୍ରିୟାକୁ କେତେକାଂଶରେ ସକ୍ରିୟ କରିଥାଏ। ତା'ସହ ଶରୀରରେ ଥିବା ଏନ୍‌ଜାଇମ୍ ତତ୍ତ୍ୱକୁ ମଧ୍ୟ ଦୃଢ଼ କରେ। ଶ୍ୱାସକ୍ରିୟାକୁ ସତେଜ ରଖେ ଗୁଜୁରାତି। ଏହାକୁ ଖାଇଲେ ପାଟିରେ ଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇଯାଇଥାଏ। ଲଣ୍ଡନ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ସର୍ଭେରୁ ଜଣାପଡିଛି ଯେ ଗୁଜୁରାତି ଖାଇବା ଦ୍ୱାରା ହୃତ୍ ?ପିଣ୍ଡ କାର୍ଯ୍ୟଧାରା କେକୋଂଶରେ ସକ୍ରିୟ ରଖିଥାଏ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ମଧ୍ୟ ରହିଛି, ଯାହାଦ୍ୱାରା ରକ୍ତ ସଞ୍ଚାଳନ ପୂର୍ବାପେକ୍ଷା ସକ୍ରିୟ ରହିଥାଏ। ଗୁଜୁରାତିରେ ଏଭଳି ତତ୍ତ୍ୱ ରହିଛି, ଯାହା ଶରୀରରେ ଥିବା ବିଷାକ୍ତ ଜିନିଷଗୁଡିକୁ ବାହାର କରିଦିଏ। ସବୁଠାରୁ ଖାସ୍ କଥା ହେଲା, ଏହା ଓଜନକୁ ମଧ୍ୟ ସନ୍ତୁଳିତ ରଖେ। ଡାଇବେଟିସ୍ ସମସ୍ୟା ସହ ଜଡିତ ବ୍ୟକ୍ତି ଏହାକୁ ଖାଇପାରନ୍ତି। ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରେ ଗୁଜୁରାତି। ଏହା ମଧ୍ୟ ଶରୀରରେ ଶକ୍ତି ସଞ୍ଚାର କରିଥାଏ।

## ଫ୍ୟାସନେବଲ ହାଇହିଲ୍ ଆଣିପାରେ ସମସ୍ୟା

ଆଜିକାଲି ହାଇହିଲକୁ ଫ୍ୟାସନର ଏକ ମୁଖ୍ୟ ଅଙ୍ଗ ବୋଲି ଧରାଯାଉଥିଲେ ବି ଏହା ମହିଳାମାନଙ୍କ କ୍ଷେତ୍ରରେ ଅନେକ ସମସ୍ୟାର କାରଣ ହେଉଛି। ଆଣ୍ଠୁ ଯନ୍ତ୍ରଣା ଠାରୁ ଆରମ୍ଭ କରି ପାଦ ଓ ଲିଗାମେଣ୍ଟ କ୍ଷେତ୍ରରେ ସମସ୍ୟା ଦେଖାଯାଉଛି। ସେ ଷ୍ଟିଲେଟୋ ହେଉ କିମ୍ବା ସ୍ୟାଣ୍ଡେଲ୍ ଅନ୍ୟ ଯେକୌଣସି ପ୍ରକାରର ହିଲ୍, ଏମାନଙ୍କ ବିନା ଜଣେ ମହିଳାଙ୍କର ଷ୍ଟାଇଲ୍ ଓ ଫ୍ୟାସନ୍ ଅସମ୍ପୂର୍ଣ୍ଣ କୁହାଯାଉଥିଲେ ମଧ୍ୟ ଏହି ହିଲ୍‌ଗୁଡ଼ିକ ଅନେକ ସ୍ୱାସ୍ଥ୍ୟ ସମସ୍ୟାର କାରଣ ହୋଇଥାଏ। ହାଇହିଲ୍ ଜୋତା ବ୍ୟବହାରରୁ ଦେଖାଯାଇଥାଏ ନିମ୍ନଲିଖିତ ସ୍ୱାସ୍ଥ୍ୟ ସମସ୍ୟା...

ସମ୍ପୂର୍ଣ୍ଣ ଶରୀରର ଓଜନର ଭାର ଅଣ୍ଟା ଓ ଦୁଇ ଗୋଡ଼ ଉପରେ ହିଁ ପଡ଼ିଥାଏ। ହାଇ ହିଲ୍ ପିନ୍ଧିବା ଦ୍ୱାରା ଶରୀରର ଓଜନ ଅଣ୍ଟା ଓ ଗୋଡ଼ ଉପରେ ଅସନ୍ତୁଳିତ ଭାବରେ ପଡ଼ିଥାଏ। ଫଳରେ ପିଠି ଓ ଅଣ୍ଟା ପାଖରେ ଅପ୍ରାକୃତିକ ବକ୍ରତା ସୃଷ୍ଟି ହୁଏ, ଯାହା କି ଅଣ୍ଟାଫୁଲା, ଦରଜ ଓ ବିନ୍ଧା କରାଏ। ଚିକ୍କଣ ରାସ୍ତା କିମ୍ବା ଅଫିସ/ ହୋଟେଲ/ ରାମ୍ପରେ ଚାଲିବା ଛଡ଼ା ଯଦି ସାମାନ୍ୟ ଅସମତଳ କିମ୍ବା ଆବୁଡ଼ା-ଖାବୁଡ଼ା ରାସ୍ତାରେ ଚାଲିବାକୁ ପଡ଼େ ତା'ହେଲେ ହିଲ୍ ଯୋଗୁଁ ଗୋଇଠି ମକଚି ହେବା ସ୍ୱଭାବିକ। ଯାହାଦ୍ୱାରା ବ୍ୟାକ୍ ପେନ ବାହାରିଥାଏ। ହିଲ୍ ଜୋତାଗୁଡ଼ିକରେ ସାଧାରଣତଃ ଅଗ୍ର ଭାଗ ସରୁ ଓ ଗୋଜିଆ ହୋଇଥାଏ। ଏଥିରେ ପାଦର ଆଙ୍ଗୁଠିଗୁଡ଼ିକ ଅପ୍ରାକୃତିକ ଓ ଅତ୍ୟଧିକ ଜାକି ହୋଇ ରୁହେ। ଜୋତା ଭିତରେ ବାରମ୍ବାର ଓ ଲଗାତାର ପାଦ ଆଙ୍ଗୁଠି ଏମିତି ଜାକିହୋଇ ଓ ମୂଳ ପାଖରୁ ବଙ୍କା ହୋଇ ରହିବା ଦ୍ୱାରା ହାମର ଟୋ ନାମକ ସମସ୍ୟା ଦେଖାଯାଏ। ସାଧାରଣତଃ ବୁଢ଼ା ଆଙ୍ଗୁଠି ପାଖକୁ ଥିବା ଦ୍ୱିତୀୟ ଆଙ୍ଗୁଠିଟି ଏଥିରେ ଆକ୍ରାନ୍ତ ହୋଇ ମଝି ଯୋଡ଼ା ବା ଜଏଣ୍ଟ୍ ପାଖରୁ ବଙ୍କା ହୋଇଯାଏ। ଏଥିରେ କେବଳ ଯନ୍ତ୍ରଣା ନୁହେଁ, ମହିଳାମାନଙ୍କ ଚାଲି ମଧ୍ୟ ପ୍ରଭାବିତ ହୋଇଥାଏ। ଏ ପରିସ୍ଥିତିରେ ଚଉଡ଼ା ଅଗ୍ରଭାଗ ବା ୱାଇଡ ଟୋ ବକ୍ସ କିମ୍ବା ଖୋଲା ଟୋ ଜୋତା ବ୍ୟବହାର ଓ ଫିଜିଓଥେରାପି କିଛି ମାତ୍ରାରେ ଉପଶମ ଦେଇଥାଏ। ହାଇହିଲ୍ ଜୋତାଗୁଡ଼ିକ ପାଦକୁ ସବୁବେଳେ ଅସ୍ୱାଭାବିକ ଭାବେ ବଙ୍କା, ଜାକି କରି, ମୋଡ଼ିକରି ରଖେ। ଏଗୁଡ଼ିକୁ ପିନ୍ଧି ଚାଲିବା ଦ୍ୱାରା ସମ୍ପୂର୍ଣ୍ଣ ପାଦ ଉପରେ ସମାନ ଭାବେ ଚାପ ନ ପଡ଼ି କିଛି ଅଂଶରେ ଅଧିକ ଓ କିଛି ଅଂଶରେ କମ୍ ପଡ଼ିଥାଏ। ଏହା ଦ୍ୱାରା ପାଦର ଗଠନ ପ୍ରଣାଳୀ ପ୍ରଭାବିତ ହୁଏ। ପାଦର ଆଙ୍ଗୁଠି, ମଝି ଅଂଶ ଓ ଗୋଇଠି ଦରଜ ହୋଇଯାଏ। ପାଦର ଅନେକ ଅଂଶରେ ବିଣ୍ଡି ମଧ୍ୟ ପଡ଼ିଯାଏ। ପାଦକୁ ତଳେ ଥାପିବା, ଚାଲିବା କଷ୍ଟସାଧ ଲାଗେ। ବାରମ୍ବାର ଗୋଇଠି ଓ ପାଦ ମକଚି ହେବା, ଆଘାତ ଲାଗିବା, ପାଦ ଓ ଆଙ୍ଗୁଠି ଗୁଡ଼ିକର ବଙ୍କା ଓ ହାଇପର ଏକ୍ସଟେଣ୍ଟ୍ ପୋଷ୍ଟର ପାଦ ଓ ଗୋଡ଼ର ଲିଗାମେଣ୍ଟସ ଉପରେ ଅସ୍ୱାଭାବିକ ଚାପ ପକାଏ ଓ ଆଘାତ କରେ। ଲିଗାମେଣ୍ଟ୍‌ଗୁଡ଼ିକ ମାଂସପେଶୀ ଓ ଜଏଣ୍ଟ୍‌କୁ



ଧରି ରଖେ। କିନ୍ତୁ ହାଇହିଲ୍ ପିନ୍ଧିବା ଦ୍ୱାରା ଲିଗାମେଣ୍ଟ୍‌ଗୁଡ଼ିକ ବାରମ୍ବାର ଆଘାତ ପାଇ ଦୁର୍ବଳ ହୋଇଯାଆନ୍ତି ଓ ଭୀଷଣ ଯନ୍ତ୍ରଣା ମଧ୍ୟ ହୁଏ। ପାଦ ହାଇହିଲ୍ ଜୋତା ଭିତରେ ରହିବା କାରଣରୁ ପାଦର ଅନେକ ଅଂଶରେ ରକ୍ତ ପ୍ରବାହ ଓ ବାହକ ନଳୀ ଚାପିହୋଇ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୁଏ। ଏହାଦ୍ୱାରା ସାଧାରଣତଃ ପାଦ ପିଡ଼ା, ଝିମ୍‌ଝିମ୍ ହେବା ଓ ଫୁଲା ଦେଖାଯାଏ।

# ବିକାଶର ବାସ୍ତବତା: ଦୃଢ଼ ନିଯୁକ୍ତି ଭିତ୍ତିଭୂମି ବିନା ସବୁ ତଥ୍ୟ ଅର୍ଥହୀନ

ଭାରତର ଅର୍ଥନୈତିକ ବିକାଶ ଏବଂ ନିଯୁକ୍ତି ସୃଷ୍ଟିକୁ ନେଇ ସରକାରୀ ତଥ୍ୟ ଏବଂ ବାସ୍ତବତା ମଧ୍ୟରେ ଥିବା ବ୍ୟବଧାନ ବର୍ତ୍ତମାନ ଏକ ଗମ୍ଭୀର ଆଲୋଚନାର ବିଷୟ ପାଲଟିଛି। ନିକଟରେ ପ୍ରକାଶିତ ସରକାରୀ ନିଯୁକ୍ତି ତଥ୍ୟ ଅନୁଯାୟୀ ଜୁନ୍ ମାସରେ ଦେଶର ବେକାରୀ ହାର ୫.୬ ପ୍ରତିଶତ ରହିଛି । କିନ୍ତୁ ରଏଟର୍ସ ପକ୍ଷରୁ କରାଯାଇଥିବା ଏକ ସର୍ବେକ୍ଷଣରେ ୭୦ ପ୍ରତିଶତରୁ ଅଧିକ ସ୍ୱାଧୀନ ଅର୍ଥନୀତିଜ୍ଞ ଏହି ତଥ୍ୟକୁ ଅସଠିକ୍ ଏବଂ ବିଭ୍ରାନ୍ତିକର ବୋଲି ମତ ଦେଇଛନ୍ତି । ଯଦିଓ ସରକାର ଏହି ରିପୋର୍ଟକୁ ଖଣ୍ଡନ କରିଛନ୍ତି, ତଥାପି ବାସ୍ତବ ସ୍ଥିତି ହେଉଛି ଦେଶରେ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ନାହିଁ । ଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନ ଯେପରିକି ଆଇଆଇଟି ଗୁଡ଼ିକରେ କ୍ୟାମ୍ପସ ପ୍ଲେସମେଣ୍ଟ ହ୍ରାସ ପାଇବା ଠାରୁ ଆରମ୍ଭ କରି ବଡ଼ ବଡ଼ ଆଇଟି କମ୍ପାନୀଗୁଡ଼ିକରେ କର୍ମଚାରୀ ଛଟେଇ ପର୍ଯ୍ୟନ୍ତ, ନିଯୁକ୍ତି ବଜାରର ସଙ୍କୁଚିତ ଅବସ୍ଥା ସ୍ପଷ୍ଟ ବାରି ହୋଇପଡୁଛି । ଏହି ପରିପ୍ରେକ୍ଷୀରେ ସରକାରୀ ତଥ୍ୟ କିପରି ନିଯୁକ୍ତିର ପ୍ରକୃତ ଚିତ୍ରକୁ ଲୁଚାଉଛି ଏବଂ ଏହା ପଛରେ ଥିବା ଆକଳନ ପ୍ରଣାଳୀ କେତେ ଦୂର ଯୁକ୍ତିଯୁକ୍ତ, ତାହାର ଏକ ବିସ୍ତୃତ ତଥ୍ୟଭିତ୍ତିକ ବିଶ୍ଳେଷଣ କରିବା ନିତାନ୍ତ ଆବଶ୍ୟକ ।

ନିଯୁକ୍ତିର ସଂଜ୍ଞା ଏବଂ ତଥ୍ୟ ସଂଗ୍ରହର ପ୍ରଣାଳୀ ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ନିକଟରେ ଭାରତ ସରକାର ନିଯୁକ୍ତି ତଥ୍ୟ ସଂଗ୍ରହ ପ୍ରକ୍ରିୟାରେ କିଛି ପରିବର୍ତ୍ତନ କରିଛନ୍ତି । ପୂର୍ବରୁ ତ୍ରୈମାସିକ ଭିତ୍ତିରେ ସଂଗ୍ରହ କରାଯାଉଥିବା ଏହି ତଥ୍ୟକୁ ବର୍ତ୍ତମାନ ଅଧିକ ବାସ୍ତବିକ ଚିତ୍ର ପ୍ରଦାନ କରିବା ଉଦ୍ଦେଶ୍ୟରେ ମାସିକ ଭିତ୍ତିରେ ସଂଗ୍ରହ କରିବାକୁ ନିଷ୍ପତ୍ତି ନିଆଯାଇଛି । କିନ୍ତୁ ଏଠାରେ ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି ନିଯୁକ୍ତିର ମାପଦଣ୍ଡ। ସରକାରୀ ନିୟମ ଅନୁଯାୟୀ, ଯଦି ଜଣେ ବ୍ୟକ୍ତି ସପ୍ତାହକୁ ଅତିକମରେ ଗୋଟିଏ ଘଣ୍ଟା ପାଇଁ କୌଣସି ଅର୍ଥନୈତିକ କାର୍ଯ୍ୟ କରନ୍ତି, ତେବେ ତାଙ୍କୁ ନିଯୁକ୍ତିପ୍ରାପ୍ତ ବା ରୋଜଗାରକ୍ଷମ ବୋଲି ବିବେଚନା କରାଯିବ । କିନ୍ତୁ ଗୋଟିଏ ସପ୍ତାହରେ ମାତ୍ର ତିନି ବା ଚାରି ଘଣ୍ଟା କାମ କରୁଥିବା ବ୍ୟକ୍ତିଙ୍କୁ କ'ଣ ପ୍ରକୃତରେ ନିଯୁକ୍ତିପ୍ରାପ୍ତ କୁହାଯାଇପାରିବ ତାହା ଏକ ବଡ଼ ପ୍ରଶ୍ନ । ଏକ ପ୍ରକୃତ ଚାକିରିର ଅର୍ଥ ହେଉଛି ଉପଯୁକ୍ତ ଦରମା ସହିତ ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ ବୀମା, ଦରମା ସହିତ ଛୁଟି ଏବଂ ପେନସନ୍ ଭଳି ସୁବିଧା ଉପଲବ୍ଧ ହେବା । ମାତ୍ର କିଛି ଘଣ୍ଟାର କାମକୁ ନିଯୁକ୍ତି ତାଲିକାରେ ଅନ୍ତର୍ଭୁକ୍ତ କରିବା ଦ୍ୱାରା ବେକାରୀ ହାର କମ୍ ଥିବା ଦର୍ଶାଯାଇପାରେ, କିନ୍ତୁ ଏହା ଦେଶର ଶ୍ରମିକମାନଙ୍କର ଆର୍ଥିକ ସୁରକ୍ଷା ଏବଂ ଜୀବନଧାରଣର ମାନକୁ ପ୍ରତିଫଳିତ କରେ ନାହିଁ ।

ଦେଶର ଯୁବବର୍ଗ ଏବଂ ମହିଳାମାନଙ୍କ କ୍ଷେତ୍ରରେ ଏହି ନିଯୁକ୍ତି ସଙ୍କଟର ପ୍ରଭାବ ସବୁଠାରୁ ଅଧିକ ଦେଖିବାକୁ ମିଳୁଛି । ଶ୍ରମ ଶକ୍ତି ଅଂଶଗ୍ରହଣ ହାର ହେଉଛି ଶ୍ରମ ବଜାରର ଏକ ପ୍ରମୁଖ ସୂଚକାଙ୍କ, ଯାହା ମୋଟ ଜନସଂଖ୍ୟାରେ କାର୍ଯ୍ୟରତ ଏବଂ କାର୍ଯ୍ୟ ସନ୍ଧାନରେ ଥିବା ଲୋକଙ୍କ ପ୍ରତିଶତକୁ ଦର୍ଶାଇଥାଏ । ପିରିଓଡିକ୍ ଲେବର ଫୋର୍ସ ସର୍ଭେର ଜୁନ୍ ମାସର ତଥ୍ୟ ଅନୁଯାୟୀ, ଏହି ହାର ୫୪.୨ ପ୍ରତିଶତ ରହିଛି । କିନ୍ତୁ ଏହାର ବିଶ୍ଳେଷଣ କଲେ ଏକ ଭିନ୍ନ ଚିତ୍ର ସାମ୍ନାକୁ ଆସେ । ସହରାଞ୍ଚଳରେ ପୁରୁଷମାନଙ୍କର ଶ୍ରମ ଶକ୍ତି ଅଂଶଗ୍ରହଣ ହାର ୭୫ ପ୍ରତିଶତ ଥିବାବେଳେ ମହିଳାମାନଙ୍କ କ୍ଷେତ୍ରରେ ଏହା ମାତ୍ର ୨୫ ପ୍ରତିଶତ ରହିଛି, ଯାହାକି ପୁରୁଷଙ୍କ ତୁଳନାରେ ଏକ ତୃତୀୟାଂଶ । ଅର୍ଥନୀତିଜ୍ଞମାନଙ୍କ ମତରେ, ସହରାଞ୍ଚଳରେ ମହିଳାମାନେ ବର୍ତ୍ତମାନ ଅଧିକ ଉଚ୍ଚଶିକ୍ଷିତ ହେଉଛନ୍ତି, କିନ୍ତୁ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ସୁରକ୍ଷିତ ଏବଂ ଉପଯୁକ୍ତ ନିଯୁକ୍ତି ସୁଯୋଗର ଅଭାବ ରହିଛି । ଏହା ସହିତ ପରିବହନ ସୁବିଧା ଏବଂ କର୍ମକ୍ଷେତ୍ରରେ ନିରାପତ୍ତା ମଧ୍ୟ ମହିଳାଙ୍କ ଅଂଶଗ୍ରହଣକୁ ପ୍ରଭାବିତ କରୁଛି । ସରକାରୀ ତଥ୍ୟ ଅନୁଯାୟୀ, ଉଚ୍ଚଶିକ୍ଷା ପ୍ରାପ୍ତ ମହିଳାଙ୍କ ମଧ୍ୟରୁ ମାତ୍ର ୩ ପ୍ରତିଶତ ମହିଳା ନିଯୁକ୍ତି ପାଇଛନ୍ତି । ସେହିପରି ଦେଶର ପନ୍ଦର ରୁ ଅଣତିରିଶି ବର୍ଷର ଯୁବବର୍ଗ ମଧ୍ୟରେ ବେକାରୀ ହାର ୧୫.୩ ପ୍ରତିଶତ ରହିଛି, ଯାହାକି ସାମଗ୍ରିକ ବେକାରୀ ହାର ଠାରୁ ତିନିଗୁଣ ଅଧିକ । ଅନ୍ତର୍ଜାତୀୟ ଶ୍ରମ ସଂଗଠନର ଏକ ରିପୋର୍ଟ ଅନୁଯାୟୀ, ଅଶିକ୍ଷିତ ଲୋକଙ୍କ ତୁଳନାରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଯୁବକଯୁବତୀଙ୍କ ମଧ୍ୟରେ ବେକାରୀ ହାର ନଅ ଗୁଣ ଅଧିକ ରହିଛି । ଏହା ପ୍ରମାଣ କରୁଛି ଯେ ଆମ ଶିକ୍ଷା ବ୍ୟବସ୍ଥା ଏବଂ ଶିଳ୍ପ ଜଗତର ଆବଶ୍ୟକତା ମଧ୍ୟରେ ଏକ ବଡ଼ ଧରଣର ତାଳମେଳ ଅଭାବ ରହିଛି ।

ଗତ କିଛି ବର୍ଷ ଧରି ସରକାରୀ ତଥ୍ୟରେ ବେକାରୀ ହାର କ୍ରମାଗତ ଭାବେ ହ୍ରାସ ପାଉଥିବା ଦର୍ଶାଯାଉଛି । ବାର୍ଷିକ ପିଏଲଏଫଏସ ରିପୋର୍ଟ ଅନୁଯାୟୀ, ୨୦୧୭-୧୮ ମସିହାରେ ବେକାରୀ ହାର ୬ ପ୍ରତିଶତ ଥିବାବେଳେ ୨୦୨୩-୨୪ ମସିହାରେ ଏହା ୩.୨ ପ୍ରତିଶତକୁ ଖସି ଆସିଛି । ସେହିପରି ଶ୍ରମ ଶକ୍ତି ଅଂଶଗ୍ରହଣ ହାର ୪୯.୮ ପ୍ରତିଶତରୁ ୬୦.୧ ପ୍ରତିଶତକୁ ବୃଦ୍ଧି ପାଇଛି । ଆପାତତଃ ଏହି ତଥ୍ୟଗୁଡ଼ିକ ଉତ୍ସାହଜନକ ମନେ ହେଉଥିଲେ ମଧ୍ୟ ଅର୍ଥନୀତିଜ୍ଞମାନେ ଏହାର ବ୍ୟାଖ୍ୟା ଉପରେ ପ୍ରଶ୍ନ ଉଠାଇଛନ୍ତି । ଦୀପା ସିହ୍ନା ଏବଂ ପ୍ରଫେସର ଦୀପାଂଶୁ ମୋହନଙ୍କ ଭଳି ବିଶେଷଜ୍ଞମାନେ ଯୁକ୍ତି କରନ୍ତି ଯେ ଏହି ତଥ୍ୟଗୁଡ଼ିକ ନୂତନ ନିଯୁକ୍ତିର ପ୍ରକୃତି, ଢାଞ୍ଚା ଏବଂ ଗୁଣବତ୍ତା ସମ୍ପର୍କରେ ସମ୍ପୂର୍ଣ୍ଣ ନୀରବ । ଯେତେବେଳେ ଶ୍ରମ ଶକ୍ତି ଅଂଶଗ୍ରହଣ ହାର ବୃଦ୍ଧି ପାଉଛି ବୋଲି କୁହାଯାଉଛି, ସେତେବେଳେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ କେଉଁ ପ୍ରକାରର କାର୍ଯ୍ୟ ବୃଦ୍ଧି ପାଉଛି, ଦରମାଯୁକ୍ତ କାର୍ଯ୍ୟ ନା ବିନା ଦରମାରେ କରାଯାଉଥିବା କାର୍ଯ୍ୟ । ଏହି ବୃଦ୍ଧିର ମୁଖ୍ୟ କାରଣ ହେଉଛି ଆତ୍ମନିଯୁକ୍ତି କ୍ଷେତ୍ରରେ ବୃଦ୍ଧି । ଭାରତ ପରି ଦେଶରେ ଆତ୍ମନିଯୁକ୍ତି ବର୍ଗରେ ଜଣେ ସଫଳ ଉଦ୍ୟୋଗୀ ଏବଂ ନିଜ ଜମି ନଥାଇ ଅନ୍ୟର ଚାଷ ଜମିରେ କାମ କରୁଥିବା ଜଣେ ଗରିବ ଚାଷୀ, ଉଭୟଙ୍କୁ ସମାନ ଶ୍ରେଣୀଭୁକ୍ତ କରାଯାଏ । କିନ୍ତୁ ସେମାନଙ୍କର ଆର୍ଥିକ ସୁରକ୍ଷା ଏବଂ ଶୋଷଣର ମାତ୍ରା ସମ୍ପୂର୍ଣ୍ଣ ଅଲଗା ଅଟେ, ଯାହାକୁ ସରକାରୀ ତଥ୍ୟ ପୃଥକ କରିପାରେ ନାହିଁ । ତେଣୁ କେବଳ ପରିସଂଖ୍ୟାନର ଖେଳ ଦ୍ୱାରା ପ୍ରକୃତ ନିଯୁକ୍ତି ସୃଷ୍ଟିର ଚିତ୍ର ସ୍ପଷ୍ଟ ହୋଇପାରିବ ନାହିଁ ।

ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ଶ୍ରମ ଶକ୍ତି ଅଂଶଗ୍ରହଣ ହାର ଅଧିକ ରହିବା ଏବଂ ବେକାରୀ ହାର କମ୍ ରହିବା ଆଉ ଏକ ଆଶ୍ଚର୍ଯ୍ୟଜନକ ଦିଗ । ସରକାରୀ ତଥ୍ୟ ଅନୁଯାୟୀ, ଗ୍ରାମୀଣ ମହିଳାମାନଙ୍କ ଅଂଶଗ୍ରହଣ ସହରୀ ମହିଳାମାନଙ୍କ ତୁଳନାରେ ୧୦ ପ୍ରତିଶତ ଅଧିକ । ଏହାର ଅର୍ଥ କ'ଣ ସହର ଅପେକ୍ଷା ଗାଁରେ ଅଧିକ ରୋଜଗାର ସୃଷ୍ଟି ହେଉଛି ତାହା ଏକ ବିବାଦୀୟ ପ୍ରଶ୍ନ । ବାସ୍ତବରେ ଏହା ସତ୍ୟ ନୁହେଁ । କୃଷି କ୍ଷେତ୍ରର ଉତ୍ପାଦନ କ୍ଷମତା କିମ୍ବା ଚାଷୀଙ୍କ ଆୟରେ ସେପରି କୌଣସି ଆଖିଦୃଶିଆ ବୃଦ୍ଧି ଘଟିନାହିଁ। ଏହାର ମୂଳ କାରଣ ହେଉଛି ଗ୍ରାମାଞ୍ଚଳରେ ଦେଖାଦେଉଥିବା ଆର୍ଥିକ ସଙ୍କଟ ଏବଂ ନିରୁପାୟ ନିଯୁକ୍ତି । ଜଣେ ବ୍ୟକ୍ତି ଦୀର୍ଘ ଦିନ ଧରି ବିନା କାମରେ ବସି ରହିପାରିବ ନାହିଁ, ତେଣୁ ପରିବାର ଚଳାଇବା ପାଇଁ ସେ ଯେକୌଣସି ଛୋଟମୋଟ କାମ କରିବାକୁ ବାଧ୍ୟ ହୋଇଥାଏ। ବିଶେଷକରି ଆର୍ଥିକ ସଙ୍କଟ ସମୟରେ ଅନେକ ଗ୍ରାମୀଣ ମହିଳା ପୁନର୍ବାର ଶ୍ରମ ବଜାରକୁ ଫେରିଥାନ୍ତି, କିନ୍ତୁ ଏଥିରୁ ଅଧିକାଂଶ ପାରିବାରିକ ଚାଷ କାମ ବା ଅନ୍ୟାନ୍ୟ କାର୍ଯ୍ୟରେ ବିନା ଦରମାପ୍ରାପ୍ତ ସହାୟକ ଭାବରେ ଯୋଗ ଦେଇଥାନ୍ତି । ପିଏଲଏଫଏସ ରିପୋର୍ଟ ଏହି ବିନା ଦରମାର ଶ୍ରମକୁ ଆତ୍ମନିଯୁକ୍ତି ଭାବରେ ଗଣନା କରିଥାଏ, ଯାହା ଫଳରେ ସାମଗ୍ରିକ ବେକାରୀ ହାର କମ୍ ଦେଖାଯାଏ । ସେହିପରି ସହରାଞ୍ଚଳରେ ଜୀବନଧାରଣର ବ୍ୟୟବହୁଳତା ଏବଂ ମଧ୍ୟବିତ୍ତ ଶ୍ରେଣୀର ଦରମା ସ୍ଥିର ରହିବା କାରଣରୁ ଅନେକ ଯୁବକଯୁବତୀ ଗାଁକୁ ଫେରିଯାଉଛନ୍ତି, ଯାହା ଗ୍ରାମାଞ୍ଚଳରେ ଶ୍ରମିକ ସଂଖ୍ୟା ବୃଦ୍ଧିର ଅନ୍ୟ ଏକ କାରଣ ।

ଭାରତ ପରି ଏକ ବିକାଶଶୀଳ ଦେଶ ପାଇଁ ଏହି ବେକାରୀ ସମସ୍ୟା କେବଳ ଏକ ଆର୍ଥିକ ଆହ୍ୱାନ ନୁହେଁ, ବରଂ ଏକ ବଡ଼ ସାମାଜିକ ସଙ୍କଟର କାରଣ ହୋଇପାରେ । ଆମ ଦେଶ ବର୍ତ୍ତମାନ ଏକ ଜନସାଂଖ୍ୟିକ ଲାଭାଂଶର ସ୍ଥିତି ଦେଇ ଗତି କରୁଛି, ଯେଉଁଠାରେ କାର୍ଯ୍ୟକ୍ଷମ ବୟସର ଲୋକଙ୍କ ସଂଖ୍ୟା ସର୍ବାଧିକ ରହିଛି । କିନ୍ତୁ ଯଦି ଏହି ବିପୁଳ ମାନବ ସମ୍ବଳକୁ ଉପଯୁକ୍ତ ଏବଂ ଉତ୍ପାଦନଶୀଳ କାର୍ଯ୍ୟରେ ନିୟୋଜିତ କରା ନଯାଏ, ତେବେ ଏହା ଏକ ଜନସାଂଖ୍ୟିକ ବିପର୍ଯ୍ୟୟରେ ପରିଣତ ହେବାର ଆଶଙ୍କା ରହିଛି । ଅନ୍ୟପକ୍ଷରେ ମହିଳାମାନଙ୍କୁ ଅଣଦେଖା କରି କୌଣସି ଅର୍ଥନୀତି ସର୍ବାଙ୍ଗୀନ ବିକାଶ ହାସଲ କରିପାରିବ ନାହିଁ । ଯେତେବେଳେ ମହିଳାମାନେ ଅର୍ଥନୈତିକ ସ୍ୱାଧୀନତା ପାଆନ୍ତି ନାହିଁ ଏବଂ କେବଳ ପରିବାରର ବିନା ଦରମା କାର୍ଯ୍ୟରେ ସୀମିତ ରହିଯାଆନ୍ତି, ସେତେବେଳେ ଦେଶର ମୋଟ ଘରୋଇ ଉତ୍ପାଦର ପ୍ରକୃତ କ୍ଷମତା ହ୍ରାସ ପାଇଥାଏ । ବିଶ୍ୱବ୍ୟାପୀ ଅର୍ଥନୈତିକ ମାନ୍ଦାବସ୍ଥା ଏବଂ କୃତ୍ରିମ ବୁଦ୍ଧିମତ୍ତା ଭଳି ନୂତନ ଜ୍ଞାନକୌଶଳର ଆଗମନ ଯୋଗୁଁ ଆଗାମୀ ଦିନରେ ପାରମ୍ପରିକ ଚାକିରି ସୁଯୋଗ ଆହୁରି ସଙ୍କୁଚିତ ହେବାର ସମ୍ଭାବନା ରହିଛି । ଏଭଳି ସ୍ଥିତିରେ କେବଳ କାଗଜପତ୍ରରେ ବେକାରୀ ହାର କମ୍ ଦେଖାଇଦେଲେ ପ୍ରକୃତ ସମସ୍ୟାର ସମାଧାନ ହୋଇପାରିବ ନାହିଁ । ଏଥିପାଇଁ ଶିଳ୍ପାୟନ, ଦକ୍ଷତା ବିକାଶ ଏବଂ ନୂତନ ନିଯୁକ୍ତି ସୃଷ୍ଟି କରୁଥିବା କ୍ଷେତ୍ରଗୁଡ଼ିକରେ ବ୍ୟାପକ ପୁଞ୍ଜିନିବେଶର ଆବଶ୍ୟକତା ରହିଛି ।

ଏହି ସମସ୍ତ ବିସଙ୍ଗତିର ମୂଳ କାରଣ ହେଉଛି ତଥ୍ୟ ସଂଗ୍ରହ ପଦ୍ଧତିରେ ଥିବା ତ୍ରୁଟି । ବର୍ତ୍ତମାନ ସରକାର ନିଯୁକ୍ତି ଆକଳନ ପାଇଁ ମୁଖ୍ୟତଃ ସାମ୍ପ୍ରତିକ ସାପ୍ତାହିକ ସ୍ଥିତି ଉପରେ ନିର୍ଭର କରୁଛନ୍ତି, ଯେଉଁଥିରେ ଗତ ସାତ ଦିନର କାର୍ଯ୍ୟକୁ ବିଚାରକୁ ନିଆଯାଏ । କିନ୍ତୁ ଅର୍ଥନୀତିଜ୍ଞମାନେ ସ୍ୱାଭାବିକ ସ୍ଥିତିକୁ ଅଧିକ ଗୁରୁତ୍ୱ ଦିଅନ୍ତି, ଯେଉଁଥିରେ ଜଣେ ବ୍ୟକ୍ତିର ଗତ ତିନି ଶହ ପଞ୍ଚଷଠି ଦିନର ମୁଖ୍ୟ ଏବଂ ଗୌଣ କାର୍ଯ୍ୟକଳାପକୁ ହିସାବ କରାଯାଏ । ଉଦାହରଣସ୍ୱରୂପ, ଜଣେ ଗ୍ରାମୀଣ ଯୁବକ ବର୍ଷର ଅଧିକାଂଶ ସମୟ ନିଜ ବିଲରେ ଚାଷ କାମ କରନ୍ତି ଏବଂ ଚାଷ ନଥିବା ସମୟରେ ସହରରେ ଅନ୍ୟ କୌଣସି ଅସ୍ଥାୟୀ କାମ କରନ୍ତି । ତାଙ୍କୁ କେବଳ ଆତ୍ମନିଯୁକ୍ତ କହିଦେଲେ ତାଙ୍କ ରୋଜଗାରର ଅସ୍ଥିରତା ଏବଂ ପ୍ରକୃତ ସ୍ଥିତି ଜଣାପଡ଼ିବ ନାହିଁ । ସାପ୍ତାହିକ ସ୍ଥିତି ତଥ୍ୟ ଏହି ବ୍ୟାପକ ଚିତ୍ରକୁ ପ୍ରଦର୍ଶନ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥାଏ । ବେକାରୀ ଏବଂ ଦାରିଦ୍ର୍ୟ ଆକଳନ କ୍ଷେତ୍ରରେ ରହିଥିବା ଏହି ପଦ୍ଧତିଗତ ତ୍ରୁଟିଗୁଡ଼ିକୁ ସୁଧାରିବାର ସମୟ ଆସିଛି । ବେକାରୀ ତଥ୍ୟକୁ ନିର୍ବାଚନ ସର୍ବେକ୍ଷଣ ଭଳି ଏକ ସମ୍ଭାବ୍ୟ ପରିସର ମଧ୍ୟରେ ପ୍ରକାଶ କରାଯିବା ଉଚିତ୍ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି । ଦେଶର ଅର୍ଥନୈତିକ ନୀତି ନିର୍ଦ୍ଧାରକମାନେ କେବଳ ପରିସଂଖ୍ୟାନର ମାୟାଜାଲ ସୃଷ୍ଟି କରି ନିଯୁକ୍ତି ସମସ୍ୟାକୁ ଘୋଡ଼ାଇବା ପରିବର୍ତ୍ତେ ଏକ ଦୃଢ଼ ଏବଂ ସ୍ଥାୟୀ ନିଯୁକ୍ତି ଭିତ୍ତିଭୂମି ନିର୍ମାଣ ଉପରେ ଧ୍ୟାନ ଦେବା ଆବଶ୍ୟକ ।



# ଏକାଧିକ ବ୍ୟାଙ୍କ ଆକାଉଣ୍ଟ ରହିଛି କି ?

## ଡକ୍ଟର ତପନ କୁମାର ପାଳ

ମୋ କଲେଜ ପଢ଼ା ସମୟର ସାଙ୍ଗ 'ନରେନ୍ଦ୍ର' କଥା କହୁଛି। ତାହାର ଏକ ଭଲ ଅଭ୍ୟାସ ଥିଲା ଡାକଘର ବ୍ୟତୀତ ସେ ସମୟରେ ଯେତେ ସବୁ ଛୋଟବଡ଼ ବ୍ୟାଙ୍କ ଥିଲା, ସେ ପ୍ରାୟତଃ ଆଗ୍ରହର ସହିତ ସବୁ ବ୍ୟାଙ୍କରେ ନିଜର ଆକାଉଣ୍ଟ ଖୋଲୁଥିଲା। ଆମ ସମୟରେ ବ୍ୟାଙ୍କ ପାସବୁକ ଖୋଲିବା ପାଇଁ ଏତେ ଜଟିଳ ପ୍ରକ୍ରିୟା ନଥିଲା। କଲେଜ ଆଇଡିଏଣ୍ଟି କାର୍ଡ଼ ଥିଲା ପରିଚୟ ପତ୍ର ଆଉ ପଚାଶ ଟଙ୍କା ରଖିଲେ ମଧ୍ୟ ସର୍ବନିମ୍ନ ଭାବରେ ବ୍ୟାଙ୍କରେ ଖାତା ଖୋଲି ହେବା ସମ୍ଭବପର ଥିଲା। ବର୍ତ୍ତମାନ କିନ୍ତୁ ରିଜର୍ଭ ବ୍ୟାଙ୍କର ଗାଇଡ଼ ଲାଇନ ଅନୁଯାୟୀ ଏକ ଜାତୀୟ କରଣ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ପାଇଁ ଅନେକ ସର୍ତ୍ତାବଳୀ ଓ ଜରୁରୀ କାଗଜପତ୍ରର ଆବଶ୍ୟକତା ରହିଛି। ତେବେ ମୋର ଆଜିର ଆଲୋଚନାଟି ହେଉଛି ଜଣେ ଭିନ୍ନ ଭିନ୍ନ ବ୍ୟାଙ୍କରେ ନିଜ ଆକାଉଣ୍ଟ ଖୋଲିବା କେତେ ଭଲ? କେତେ ମନ୍ଦ?

ଅର୍ଥବିଶେଷଜ୍ଞମାନେ ଗୋଟିଏ ସୁନ୍ଦର ପରାମର୍ଶ ଦିଅନ୍ତି। ସେମାନେ ସବୁବେଳେ ଗୋଟିଏ କଥା କୁହନ୍ତି ଯେ ଜଣେ ନିଜର ସମସ୍ତ ପୁଞ୍ଜି ବା ସଞ୍ଚୟ ଗୋଟିଏ ସ୍ଥାନରେ ଏକତ୍ର ନରଖୁ। ଦିନ ଥିଲା ଲୋକମାନେ ବ୍ୟାଙ୍କରେ ଆକାଉଣ୍ଟ ଖୋଲୁଥିଲେ ତାହା ପୁଣି ସେମାନଙ୍କର ବିଶ୍ୱାସ ଓ ଭରଷା ତଥା ଆଖପାଖର ଯୋଗାଯୋଗ ବ୍ୟବସ୍ଥାକୁ ଦେଖି ହେଲେ ବର୍ତ୍ତମାନ ଆଉ ସେ ସମୟ ନାହିଁ। ଅଧିକାଂଶ ଲୋକଙ୍କ ଭିନ୍ନ ଭିନ୍ନ ବ୍ୟାଙ୍କରେ ଆକାଉଣ୍ଟ ରହିଛି। ତେବେ ଏକାଧିକ ଆକାଉଣ୍ଟ ବ୍ୟବସ୍ଥା ବା ବିଭିନ୍ନ ବ୍ୟାଙ୍କରେ ପାସବୁକ ଖୋଲିବା ସହଜ ଓ ଲାଭଦାୟକ ଦିଗ ସମ୍ପର୍କରେ କିଛି ଲେଖୁଛୁ। ପ୍ରଥମତଃ ଜଣେ ଭିନ୍ନ ଭିନ୍ନ ବ୍ୟାଙ୍କରେ ସେଭିଂସ ଆକାଉଣ୍ଟ ଖୋଲିଲେ ଟଙ୍କାର ଉଚିତ ଓ ଯଥାର୍ଥ ଉପଯୋଗ ହୋଇପାରିବ। ଧରନ୍ତୁ ଜଣେ ତାଙ୍କ ଆୟର ନିର୍ଦ୍ଦିଷ୍ଟ ଭାଗ ସଉଦା କିଣା ଠାରୁ ଘରଭଡ଼ା ଏପରିକି ଦୈନନ୍ଦିନ ଖର୍ଚ୍ଚର କାରବାର ପାଇଁ ଗୋଟିଏ ଜମା ଖାତା ବ୍ୟବହାର କରିପାରିବେ। ଅନ୍ୟ ବ୍ୟାଙ୍କର ଆକାଉଣ୍ଟ ଆପଣଙ୍କର କେବଳ ସଞ୍ଚୟ ପାଇଁ ବ୍ୟବସ୍ଥା କରନ୍ତୁ ଯାହାଦ୍ୱାରା ଜଣେ ବେଶ ଭଲ ଭାବେ ବୁଝି ପାରିବ ଏବଂ ଟଙ୍କାକୁ ମଧ୍ୟ ମାପି ପାରିବ ଯେ ବାସ୍ତବରେ ତାଙ୍କର କେତେ ଖର୍ଚ୍ଚ ହେଉଛି? ତା ଭିତରୁ ବଦ୍ ଖର୍ଚ୍ଚ କେତେ?

ତେଲ ଲୁଣ ଗୁଜୁରାଣ ଭିତରେ ଅନେକଙ୍କର ଅନେକ ସମୟରେ ଜରୁରୀ ଅର୍ଥ ଦରକାର ପଡ଼ିଥାଏ। ଦୁର୍ଘଟଣା ହେଉ ବା ଆକସ୍ମିକ ଖର୍ଚ୍ଚ। ଭୋଜିଭାତ ହେଉ ବା ପର୍ବପର୍ବାଣୀ, ଏ ସବୁ ଅପ୍ରତ୍ୟାସିତ ଖର୍ଚ୍ଚ ପାଇଁ ବିଭିନ୍ନ ଆକାଉଣ୍ଟରେ ଥିବା ସଞ୍ଚୟ ଅର୍ଥ ଜରୁରୀ କାଳୀନ ପାଣ୍ଠି ସୁରକ୍ଷା କବଚ ପରି କାମ କରେ। ଏହା ଆପଣଙ୍କର ଜରୁରୀ କାଳୀନ ଖର୍ଚ୍ଚକୁ ସମ୍ଭାଳି ପାରିଥାଏ କାରଣ ଏକ ପୃଥକ ଆକାଉଣ୍ଟରେ ଅର୍ଥ ରହିବା ଦ୍ୱାରା ଜଣେ ତାଙ୍କର ଯାବତୀୟ ଅନାବଶ୍ୟକ ଖର୍ଚ୍ଚକୁ କମେଇବା ସମ୍ଭବପର ହୋଇଥାଏ। ସେହିପରି ଆଉ ଗୋଟିଏ ହୁଏତ ଛୋଟିଆ ଲାଭ ହୋଇପାରେ କିନ୍ତୁ ଏହା ହିଁ ଭିନ୍ନ ଆକାଉଣ୍ଟର ସଫଳତା କହିଲେ ଅତ୍ୟୁକ୍ତି ହେବନାହିଁ ତାହା ହେଉଛି ସୁଧ। ଭାରତରେ କିଛି ବ୍ୟାଙ୍କ ଜମାକାରୀଙ୍କୁ ଉଚ୍ଚ ହାରରେ ସୁଧ ପ୍ରଦାନ କରିଥାନ୍ତି ତେଣୁ ଜଣେ ଯଦି ନିର୍ଭରଯୋଗ୍ୟ ଓ ବିଶ୍ୱସ୍ତ ଉଚ୍ଚ ହାରର ସୁଧ ମିଳୁଥିବା ଆକାଉଣ୍ଟରେ ଅର୍ଥ ସଞ୍ଚୟ କରିଥାନ୍ତି ତାହାଲେ ସେଥିରୁ ଉଚ୍ଚହାରର ସୁଧ ମିଳିବାର ସମ୍ଭାବନା ରହିଥାଏ। ସେହିପରି ଅନ୍ୟ ଏକ ସୁବିଧାର ଦିଗଟି ହେଉଛି ବର୍ତ୍ତମାନ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଏକ ପ୍ରକାର ଡିଜିଟାଲ ବ୍ୟବସ୍ଥାରେ ପରିଚାଳିତ ହେଉଛି। ଡିଜିଟାଲ ଦେଣନେଣ ବ୍ୟବସ୍ଥା ବ୍ୟାଙ୍କ ଟେକ୍ନୋଲୋଜିର ଗତିକୁ ଦ୍ରୁତ ଗତିରେ ଆଗଉଛି। ବ୍ୟାଙ୍କିଙ୍ଗ ସମ୍ବନ୍ଧୀୟ ଅନେକ କାମ ଇଣ୍ଟରନେଟ ଦ୍ୱାରା ପରିଚାଳିତ ହୋଇଥାଏ। ତେବେ ଅନେକ ସମୟରେ ସର୍ଭର ସମ୍ବନ୍ଧୀୟ ସମସ୍ୟା ବା ଲିଙ୍କ ଫେଲ ହୋଇ ଘଣ୍ଟା ଘଣ୍ଟା ଏପରିକି ଦିନେ ଦୁଇଦିନ ପାଇଁ କାରବାର ଏକ ପ୍ରକାର ଅଚଳ କରିଦେଇଥାଏ। ଜଣେ ଆର୍ଥିକ କାରବାର ପାଇଁ ଏହି ସମୟରେ ବଡ଼ କଷ୍ଟ ଅନୁଭବ କରିଥାଏ କିନ୍ତୁ ଏକାଧିକ ଆକାଉଣ୍ଟ ଏହିପରି ସମୟରେ ଆପଣଙ୍କର ଅସୁବିଧାକୁ ସୁବିଧାଜନକ କରିପାରେ। କାରଣ ସବୁ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସମାନ ସମୟରେ ଟେକ୍ନୋଲୋଜି ବିଭ୍ରାଟ ବା ସର୍ଭର ସମସ୍ୟା ପ୍ରାୟତଃ ରହିନଥାଏ।

ହଁ, କେହି କେହି ଏକାଧିକ ଆକାଉଣ୍ଟ ଖୋଲିବା ପାଇଁ କ'ଣ କ'ଣ ସବୁ ଜରୁରୀ ଆବଶ୍ୟକତା ତାହା ଉପରେ ପ୍ରଶ୍ନ ପଚାରନ୍ତୁ। ତେବେ ଜଣଙ୍କର କୌଣସି ଏକ ନିର୍ଦ୍ଦିଷ୍ଟ ବ୍ୟାଙ୍କରେ ଆକାଉଣ୍ଟ ଥିଲେ ପରବର୍ତ୍ତୀ ସମୟରେ ଏକାଧିକ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ପାଇଁ ସେମିତି କିଛି ସର୍ତ୍ତାବଳୀ ବା ନିୟମାବଳୀ ନାହିଁ। ତେବେ ଆପଣ ଖୋଲୁଥିବା ଆକାଉଣ୍ଟର ସଂପୃକ୍ତ ବ୍ୟାଙ୍କ କିଛି ଛୋଟିଆ ନିୟମାବଳୀ ରଖିପାରିବେ। ଅଠର ବର୍ଷ ବୟସରେ ଜଣେ ପହଞ୍ଚିବା ପରେ ସାବାଳକ ଜଣେ ବ୍ୟାଙ୍କରେ ଆକାଉଣ୍ଟ ଖୋଲିପାରିବେ। ନାବାଳକ ହୋଇଥିଲେ ବାପା - ମାଆ କିମ୍ବା ଅଭିଭାବକ ଦ୍ୱାରା ଆକାଉଣ୍ଟରେ ଦେଣନେଣ ବ୍ୟବସ୍ଥା ସମ୍ଭବ ହୋଇଥାଏ। ଏକାଧିକ ବ୍ୟାଙ୍କ ଆକାଉଣ୍ଟ ଖୋଲିବାର ଅନ୍ୟତମ ଯୋଗ୍ୟତା ହେଉଛି ଆପଣ ଭାରତର ନାଗରିକ ହୋଇଥିବେ ବା ଜଣେ ପ୍ରବାସୀ ଭାରତୀୟ ହୋଇଥିବେ। ସେହିପରି ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ କେୱାଇସି ନିର୍ଦ୍ଦେଶାବଳୀକୁ ପାଳନ କରିବା ବିଧେୟ।

ଏକାଧିକ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ନେଇ ଅନେକ ପ୍ରଶ୍ନ ମୋତେ ଅନେକ ଲୋକ ପଚାରି ଥାନ୍ତି। କେତେଟା ବ୍ୟାଙ୍କରେ ଆପଣ ପାସବୁକ୍ ଖୋଲି ପାରୁଛନ୍ତି ତାହା ବଡ଼ କଥା ନୁହେଁ। ସବୁଠାରୁ ବଡ଼ କଥା ହେଉଛି ଆପଣ ଆପଣଙ୍କ ରୋଜଗାର ଓ ଖର୍ଚ୍ଚକୁ ଦେଖି ଏକ ବ୍ୟକ୍ତିଗତ ବଜେଟ ତିଆରି କରନ୍ତୁ। କେତେ ରୋଜଗାର? କେତେ ଖର୍ଚ୍ଚ? କେତେ ସଞ୍ଚୟ? ଏସବୁକୁ ଭଲ ଭାବେ ଦୃଷ୍ଟିରେ ରଖି ଆକାଉଣ୍ଟ ଖୋଲିବା ପାଇଁ ମନ ଦିଅନ୍ତୁ। କାରଣ ଅନେକ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଦେଇ ଏଥିରେ କାରବାର ବ୍ୟବସ୍ଥା ଜାରି ନରଖିଲେ ପରବର୍ତ୍ତୀ ସମୟରେ ବ୍ୟାଙ୍କ ଆକାଉଣ୍ଟ ପରିଚାଳନା କରିବା ଅସୁବିଧା ଜନକ ହୋଇପାରେ। କେବଳ ସେତିକି ନୁହେଁ ଆପଣ ଯଦି ସେହି ଆକାଉଣ୍ଟରେ କୌଣସି କାରବାର ନକରନ୍ତି ତେବେ ବ୍ୟାଙ୍କ ତାର ନିର୍ଦ୍ଧାରିତ ସମୟରେ ରକ୍ଷଣାବେକ୍ଷଣ ଦେୟ, ସୁଧ ଓ ଅନ୍ୟାନ୍ୟ ଚାର୍ଜ ଆପଣଙ୍କ ପକେଟକୁ ବାଧି ପାରେ। ତେବେ ଏକାଧିକ ବ୍ୟାଙ୍କ ଆକାଉଣ୍ଟ ଖୋଲୁଥିଲେ ବ୍ୟାଙ୍କ ନିକଟରେ ଆପଣ ନିଜର ସମସ୍ତ ଜରୁରୀ ଓ ନିର୍ଭରଯୋଗ୍ୟ ସୂଚନା ପ୍ରଦାନ କରନ୍ତୁ। ଆପଣଙ୍କ ଆର୍ଥିକ କାରବାର ଯେପରି ବିବାଦୀୟ କିମ୍ବା ଆଇନଗତ ଜଟିଳତା କ୍ଷେତ୍ର ଭିତରେ ନଥାଏ ସେ ଦିଗ ପ୍ରତି ଭଲଭାବେ ଦେଖନ୍ତୁ। ବ୍ୟାଙ୍କରୁ ଯଦି ଲୋନ ଆଣୁଥାନ୍ତି ସେ କ୍ଷେତ୍ରରେ ସ୍ୱଚ୍ଛତା ରଖିବା ଜରୁରୀ। ଲୋନ ଆଣୁଥିଲେ ନିଜ ଖର୍ଚ୍ଚକୁ ଦେଖି ନିର୍ଦ୍ଧାରିତ ସମୟରେ ଋଣ ବା କିସ୍ତି ସୁଝିଦେବା ଖୁବ ଭଲ। ତେଣୁ କେତେଟା ବ୍ୟାଙ୍କରେ ଆପଣ ନିଜ ବଡ଼ିମା ଦେଖାଇ ଆକାଉଣ୍ଟ ଖୋଲି ପାରୁଛନ୍ତି ତାହା ବଡ଼କଥା ନୁହେଁ। ସର୍ବନିମ୍ନ ଭାବରେ ଏକାଧିକ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ନିଜର ଆର୍ଥିକ ସୁପରିଚାଳନା ସହ ଦେଣନେଣରେ କୌଣସି ଝାମେଲାର ଶିକାର ହୋଇନାହାଁନ୍ତି ତାହେଲେ ଭାବନ୍ତୁ ଆପଣ ଏକାଧିକ ଆକାଉଣ୍ଟ ଖୋଲି କିଛି ଭୁଲ କରିନାହାଁନ୍ତି।

+ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ,
ଷ୍ଟାଫ କଲୋନୀ, ଦେଉଳ ସାହି,
ତୁଳସୀପୁର, କଟକ,
ମୋ : ୯୯୩୭୬୫୮୩୬୨



# ରାଜନୀତି ପଶାପାଲିରେ ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ

## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଓଡ଼ିଆ ସାହିତ୍ୟର ଇତିହାସରେ ପଞ୍ଚସଖାଙ୍କ ଅବଦାନ ଅତୁଳନୀୟ। ଏହି ପଞ୍ଚସଖାଙ୍କ ମଧ୍ୟରେ ବଳରାମ ଦାସଙ୍କ ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ଏମିତି ଜଣେ କବି, ଯିଏ ଧର୍ମ, ଭକ୍ତି, ସମାଜ ସଂସ୍କାର ଓ ମାନବତାର ଆଦର୍ଶକୁ ସରଳ ଓଡ଼ିଆ ଭାଷାରେ ଜନସାଧାରଣଙ୍କ ପାଖରେ ପହଞ୍ଚାଇଥିଲେ। ତାଙ୍କ ରଚିତ 'ଲକ୍ଷ୍ମୀ ପୁରାଣ' ଓଡ଼ିଆ ସାହିତ୍ୟର ଏକ ଅମୂଲ୍ୟ ସମ୍ପଦ। ଏହା କେବଳ ଧାର୍ମିକ କାବ୍ୟ ନୁହେଁ; ବରଂ ସାମାଜିକ ସମାନତା, ନାରୀ ସମ୍ମାନ, ଅସ୍ପୃଶ୍ୟତା ବିରୋଧ ଏବଂ ମାନବିକତାର ଏକ ଯୁଗାନ୍ତକାରୀ ବାର୍ତ୍ତା। 'ଲକ୍ଷ୍ମୀ ପୁରାଣ' ଆଜି ମଧ୍ୟ ଘରେ ଘରେ ପାଠ କରାଯାଏ। ବିଶେଷକରି ଗୁରୁବାର ଦିନ ମା' ଲକ୍ଷ୍ମୀଙ୍କ ପୂଜା ସମୟରେ ଏହାର ପାଠ ଓଡ଼ିଶାର ଏକ ପ୍ରାଚୀନ ପରମ୍ପରା। ଏହି ଗ୍ରନ୍ଥ ଆମକୁ ଶିଖାଏ ଯେ ଜାତି କିମ୍ବା ଜନ୍ମ ନୁହେଁ, ବରଂ ପବିତ୍ରତା, ପରିଶ୍ରମ, ନମ୍ରତା ଓ ସଦାଚାର ହିଁ ପ୍ରକୃତ ଧର୍ମ।

ବଳରାମ ଦାସ ପଞ୍ଚସଖାଙ୍କ ମଧ୍ୟରୁ ଜଣେ ପ୍ରମୁଖ କବି ଥିଲେ। ସେ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ଥିଲେ। ତାଙ୍କ ରଚନାରେ ଭକ୍ତି ସହିତ ସାମାଜିକ ଚେତନାର ଅଦ୍ଭୁତ ସମନ୍ୱୟ ଦେଖାଯାଏ। ସେ ଲୋକଭାଷାରେ ଧାର୍ମିକ ଗ୍ରନ୍ଥ ରଚନା କରି ସାଧାରଣ ଲୋକଙ୍କୁ ଧର୍ମର ପ୍ରକୃତ ଅର୍ଥ ବୁଝାଇଥିଲେ। ତାଙ୍କର ପ୍ରସିଦ୍ଧ ରଚନାମାନଙ୍କ ମଧ୍ୟରେ 'ଜଗମୋହନ ରାମାୟଣ', 'ଗୁପ୍ତଗୀତା' ଏବଂ 'ଲକ୍ଷ୍ମୀ ପୁରାଣ' ବିଶେଷ ଉଲ୍ଲେଖନୀୟ। ସେହି ସମୟରେ ସମାଜରେ ଜାତିଭେଦ, ଉଚ୍ଚ-ନୀଚ ଭାବନା ଓ ଅସ୍ପୃଶ୍ୟତା ଅତ୍ୟନ୍ତ ପ୍ରବଳ ଥିଲା। ନିମ୍ନବର୍ଗର ଲୋକମାନଙ୍କୁ ମନ୍ଦିର ପ୍ରବେଶ ଓ ସାମାଜିକ ସମ୍ମାନରୁ ବଞ୍ଚିତ କରାଯାଉଥିଲା। ନାରୀମାନଙ୍କ ସ୍ଥିତି ମଧ୍ୟ ସେତେଟା ସମ୍ମାନଜନକ ନଥିଲା।

ଏହି ପରିପ୍ରେକ୍ଷୀରେ ବଳରାମ ଦାସ 'ଲକ୍ଷ୍ମୀ ପୁରାଣ' ରଚନା କରି ଏକ ସାମାଜିକ ବିପ୍ଳବର ଆରମ୍ଭ କରିଥିଲେ। ସେ ଦର୍ଶାଇଥିଲେ ଯେ ମା' ଲକ୍ଷ୍ମୀ ସମସ୍ତଙ୍କର ଦେବୀ। ସେ କେବଳ ଉଚ୍ଚବର୍ଗର ନୁହେଁ; ପ୍ରତ୍ୟେକ ପରିଶ୍ରମୀ, ପବିତ୍ର ଓ ସତ୍ୟବାଦୀ ମଣିଷଙ୍କ ଘରକୁ ସେ ଯାଆନ୍ତି। ଏକଦିନ ମା' ଲକ୍ଷ୍ମୀ ଶ୍ରୀମନ୍ଦିରରୁ ବାହାରି ଜଣେ ଅତ୍ୟନ୍ତ ଗରିବ ନାରୀ ଶ୍ରୀୟା ଚାଣ୍ଡାଳୁଣୀଙ୍କ ଘରକୁ ଯାଆନ୍ତି। ଶ୍ରୀୟା ନିଜ ଘରକୁ ଅତ୍ୟନ୍ତ ସଫାସୁତରା ରଖିଥାନ୍ତି ଏବଂ ଭକ୍ତିଭାବରେ ମା'ଙ୍କୁ ସ୍ୱାଗତ କରନ୍ତି। ମା' ଲକ୍ଷ୍ମୀ ଶ୍ରୀୟାଙ୍କ ଭକ୍ତି ଓ ପବିତ୍ରତାରେ ପ୍ରସନ୍ନ ହୋଇ ତାଙ୍କ ଘରେ ଭୋଜନ କରନ୍ତି। ଏହି ଘଟଣା ଜାଣି ବଡ଼ଭାଇ ବଳଭଦ୍ର କ୍ରୋଧିତ ହୋଇ କହନ୍ତି ଯେ ଚାଣ୍ଡାଳ ଘରକୁ ଯାଇ ଭୋଜନ କରିଥିବାରୁ ଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ କରିବାକୁ ଦିଆଯିବ ନାହିଁ। ଲକ୍ଷ୍ମୀ ମା' ଏହି ଅନ୍ୟାୟର ପ୍ରତିବାଦ କରି ଶ୍ରୀମନ୍ଦିର ଛାଡ଼ି ଚାଲିଯାଆନ୍ତି। ତାଙ୍କ ବିଦାୟ ପରେ ଶ୍ରୀଜଗନ୍ନାଥ ଓ ବଳଭଦ୍ର ଦାରିଦ୍ର୍ୟ, ଅଭାବ ଓ ଭୋକରେ କଷ୍ଟ ପାଆନ୍ତି। ସେମାନଙ୍କ ପାଖରେ ଖାଇବାକୁ କିଛି ରହେନାହିଁ। ଶେଷରେ ସେମାନେ ନିଜ ଭୁଲ ବୁଝିପାରନ୍ତି। ମା' ଲକ୍ଷ୍ମୀଙ୍କୁ କ୍ଷମା ପ୍ରାର୍ଥନା କରି ପୁନର୍ବାର ଶ୍ରୀମନ୍ଦିରକୁ ଆଣନ୍ତି। ଲକ୍ଷ୍ମୀ ମା' ସର୍ତ୍ତ ରଖନ୍ତି ଯେ ଭବିଷ୍ୟତରେ କେବେ ମଧ୍ୟ ଜାତିଭେଦ କିମ୍ବା ଅସ୍ପୃଶ୍ୟତାକୁ ପ୍ରଶ୍ରୟ ଦିଆଯିବ ନାହିଁ। ସମସ୍ତ ମଣିଷ ସମାନ ସମ୍ମାନର ଅଧିକାରୀ ହେବେ। 'ଲକ୍ଷ୍ମୀ ପୁରାଣ'ର ସବୁଠାରୁ ବଡ଼ ବାର୍ତ୍ତା ହେଉଛି ସମାନତା। ଏଠାରେ ସ୍ପଷ୍ଟ କରାଯାଇଛି ଯେ ମଣିଷର ମହତ୍ତ୍ୱ ତାହାର ଜାତିରେ ନୁହେଁ, ତାହାର କର୍ମରେ। ଏହା ଅସ୍ପୃଶ୍ୟତା ବିରୋଧରେ ଏକ ଶକ୍ତିଶାଳୀ ସାହିତ୍ୟିକ ପ୍ରତିବାଦ।ଏହି କାବ୍ୟରେ ଲକ୍ଷ୍ମୀ କେବଳ ଗୃହଦେବୀ ନୁହେଁ; ସେ ନ୍ୟାୟ, ସ୍ୱାଭିମାନ ଓ ଆତ୍ମସମ୍ମାନର ପ୍ରତୀକ। ଅନ୍ୟାୟ ବିରୋଧରେ ସେ ନିଜ ନିଷ୍ପତ୍ତି ନିଜେ ନିଅନ୍ତି। ଏହା ନାରୀଙ୍କ ସ୍ୱାଧୀନ ସ୍ଥାନ ଓ ସମ୍ମାନକୁ ଉଚ୍ଚ ସ୍ଥାନ ଦେଇଥାଏ। ଲକ୍ଷ୍ମୀ ପୁରାଣରେ ସଫାସୁତରା, ପରିଶ୍ରମ ଓ ଶୃଙ୍ଖଳାକୁ ଅତ୍ୟଧିକ ଗୁରୁତ୍ୱ ଦିଆଯାଇଛି। ଯେଉଁ ଘର ସଫା, ଯେଉଁଠାରେ ପରିଶ୍ରମ, ସତ୍ୟ ଓ ଭକ୍ତି ଅଛି, ସେଠାରେ ଲକ୍ଷ୍ମୀଙ୍କ ବାସ ହୁଏ ବୋଲି କୁହାଯାଇଛି।ଓଡ଼ିଶାରେ ଗୁରୁବାର ଦିନ ଲକ୍ଷ୍ମୀ ପୁରାଣ ପାଠର ପରମ୍ପରା ଆଜି ମଧ୍ୟ ବହୁ ପ୍ରଚଳିତ। ଏହା କେବଳ ଧନଲାଭ ପାଇଁ ନୁହେଁ, ବରଂ ଘରେ ଶାନ୍ତି, ସଦ୍ଭାବ, ସଫାସୁତରା ଓ ନୈତିକ ଜୀବନ ଗଠନ ପାଇଁ ପାଠ କରାଯାଏ। ବଳରାମ ଦାସ ସରଳ, ସୁନ୍ଦର ଓ ସଙ୍ଗୀତମୟ ଓଡ଼ିଆ ଭାଷା ବ୍ୟବହାର କରିଛନ୍ତି। ତାଙ୍କ ଭାଷା ସାଧାରଣ ଲୋକଙ୍କ ପାଇଁ ସହଜବୋଧ। ଉପମା, ରୂପକ, ଭକ୍ତିରସ ଓ ନୀତିବୋଧର ସୁନ୍ଦର ସମନ୍ୱୟ ଏହି କାବ୍ୟକୁ କାଳଜୟୀ କରିଛି। ଆଜି ମଧ୍ୟ ସମାଜରେ ବିଭିନ୍ନ ପ୍ରକାରର ବୈଷମ୍ୟ ଦେଖିବାକୁ ମିଳେ। 'ଲକ୍ଷ୍ମୀ ପୁରାଣ' ଆମକୁ ଶିଖାଏ ଯେ ସମସ୍ତ ମଣିଷଙ୍କୁ ସମାନ ସମ୍ମାନ ଦେବା ଉଚିତ। ନାରୀ ସମ୍ମାନ, ସାମାଜିକ ନ୍ୟାୟ, ପରିଚ୍ଛନ୍ନତା, ପରିଶ୍ରମ ଓ ମାନବିକତାର ମୂଲ୍ୟବୋଧ ଆଜି ମଧ୍ୟ ସମାନ ଭାବେ ପ୍ରସଙ୍ଗିକ। ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ' ଓଡ଼ିଆ ସାହିତ୍ୟର ଏକ ଅନନ୍ୟ କୃତି। ଏହା କେବଳ ଧାର୍ମିକ ଗ୍ରନ୍ଥ ନୁହେଁ; ଏହା ସାମାଜିକ ସଂସ୍କାର, ମାନବ ସମାନତା ଓ ନାରୀ ମର୍ଯ୍ୟାଦାର ଘୋଷଣାପତ୍ର। ଶ୍ରୀୟା ଚାଣ୍ଡାଳୁଣୀଙ୍କ ଘରକୁ ଲକ୍ଷ୍ମୀଙ୍କ ଯିବା ଘଟଣା ସମଗ୍ର ସମାଜକୁ ଏହି ଶିକ୍ଷା ଦିଏ ଯେ ଈଶ୍ୱରଙ୍କ ଦୃଷ୍ଟିରେ ସମସ୍ତେ ସମାନ। ତେଣୁ ଆମେ ଜାତି, ବର୍ଣ୍ଣ, ଧନ କିମ୍ବା ପଦମର୍ଯ୍ୟାଦା ଆଧାରରେ କେବେ ବିଭେଦ କରିବା ଉଚିତ ନୁହେଁ। ସତ୍ୟ, ପରିଶ୍ରମ, ପବିତ୍ରତା, ଦୟା ଓ ସମାନତାର ଆଦର୍ଶକୁ ଜୀବନରେ ଅନୁସରଣ କରିବା ହିଁ 'ଲକ୍ଷ୍ମୀ ପୁରାଣ'ର ପ୍ରକୃତ ଶିକ୍ଷା। ଏହି କାରଣରୁ ବଳରାମ ଦାସଙ୍କ ଏହି ଅମର କୃତି ଯୁଗେ ଯୁଗେ ଓଡ଼ିଆ ଜାତିର ସାଂସ୍କୃତିକ ଓ ନୈତିକ ଜୀବନକୁ ଆଲୋକିତ କରିଆସିଛି। କିନ୍ତୁ ବର୍ତ୍ତମାନର ସରକାର ଏହି ପାରମ୍ପରିକ ଲକ୍ଷ୍ମୀ ପୁରାଣକୁ ସଂଶୋଧନ ଆଳରେ ବଦଳାଇ ନୂଆ ବହି ଛାପିବାକୁ ଘୋଷଣା କରିଛି ଯାହା ଓଡ଼ିଶାର ପୁରପଲ୍ଲୀ ରେ ଥିବା ମହିଳାଙ୍କ ମନରେ ଆଘାତ ଦେଇଛି ଓ ଏହାର ବିରୋଧରେ ସ୍ୱର ଉତ୍ତୋଳନ ମଧ୍ୟ ହେଉଛି। ତେବେ ଗୋଟିଏ କଥା ସତ ଯେ ଯେଉଁ ଲକ୍ଷ୍ମୀ ପୁରାଣ ବହି ସମଗ୍ର ଓଡ଼ିଶାର ନାରୀମାନଙ୍କ ଭକ୍ତି ଓ ହୃଦୟରେ ବସି ସାରିଛି ସେହି ପାରମ୍ପରିକ ବହିକୁ ବଦଳାଇବା ପୂର୍ବରୁ ସରକାରଙ୍କୁ ପୁନଃବିଚାର କରିବା ଆବଶ୍ୟକ ।

+ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬




## ଜଗନ୍ନାଥ

### ଦିନେଶ ମେହେର

ସାଢ଼େ ଚାରିକୋଟି ଓଡ଼ିଆଙ୍କ
ମେରୁଦଣ୍ଡ ସାଜିଛି
ଅଧାଗଢ଼ା କାଠ ବିଗ୍ରହଟିଏ,
କେଜାଣି କାହା ବିଶ୍ୱାସର
କେନ୍ଦ୍ରବିନ୍ଦୁ ସିଏ,
ଯା ପାଖରେ ଭରି ରହିଛି
ସମସ୍ତ ଅସମାହିତ ପ୍ରଶ୍ନର ଉତ୍ତର....!
ବେଳେ ବେଳେ ଭାବେ,
ସେ ହେଇଥିବ ଗୋଟେ ଅନନ୍ତ ସ୍ରଷ୍ଟା,
ପରୋକ୍ଷରେ ସେ ଗଢ଼ି ଦେଇଥିବ
ନଗ୍ନ ପଥରର ମୂକସାକ୍ଷୀ ଭାବେ
ଦଣ୍ଡାୟମାନ ପ୍ରସ୍ତର କୋଣାର୍କ,
ତୋଳି ଦେଇପାରେ ଛାୟାବିହୀନ
ବିଶାଳ ରାଜ ଉଆସ,
ମୁଁ କହିବି,
ଯଦି ମତେ ବାପାର ସଂଜ୍ଞା
ଖୋଜିବାକୁ ହୁଏ
ତାହେଲେ ଗରୁଡ଼ ସ୍ତମ୍ଭ ପଛରେ
ଠିଆ ହେଇ
ମୁଁ ତାକୁ ହିଁ ଚାହିଁ ରହିବି,
ଯଦି ମାଁ କୁ ଖୋଜିବାକୁ ହୁଏ
ତେବେ ମୁଠାଏ ଅଭଡ଼ାରେ ପାଇଯିବି
ଅନେକ ଦିନରୁ ଖୋଜି
ଆସୁଥିବା ମମତା,
ଯଦି ବନ୍ଧୁଟିଏ ଖୋଜିବି
ତାହେଲେ ବଂଶୀସ୍ୱନରେ
ନିଜକୁ ହଜେଇ ଦେବି
ପାଲଟି ଯିବି ଗୋଟିଏ ଗୋପନାରୀ,
କେବେ କେବେ
ସମୟର ଚକ୍ରରେ
ଛନ୍ଦି ହେଇ ଭାଗ୍ୟମାନେ
ଛଟପଟ ହେଉଥିବା ବେଳେ
ସେ ହିଁ ତ ଆସି ଅଟକେଇ
ଦିଏ ସଭ୍ୟତାର ନନ୍ଦିଘୋଷ,
ଅଟକେଇ ଦିଏ ଆକାଶର
ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ ନକ୍ଷତ୍ରକୁ
ବଦଳେଇ ଦିଏ ଭାଗ୍ୟର ସବୁରାସ୍ତା,
ଯେବେ ମରଣ ଆସି କବାଟ ବାଡ଼ାଏ
ସେ ହିଁ ତ ଟାଳି
ଦେଇଯାଏ ଯମଦଣ୍ଡ......!
ମୁଁ ତାକୁ ଜାଣେ,
ଅତି ଗହନ ଅନ୍ଧକାରରେ ଚିହ୍ନିପାରେ
ତାର ଅବସ୍ଥିତି,
ଯେତେବେଳେ ଜୀବନ
ଅନ୍ଧାର ହେଇଯାଏ
ସେ ହିଁ ତ ଆଲୋକର
ରଶ୍ମୀଟିଏ ହେଇ
ଦୂରେଇ ଦିଏ ତମସାଚ୍ଛନ୍ନ
ବେସୁରା ଜୀବନକୁ,
ଭରିଦିଏ ସଙ୍ଗୀତର ସାତସୁର
ତାର ସୁରିଲା ଓଠର ଧାରେ ହସରେ,
ଢ଼ଳ ଢ଼ଳ ଚକା ଆଖିରେ
ତାର କଳା ରଙ୍ଗର ଦେହରେ.....!

+ଜୁନାଗଡ଼ କଳାହାଣ୍ଡି
ମୋ : ୮୦୧୮୮୨୮୪୫୬

## ମାୟାଜାଲ

### ମୋହନ କୁମାର ସ୍ୱାଇଁ



କାହିଁକି କେଜାଣି ଭାରି ଭଲ ଲାଗେ
ଇମିତି ଘରଟେ କରିବାକୁ
ଯେଉଁଠାରେ ଟିକେ 'ମୁଁ' ହିଁ ନଥିବ
ଛାତଟିଏ ଥିବ ଶୋଇବାକୁ ।

କବାଟ ଝରକା ଖୋଲା ରହିଥିବ
ଶୀତଳ ମଳୟ ବହୁଥିବ
ଖୋଲା ଆକାଶକୁ ଶାନ୍ତ ପରିବେଶ
ନିରୋଳା ନିରୋଳା ଲାଗୁଥିବ ।

ମଝିରେ ମଝିରେ ବସନ୍ତ ଗୀତିକା
କୋଇଲି କଣ୍ଠରୁ ଶୁଭୁଥିବ
ସୁନା ହରିଣୀର ବାତ୍ସଲ୍ୟ ମମତା
ଝରକା କୋଣରୁ ଦିଶୁଥିବ ।

ଘରର ଘରଣୀ କଅଁଳ କଥାରେ
ଶୁଣିଦେଲେ ପେଟ ଭରୁଥିବ
ବାପା ଡାକ ଶୁଣି ହତାଶିଆ ଭୋକ
କ୍ଷଣିକ ଭିତରେ ମରୁଥିବ ।

କାହିଁକି କେଜାଣି ଭାରି ଭଲ ଲାଗେ
ଗହଳି ଦୂରେଇ ରହିବାକୁ
ଆଶାର ମାୟାରୁ ମୁକୁଳିବା ଲାଗି
ପଘା ଛିଡେଇକି ଧାଇଁ ବାକୁ ।

+ବେଣାପୁର କଣ୍ଟିଗଡ଼ିଆ ଯାଜପୁର
ମୋ: ୮୧୨୮୦୯୯୦୩୮











# ଉପଯୁକ୍ତ ଦାନ



## ନଳିନୀ କାନ୍ତ ପାଢ଼ୀ

ରଘୁପୁର ଗୋଟିଏ ଛୋଟ ଗାଁ । ସେହି ଗାଁରେ କର୍ଣ୍ଣ ନାମକ ଜଣେ ଲୋକ ବାସ କରୁଥିଲେ । ସେ ଅତି ଦାନୀ ଥିଲେ । ସେ ଯାହାକୁ ଭେଟୁଥିଲେ, ତାଙ୍କ ଘରକୁ ଡାକୁଥିଲେ। ପଶୁପକ୍ଷୀଙ୍କୁ ଦେଖିଲେ ସେ ଅଧୀର ହୋଇ ଯାଉଥିଲେ । ସେ ସମସ୍ତଙ୍କୁ ଖାଇବାକୁ ଦେଉଥିଲେ । ସେମାନଙ୍କ ସେବା ଯତ୍ନ କରି ଅପାର ଆନନ୍ଦ ଲଭୁଥିଲେ । ଦିନେ ଜଣେ ସନ୍ନ୍ୟାସୀ ତାଙ୍କ ଘରକୁ ଆସିଲେ । ତାଙ୍କୁ ଦେଖି କର୍ଣ୍ଣ ଖୁସି ହୋଇଗଲେ। ତାଙ୍କର ସମସ୍ତ ସେବା କଲେ। ଖାଇସାରି ସନ୍ନ୍ୟାସୀ ଦେଖିଲେ ଦଳଦଳ ପକ୍ଷୀଙ୍କୁ କର୍ଣ୍ଣ ରୁଟି, ଚାଉଳ ଓ ବିଭିନ୍ନ ଖାଦ୍ୟ ଶସ୍ୟ ଖାଇବାକୁ ଦେଉଛନ୍ତି । ସେ କେତେକ ଲୋକଙ୍କୁ ମଧ ଖାଇବାକୁ ଦେଉଛନ୍ତି । ସନ୍ନ୍ୟାସୀଙ୍କୁ ଏ ସବୁ ଭଲ ଲାଗୁନଥାଏ । ଘରଟିରେ ସଦା ବେଳେ ଗହଳ ଚହଳ ଲାଗିରହିଥାଏ ।

ମଧ୍ୟାହ୍ନ ଭୋଜନ ବେଳେ କର୍ଣ୍ଣ ଓ ସନ୍ନ୍ୟାସୀ ଏକ ସାଙ୍ଗେ ଖାଇ ବସିଲେ। ଖାଉଖାଉ କର୍ଣ୍ଣଙ୍କୁ ସନ୍ନ୍ୟାସୀ ପଚାରିଲେ -ଏତେ ପଶୁ, ପକ୍ଷୀ ଓ ଲୋକମାନଙ୍କୁ ପ୍ରତିଦିନ ଆପଣ ଖାଇବାକୁ



ଦେଉଛନ୍ତି କାହିଁକି ? ଏମାନେ ତ ବେଶ ସୁସ୍ଥ ଓ ସବଳ ଅଟନ୍ତି । କର୍ଣ୍ଣ ଉତ୍ତର ଦେଲେ, ଜୀବ ମାନଙ୍କୁ ଦୟା କରିବା ମୋର କର୍ତ୍ତବ୍ୟ । ଏହା କରି ମୁଁ ଆନନ୍ଦ ପାଏ । ସନ୍ନ୍ୟାସୀ ତାଙ୍କ ପାଟିରୁ କଥା ଛଡାଇ କହିଲେ, ତାହା ତ ସତ କଥା । ହେଲେ ତୁମେ ତୁମ ଉପାର୍ଜନ କଥା ଚିନ୍ତା କରୁନାହଁ କାହିଁକି ? ଏମାନଙ୍କୁ ଦାନ ଦେଉଦେଉ ତୁମର ସମସ୍ତ ସମ୍ପତ୍ତି ଅଚିରେ ଶେଷ ହୋଇଯିବ। ଏଇ ସୁସ୍ଥ ସବଳ ଲୋକଙ୍କୁ ଖାଇବାକୁ ଦେଉଥିବାରୁ ଏମାନେ ଆଉ କାମ କରୁନାହାନ୍ତି । କର୍ମ କୁଣ୍ଠ ପାଲଟି ଯାଉଛନ୍ତି । ପରାଙ୍ଗ ଭୋଜି ପ୍ରାଣୀଭଳି ଏମାନେ ସବୁବେଳେ ପର ଉପରେ ନିର୍ଭର କରି ଚଳିବେ । କାମଦାମ ନକରି ସେମାନେ ନିଜର, ପରର ଓ ସମାଜର ବହୁତ କ୍ଷତି କରୁଛନ୍ତି । ତା ଛଡା ଉପଯୁକ୍ତ ପାତ୍ରରେ ଦାନ କଲେ ସିନା ଈଶ୍ୱର ସନ୍ତୁଷ୍ଟ ହେବେ ।

କର୍ଣ୍ଣ ସନ୍ନ୍ୟାସୀଙ୍କ କଥାର ଅର୍ଥ ଓ ତତ୍ତ୍ୱ ବୁଝି ପାରଲେ। ସେହିଦିନଠାରୁ ସେ ଯାହାର ଆଖି ନାହିଁ, ଶୁଣିପାରୁ ନାହିଁ, ଚାଲିପାରୁ ନାହିଁ ଭିନ୍ନକ୍ଷମ ମାନଙ୍କର ସେବାରେ ମନ ନିବେଶ କଲେ । ଆବଶ୍ୟକ ସ୍ଥଳେ ଦାନ କର୍ମ କଲେ। ପ୍ରକୃତରେ ଏହାଦେଖି କେତେକ ସ୍ୱେଚ୍ଛାସେବୀ ତାଙ୍କ ସହ ଯୋଗଦେଲେ । ସେବା କାର୍ଯ୍ୟ ଜୋରସୋରରେ ଚାଲିଲା । ବିଭିନ୍ନ ଅନୁଷ୍ଠାନ କର୍ଣ୍ଣଙ୍କୁ ପୁରସ୍କାର ଓ ସମ୍ମାନ ପ୍ରଦାନ କଲେ। ସେ ବୁଝିଲେ ଉପଯୁକ୍ତ ଦାନ ହିଁ ପ୍ରକୃତରେ ମହାନ ।

+ ଗୋସାଣିବିନ୍ଧା, ଜଗାଇ, ପ୍ରତାପପୁର,
ବାଲେଶ୍ୱର,୭୬୫୦୮୩
ମୋ: ୯୭୭୭୫୧୪୫୭୬

# ରୀତା କରିଲା ପଣ



## ପ୍ରତିଭା ଦାଶ

ରୀତା ବୋଲି ଝିଅଟି ପଢ଼ାରେ ଭାରି ଆଗ୍ରହୀ। ସର୍ବଦା ପଢ଼ାକୁ ମହତ୍ତ୍ୱ ଦିଏ। କେବଳ ପାଠପଢ଼ା ନୁହଁ ତା' ବ୍ୟବହାର, ସଂସ୍କାର, ଚରିତ୍ର ପ୍ରତି ସଂଯମତା ରକ୍ଷାକରି ସମାଜରେ ବଞ୍ଚିବାର କଳା ସେ ଶିଖିଅଛି। ମାତ୍ର ଜିନିଷପତ୍ର କେତେବେଳେ କେଉଁଠି ରଖିଦେବ ତା' ମନେ ରହେନା । କେତେବେଳେ କେଉଁ ଜିନିଷ ଦରକାର ସେଟା ବି ନେଇକି ଯାଏନି। ଏଇ ପ୍ରକୃତି ପାଇଁ ସେ କେତେ ଥର ହଇରାଣ ହୋଇଛି । ହେଲେ ସେ କ'ଣ ଅବା କରିବ ? ତା'ର ତ ବିଲକୁଲ ମନେ ରହେନା।

ଏକଦା ପରୀକ୍ଷା ଦେଇ ଭୁବନେଶ୍ୱରକୁ ଯାଇଥିଲା । ଆଜିକାଲି ପରୀକ୍ଷାରେ ବହୁ ନିୟମ ରହିଛି ଏବଂ ବହୁ ଜିନିଷ ନେଇକି ପରୀକ୍ଷା କେନ୍ଦ୍ରକୁ ଯିବାକୁ ପଡ଼େ । ଯେମିତି ଅସଲି ଆଧାରକାର୍ଡ଼, ଫଟୋ ଆଦି । ରୀତା ଫଟୋ ନେବାକୁ ଭୁଲିଗଲା । କ'ଣ କରିବ ଭାବି ପାରିଲା ନାହିଁ । ୯ ଟାରେ ପରୀକ୍ଷା ଆରମ୍ଭ । ୭.୩୦ ଟାରେ ପରୀକ୍ଷା କୋଠରୀକୁ ପ୍ରବେଶ କରିବାକୁ ପଡ଼ିବ । ତା'କୁ ଚାରିଆଡ଼େ ଅନ୍ଧାର ଦେଖାଗଲା। ସେଠାରେ ଥିବା ପ୍ରିନସିପାଲ କୁ ଯାଇ ଦେଖା କଲା ଏବଂ ସବୁ କଥା କହିଲା । ସେ କହିଲେ ଏଇଟା ତୁମ ଅସୁବିଧା ମୁଁ କ'ଣ କରିପାରିବି ? ରୀତା ସେଠୁ ନିରାଶ ହୋଇ ଫେରି ଆସିଲା। ବାହାରକୁ ଯାଇ ଦେଖିଲା କୌଣସି ଦୋକାନ ଖୋଲି ନଥିଲେ । ଭାବି ପାରୁ ନ ଥାଏ ସେ। ହଠାତ୍ ଜଣେ ଭଦ୍ର ବ୍ୟକ୍ତି ତାକୁ ଚିନ୍ତିତ ଅବସ୍ଥାରେ ଦେଖି କାରଣ ପଚାରି ତା'ର ଅସୁବିଧାକୁ ଦୂର କରିବା ପାଇଁ ମନସ୍ଥ କଲେ। ସେ ଭଦ୍ର ବ୍ୟକ୍ତିଟି ସ୍ଥାନୀୟ ଲୋକ ହୋଇଥିବାରୁ ତାକୁ ଗୋଟିଏ ଫୋଟୋ ଦୋକାନକୁ ନେଇ ଫୋଟୋ କରାଇଲେ । ରୀତା ପରୀକ୍ଷା ଦେବାକୁ ଏବେ ଅନୁମତି ପାଇଲା । ସେଇ ବ୍ୟକ୍ତିର ସାହାଯ୍ୟ ସହଯୋଗ ପାଇଁ ଆଜି ରୀତା ପରୀକ୍ଷା ଦେଇ ପାରିଲା । ତା'ର ଖାମଖିଆଲି ମନୋଭାବ ଯୋଗୁଁ ଏତେ ହଇରାଣ ହେବାକୁ ପଡ଼ିଲା। ଯଦି କେହି ସାହାଯ୍ୟ କରି ନ ଥାନ୍ତେ ତାହେଲେ ତା'ର ଗୋଟିଏ ବର୍ଷ ନଷ୍ଟ ହୋଇ ଯାଇଥାନ୍ତା। ସେଦିନଠୁ ସେ ତା'ର ଜିନିଷପତ୍ରକୁ ମନ ଧ୍ୟାନ ଦେଇ ଯଥା ସ୍ଥାନରେ ସଜେଇ ରଖିଲା ଏବଂ କେତେବେଳେ କ'ଣ ନେବାକୁ ହେବ ତା'ହା ନେଇ କି ଯିବା ପାଇଁ ମନରେ ପ୍ରତିଶ୍ରୁତି ନେଲା । ତା'ର ଏମିତି ଭୁଲ୍ ଯେମିତି ଆଉ କେବେ ନ ହୁଏ ସେ ପଣ କଲା ।

+ ନୂଆପଡ଼ା
ମୋ: ୭୮୯୪୫୨୮୪୯୩



# ଶିଶୁ କବିତା

## ନିରଞ୍ଜନ ସାହୁ

କୁନି ରଥଟିଏ କରିଛି ଠାକୁରେ
ମୋହରି ରଥକୁ ଆସିବ
ତୁମେ ଆସିଗଲେ ମୋହରି ରଥଟା
ତୁଳସୀ ତୁଳସୀ ବାସିବ ।

ତୁମକୁ ରଥରେ ବସାଇ ଠାକୁରେ
ଭକତିରେ ମୁହିଁ ଟାଣିବି
ତୁମ ପାଶେ ଭୋଗରାଗ କରିବାକୁ
ଫଳମୂଳ ମୁହିଁ ଆଣିବି ।

ମୋ ଗାଆଁ ଦାଣ୍ଡରେ ତୁମ ରହୁବର
ଘିଡ଼ିଘିଡ଼ି ହୋଇ ଗଡିବ
ରଥ ଗଡୁଗଡୁ ହରିବୋଲ ସାଥେ
ହୁଳହୁଳି ପୁଣି ପଡ଼ିବ ।

ସାଙ୍ଗସାଥିମାନେ ଘଣ୍ଟ ପିଟୁଥିବେ
ଢାଉଁ ଢାଉଁ ହୋଇ ବାଜିବ
ସାଙ୍ଗଙ୍କ ଭିତରୁ ଜଣେ ସାଙ୍ଗପିଲା
ରଥରେ ଡାହୁକ ସାଜିବ ।

ଆମ ଗାଁ ପଣ୍ଡିତେ ମନ୍ତ୍ର ପଢୁଥିବେ
ହାତ ଯୋଡୁଥିବେ ସମସ୍ତେ
ଛେରାପହଁରାଟି କରିବେ ଗୁରୁଜୀ
ସଭିଏଁ କହିବେ ନମସ୍ତେ ।

ପୋଡ଼ପିଠା ଭୋଗ ଲାଗି କରାଇବି
ଶ୍ରଦ୍ଧାରେ ଗ୍ରହଣ କରିବ
ବାଟସାରା ସଭିଙ୍କର ଦୁଃଖ ବୁଝି
ସମସ୍ତ ସଙ୍କଟ ହରିବ ।

ଗୁଣ୍ଡିଚା ମନ୍ଦିରେ ରଥ ଅଟକିବ
ସେ ମନ୍ଦିରେ ବିଜେ ହୋଇବ
ତୁମ ମନଲାଖି ଖାଇବା ଦରବ
ଗୁଣ୍ଡିଚା ରାଣୀ ଯେ ଖୋଇବ ।

ବାହୁଡ଼ା ତିଥିରେ ବାହୁଡ଼ି ଆସିବ
ମୋ କୁନି ରଥରେ ବସିବ
ଘିଡ଼ିଘିଡ଼ି ହୋଇ ରଥ ଗଡୁଥିଲେ
ମୋ ଗାଆଁ ଦାଣ୍ଡଟା ହସିବ ।

+ ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

# ଆସିଲା ବରଷା ଝଡ଼ି

## କୀର୍ତ୍ତନ ସାହୁ

ନ ଥିଲା ବରଷା ଆସିଗଲା ଏବେ
ଲଗାଣ ବରଷା ଝଡ଼
ଘରୁ ବାହାରକୁ ଛାଡି ଦେଉ ନାହିଁ
ସାନ ହେଉ ଅବା ବଡ ।

ନଦୀ ନାଳ କୂଅ ସବୁ ପୂରିଗଲା
ବରଷା ଜଳରେ ଏବେ
ରାସ୍ତା ଘାଟ ସବୁ ଚପର ଚପର
ବାହାରକୁ ଯିବ ଯେବେ ।

ବେଙ୍ଗ ବେଙ୍ଗୁଲିଙ୍କ ଗୀତ ଶୁଭୁ ଅଛି
କଟର କଟର କେଁ'
କୁନି ପୁଅ ପେଁକାଳି ବଜାଉଛି
ପପର ପପର ପେଁ' ।

ନୂଆ ଜଳ ଦେଖି ମାଛ ଖେଳୁଛନ୍ତି
ଦେଖିବାକୁ ଭଲ ଲାଗେ
ଚାଷୀ ଭାଇଙ୍କର କାମ କରିବାକୁ
ମନରେ ସରାଗ ଜାଗେ।

ବରଷାତି ପିନ୍ଧି ଅବା ଛତା ଧରି
ସ୍କୁଲକୁ ଯାଆନ୍ତି ପିଲା
ଚାରି ଆଡ଼େ ଏବେ ଓଦା ଓଦା ଲାଗେ
କାଲି ଯା ଶୁଖିଲା ଥିଲା ।

ବରଷା ପାଗଟି ଭାରି ଖୁସି ଲାଗେ
ଗରମ ଖାଇବା ମନ
ଘରେ ସବୁ ମିଶି ଖୁସିରେ ଚଳିବା
ଇଏ ତ ଅସଲ ଧନ ।

+ ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

ବିଜ୍ଞାନ ଗବାକ୍ଷ-୧୧

## କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ



# ଜଣେ ମହାକାଶଯାତ୍ରୀଙ୍କ ଜୀବନ



ଏଇ ମାସ (ଜୁଲା) ୧୪ ତାରିଖ ଦିନ ଭାରତୀୟ ବଂଶୋଭବ ଡାକ୍ତର ଅନୁଲ ମେନନ ଋଷିଆର ସୋୟୁଜ୍ ଏମ.ଏସ.-୨୯ ମହାକାଶ ଯାନରେ ଆନ୍ତର୍ଜାତିକ ମହାକାଶ ଷ୍ଟେସନ ଆଇ.ଏସ.ଏସ୍ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ ଏବଂ ସେ ଏବେ ମହାକାଶ ଷ୍ଟେସନରେ ତାଙ୍କ କାମ ଆରମ୍ଭ କରିସାରିଲେଣି। ଋଷିଆନ ମହାକାଶଯାନ ସୋୟୁଜରେ ୪୯ ଋଷୀୟ ଅନୀଲଙ୍କ ସହିତ ଆଉ ଦୁଇଜଣ ଋଷୀୟ ମହାକାଶଯାତ୍ରୀ ଯାତ୍ରା କରୁଛନ୍ତି। ଅନୀଲ ମେନନ ଆମେରିକାର ମହାକାଶ ସଂସ୍ଥା ନାସା ତରଫରୁ ଆନ୍ତର୍ଜାତିକ ମହାକାଶ ଷ୍ଟେସନକୁ ଯାତ୍ରା କରିଛନ୍ତି ଏବଂ ତାଙ୍କ ୮ ମାସ ରହଣି କାଳରେ ସେ ଅନେକ କ୍ଷେତ୍ରରେ ନୂତନ ଗବେଷଣା କରିବେ ଯାହା ଭବିଷ୍ୟତ ଦୀର୍ଘ ମହାକାଶ ଯାତ୍ରା ଲାଗି ସହାୟକ ହେବ। ଅନୀଲ ମେନନ ଜଣେ ଡାକ୍ତର। ତାଙ୍କ ଆଠ ମାସ ରହଣି କାଳରେ ସେ ମଣିଷ ଶରୀର ଉପରେ ମହାକାଶର ପରିବେଶ ଓ ଅତି କମ ମାଧ୍ୟାକର୍ଷଣ ଶକ୍ତିର ପ୍ରଭାବ ସମ୍ପର୍କରେ ଅନୁଧ୍ୟାନ କରିବେ।

ଆଗାମୀ ବର୍ଷ ମାନଙ୍କରେ ନାସା ଚନ୍ଦ୍ର ଓ ମଙ୍ଗଳ ଗ୍ରହକୁ ଦୀର୍ଘ ସମୟ ଲାଗି ମହାକାଶଯାତ୍ରୀଙ୍କୁ ପଠାଇବା କଥା ଚିନ୍ତା କରୁଛି। ସେହି ଦୃଷ୍ଟିରୁ ଡାକ୍ତର ଅନୀଲ ମେନନଙ୍କ ଗବେଷଣା ନିଶ୍ଚିତ ଭାବରେ ବହୁତ ଉପାଦେୟ ହେବ।

ମଣିଷର ମହାକାଶ ଯାତ୍ରା ଆରମ୍ଭ ହୋଇଥିଲା ୧୯୯୧ ମସିହାରେ। ସୋଭିଏତ ସଂଘର ୟୁରି ଗାଗାରିନ୍ ପୃଥିବୀର ପ୍ରଥମ ମଣିଷ ଯିଏ ମହାକାଶକୁ ଯାତ୍ରା କରି ପୃଥିବୀକୁ ଥରେ ପ୍ରଦକ୍ଷିଣ କରିଥିଲେ। ପୃଥିବୀରେ ଗୋଟିଏ ଦିନ ଓ ରାତି (୨୪ ଘଣ୍ଟାରେ) ସେ ମହାକାଶରେ ଅନେକ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଦେଖିଥିଲେ। ଦୁଇ ବର୍ଷ ପରେ ଭାଲେଣ୍ଟିନା ତେରୋସ୍କୋଭା ମହାକାଶକୁ ଯାତ୍ରା କରି ଏକ କୀର୍ତ୍ତିମାନ ସ୍ଥାପନ କଲେ।

ଏ ପର୍ଯ୍ୟନ୍ତ ମହାକାଶକୁ ୫୫ ଦେଶରୁ ୭୮୧ଜଣ ମହାକାଶଯାତ୍ରୀ ଯାତ୍ରା କରିଛନ୍ତି ଯାହା ଭିତରେ ଅଛନ୍ତି ଦୁଇଜଣ ଭାରତୀୟ ଓ ପାଂଚଜଣ ଭାରତୀୟ ବଂଶୋଭବ ମହାକାଶ ଯାତ୍ରୀ।

ମହକାଶରେ ମହାକାଶ ଯାତ୍ରୀଙ୍କ ଜୀବନ କିପରି ଥାଏ ? ନିଶ୍ଚିତ ଭାବରେ ସେମାନଙ୍କ ଜୀବନ ପୃଥିବୀର ସାଧାରଣ ଜୀବନ ନଥାଏ। ଟେଲିଭିଜନରେ ଆମେ ଅନେକ ଥର ଆନ୍ତର୍ଜାତିକ ମହାକାଶଚାରୀଙ୍କୁ ଦେଖିଛୁ। ସେମାନଙ୍କ ହସ ହସ ଚେହେରା କେବେ ବି ତାଙ୍କ ପ୍ରକୃତ ପରିସ୍ଥିତି କଥା କୁନେ। ଗୋଟିଏ ଯାଗାରେ ବସି ରହିବାକୁ ତାଙ୍କୁ କିଛି କୌଶଳ ପ୍ରୟୋଗ କରିବାକୁ ପଡ଼େ। ଏପରିକି ଖାଇବାକୁ, ପିଇବାକୁ, ଶୋଇବାକୁ ଓ ଅନ୍ୟ କାମ କରିବାକୁ ସ୍ୱତନ୍ତ୍ର କୌଶଳର ଆବଶ୍ୟକତା ଥାଏ। ସେମାନେ ପ୍ରତିକ୍ଷଣ କିଛି ନା କିଛି ଆହ୍ୱାନର ସାମ୍ନା କରନ୍ତି।

ମହାକାଶକୁ ଯିବା ଆଗରୁ ସେମାନଙ୍କୁ ବର୍ଷ ବର୍ଷ ଧରି ପ୍ରଶିକ୍ଷଣ ନେବାକୁ ପଡ଼େ। ଶାରୀରିକ ଦକ୍ଷତା ସହିତ ମାନସିକ ସ୍ଥିରତା ଓ ଦକ୍ଷତା ତାଙ୍କୁ ମହାକାଶର ଆହ୍ୱାନପୂର୍ଣ୍ଣ ପରିବେଶରେ ନିଜ କାମ କରିବାକୁ ସାହାଯ୍ୟ କରେ। ସେଥିଲାଗି ଯେ କେହିବି ଚାହିଁବ ସେ ମହାକାଶଯାତ୍ରୀ ହୋଇପାରିବନି।

ମହାକାଶର ପରିବେଶ ମହାକାଶଯାତ୍ରୀଙ୍କ ଲାଗି ସଦାସର୍ବଦା ଆହ୍ୱାନ ସୃଷ୍ଟି କରେ। ମହାକାଶର ଶୂନ୍ୟତା ଓ କ୍ଷୀଣ ମାଧ୍ୟାକର୍ଷଣ ଶକ୍ତି ଯାତ୍ରୀଙ୍କୁ ସାଧାରଣ କାମ କରିବାକୁ ଦିଏନି। ସେଥିଲାଗି ଉପଯୁକ୍ତ କୌଶଳ ଓ ପ୍ରଶିକ୍ଷଣ ନିହାତି ଜରୁରୀ। ମହାକାଶ ଯାତ୍ରୀମାନେ ଜାଣନ୍ତି, ପୃଥିବୀଠାରୁ ବହୁତ ଦୂରରେ ସେମାନଙ୍କ ସାମାନ୍ୟତମ ତ୍ରୁଟି ମହାକାଶଯାନ ସହିତ ସେମାନଙ୍କ ଜୀବନ ଲାଗି ଭୟଙ୍କର ବିପଦ ସୃଷ୍ଟି କରିବ।

ଭାରତର ଗଗନଯାନ ପ୍ରୋଗ୍ରାମ ବିଳମ୍ବିତ ହେଉଛି, ତାର କାରଣ ମହାକାଶକୁ ଭାରତୀୟଙ୍କ ଭାରତ ମାଟିରୁ ମହାକାଶକୁ ପଠାଇବା ଆଗରୁ ଏ କଥା ସୁନିଶ୍ଚିତ କରିବାକୁ ପଡ଼ିବ ଯେ ସବୁ ପ୍ରଣାଳୀ ଓ ପ୍ରୟୋଗ ଶତପ୍ରତିଶତ ତ୍ରୁଟିଶୂନ୍ୟ।

(କ୍ରମଶଃ)

+ ପ୍ରାକ୍ତନ ମହାକାଶ ବିଜ୍ଞାନୀ ଓ ଲେଖକ
ମୋ: ୯୯୩୮୭୬୯୯୦୮



# ମନର ମିଠାପଣ

## ନଗେନ୍ଦ୍ର ନାଥ ପଟ୍ଟନାୟକ



ଗୋଟାଏ ମଫସଲି ଗାଁର ଅନତିଦୂରରେ ଏକ ଘଞ୍ଚ ଜଙ୍ଗଲରେ ଥିଲ। ଜଣେ ଗୁରୁଙ୍କର ଆଶ୍ରମ। କେତେକ ଶିଷ୍ୟ ସେଇ ଆଶ୍ରମରେ ରହି ଗୁରୁଙ୍କଠାରୁ ଶିକ୍ଷା ଗ୍ରହଣ କରୁଥିଲେ । ଦିନେ ଜଣେ ଶିଷ୍ୟ ଗୁରୁଙ୍କଠାରୁ ହପ୍ତାଏ ଛୁଟିନେଇ ନିଜ ଗାଁ ଆଡ଼େ ମୁହାଁଇବାକୁ ଲାଗିଲେ । ଏବକା ପରି ସେ କାଳରେ ଯାତାୟାତ ସୁବିଧା ଏତେ ଉନ୍ନତ ନ ଥିଲା । ପକ୍କା କଂକ୍ରିଟ ସଡ଼କ କି ରାଜମାର୍ଗ ନ ଥିଲା ସେତେବେଳେ । ଖାଲଖମାଭରା ସଂକୀର୍ଣ୍ଣ କଚ୍ଚା ରାସ୍ତାରେ ପାଦରେ ଚାଲିଚାଲି ଗନ୍ତବ୍ୟସ୍ଥଳରେ ପହଞ୍ଚିବାକୁ ପଡୁଥିଲା । ପାଦଚଲା ବାଟରେ ଯାଉଯାଉ ମଝିରେ ଶିଷ୍ୟଟିର ନଜର ଲାଖିଗଲା ଗୋଟାଏ କୂଅ ଉପରେ । ଶିଷ୍ୟଙ୍କୁ ଭାରି ଶୋଷ ଲାଗୁଥିଲା; ତେଣୁ ସେଇ କୂଅରୁ ପାଣିକାଢ଼ି ସେଥିରୁ ପେଟେ ପାଣି ଢକଢକ୍ କରି ପିଇ ଶୋଷ ମେଂଟାଇଲେ। ପରମ ଶାନ୍ତି ଅନୁଭବ କଲେ । କାରଣ-କୂଅଜଳ ଥିଲା ଖୁବ୍ ମଧୁର ଓ ଶୀତଳ । ଶିଷ୍ୟ ଭାବିଲେ ଏଇ କୂଅ ଜଳରୁ ଗୋଟାଏ ଛୋଟ ମାଠିଆଭରା

ପାଣି ଗୁରୁଜୀଙ୍କ ପାଇଁ ନେଇଯିବି । ତେଣୁ କୂଅପାଣିରୁ ମାଠିଆଏ ପାଣି ଘେନି ଆଶ୍ରମ ଅଭିମୁଖେ ମୁହାଁଇଲେ । ଆଶ୍ରମରେ ପହଞ୍ଚି ଗୁରୁଙ୍କ ଆଗରେ ଟିକିଏ ନିଖିଏ କରି ଆଦିଅନ୍ତ ସବୁକଥା ବଖଣା କରିବାକୁ ଲାଗିଲେ । ଗୁରୁଜୀ ଛୋଟ ମାଠିଆଭରା ପାଣିରୁ ଢକ୍ଢକ୍ କରି ପେଟେ ପିଇଦେଇ ଅତ୍ୟନ୍ତ ତୃପ୍ତ ହେଲେ । ଶିଷ୍ୟକ ଆଡ଼କୁ ମୁହଁ ଫେରାଇ ଆଣି କହିଲେ: ସତରେ ଏ ଜଳ କେଡ଼େ ପବିତ୍ର, ଗଙ୍ଗାଜଳ ସମାନ । ଏହାଶୁଣି ଶିଷ୍ୟଜଣକ ଖୁସୀରେ କୁରୁଳି ଉଠିଲେ। ଗୁରୁଙ୍କ ତୁଣ୍ଡରୁ ଏଭଳି ଭୂରିଭୂରି ପ୍ରଂଶସା ଶୁଣିଲା ପରେ ତାଙ୍କଠୁ ଅନୁମତି ନେଇ ଘର ଆଡ଼େ ମୁହାଁଇବାକୁ ଲାଗିଲେ ।

କିଛି ସମୟ ଭିତରେ ସେ ଆଶ୍ରମର ଆଉଜଣେ ଶିଷ୍ୟ ଗୁରୁଜୀଙ୍କ ନିକଟରେ ପହଞ୍ଚଲେ । ସେ ବି ସେଇ ଜଳକୁ ପାନ କରିବାକୁ ଇଚ୍ଛା କରନ୍ତେ ଗୁରୁଜୀ ପାଣି ମାଠିଆଟିକୁ ତାଙ୍କ ହାତକୁ ବଢ଼େଇଦେଲେ। ଶିଷ୍ୟଟି ଯେମିତି ସେ ପାଣିକୁ ତଣ୍ଟିଯାଏ ପିଇ ନେଇଛନ୍ତି ଥୁ ଥୁ କରି ପାଟିରୁ ବାହାର କରିଦେଲେ । ଶିଷ୍ୟ ଜଣକ କହିଲେ : ଗୁରୁଜୀ ଏ ପାଣି ଖାରିଆ, ଅତ୍ୟନ୍ତ କଟୁ । ତା' ଛଡା, ଏ ଜଳ ଥଣ୍ଡା ବି ନୁହେଁ । ଆପଣ ତୁଚ୍ଛାଟାରେ ସେଇ ଶିଷ୍ୟ ଉପରେ ତୁହାଇ ତୁହାଇ କରି ପ୍ରଶଂସା ଓଜାଡି ଦେଉଥିଲେ।

ତହୁଁ ଗୁରୁଜୀ କହିଲେ: ପୁଅ,ମିଠାପଣ ଆଉ ଶୀତଳତା ଏ ପେୟ ଜଳରେ ନ ଥିଲା ତ ଆଉ କ'ଣ ? ଯାକୁ ବୋହିକରି ଆଣିଥିବା ଶିଷ୍ୟ ମନରେ ତ ଏ ମିଠାପଣ ଓ ଶୀତଳତା ଥିଲା ନା ! ସେ ଶିଷ୍ୟଟି ଜଳ ପିଉଥିଲାବେଳେ ତା' ମନ ଭିତରେ ମୋ ପ୍ରତି ସ୍ନେହଶ୍ରଦ୍ଧା ଭାବ ଉଚ୍ଛୁଳି ଉଠିଲା । ଏହାହି ବେଶ୍ ମହତ୍ତ୍ୱ ବହନ କରେ । ମତେ ବି ଏ ମାଠିଆଜଳ ତୁମ ଭଳି ସୁଆଦିଆ ଲାଗିଲାନି। ତଥାପି ମୁଁ ଏ କଥା ଜଣେଇ ତା' ମନରେ ଦୁଃଖ ଦେବାକୁ ଇଚ୍ଛା କରି ନ ଥିଲି। ହୁଏତ ମାଠିଆରେ ଜଳ ଭରିଲାବେଳେ ଥଣ୍ଡା ଲାଗିପାରେ । ତା' ଉପରେ ପୁଣି ମାଠିଆଟି ସଫା ନ ଥିବାରୁ ଏଯାଏ ଆସୁ ଆସୁ ସେ ଜଳ ବି ସେମିତି ରହିଲାନି । କିନ୍ତୁ ମାଠିଆଭରା ଜଳ ବୋହୁଥିବା ଶିଷ୍ୟଙ୍କ ମନରେ ସ୍ନେହଶ୍ରଦ୍ଧା ଭାବ ତ କମ୍ ନ ଥିଲା।

+ ଓଙ୍କାର ସିଟି, ଲେନ ନଂ-୯,
ପ୍ଲଟ ନଂ-୪୫୬
ଲକ୍ଷ୍ମୀସାଗର କେନାଲ ରୋଡ୍,
ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

# ପାରାଦୀପ ଇଫ୍‌କୋରେ ଉତ୍ସାହ ଉଦ୍ଦୀପନା ସହ ବାର୍ଷିକ ରଥଯାତ୍ରା ପାଳିତ

ପାରାଦୀପ, ୧୭/୦୭ (ନି.ପ୍ର): ଇଫକୋ ପାରାଦୀପ ୟୁନିଟ ପରିସରରେ ବାର୍ଷିକ ରଥଯାତ୍ରା ଆଧ୍ୟାତ୍ମିକ ପରିବେଶ ଓ ଉତ୍ସାହର ସହ ଗୁରୁବାର ଦିନ ପାଳିତ ହୋଇଯାଇଛି । ଏଥିରେ ଇଫକୋ କର୍ମଚାରୀ ଓ ସେମାନଙ୍କ ପରିବାର ସମେତ ଶ୍ରଦ୍ଧାଳୁ ମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ରଥରେ ଥିବା ସମବେତ ତିନି ଠାକୁର ସମସ୍ତଙ୍କୁ ଦର୍ଶନ ଦେଇଥିଲେ। ଇଫକୋର ବିଭିନ୍ନ ବିଭାଗ ଏବଂ ଆଖପାଖ ଅଞ୍ଚଳର ଭକ୍ତମାନେ ଶୋଭାଯାତ୍ରା ଏବଂ ଆନୁସଙ୍ଗିକ ରୀତିନୀତିରେ ଅଂଶଗ୍ରହଣ କରିବା ପାଇଁ ଏକତ୍ରିତ ହୋଇଥିଲେ। ଇଫକୋର ଅଧକ୍ଷ ଦିଲୀପ ସଂଘାନୀ, ଶ୍ରୀମତୀ ଗୀତା ସଂଘାନୀ, ପରିଚାଳନା ନିର୍ଦ୍ଦେଶକ କେ.ଜେ.ପଟେଲ, ଶ୍ରୀମତୀ ମମତା ପଟେଲ, ପାରାଦୀପ ୟୁନିଟ୍ ମୁଖ୍ୟ ପି.କେ. ମହାପାତ୍ର, ଶ୍ରୀମତୀ ମଞ୍ଜୁଲତା ମହାପାତ୍ର ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ପୂର୍ଣ୍ଣ ନିଷ୍ଠାର ସହିତ ଉତ୍ସବରେ ଅଂଶଗ୍ରହଣ କରି ସମାରୋହର ନେତୃତ୍ୱ ନେଇଥିଲେ ଏବଂ ପ୍ରାର୍ଥନା କରିଥିଲେ। ବର୍ଷସାରା ବିଭିନ୍ନ ପର୍ବ ପାଳନ ପାଇଁ ଜଣାଶୁଣା ଇଫକୋ, ସମାନ ମହାନତା ଏବଂ ଭକ୍ତିର ସହିତ ରଥଯାତ୍ରା ପାଳନ କରିଥିଲା। ଏହି କାର୍ଯ୍ୟକ୍ରମ ପାରମ୍ପରିକ ରୀତିନୀତି, ଭଜନ ଏବଂ ସକ୍ରିୟ ଅଂଶଗ୍ରହଣ ସହିତ ଚିନ୍ତନମୂଳକ ଭାବରେ ଆୟୋଜିତ ହୋଇଥିଲା, ଯାହା ଏକ ଆଧ୍ୟାତ୍ମିକ ଭାବରେ ସମୃଦ୍ଧ ପରିବେଶ ସୃଷ୍ଟି କରିଥିଲା। କର୍ମଚାରୀ ଏବଂ ସେମାନଙ୍କ ପରିବାର ଉତ୍ସାହର ସହିତ ଉତ୍ସବର ସାଂସ୍କୃତିକ ଏବଂ ଭକ୍ତିପୂର୍ଣ୍ଣ ସାରକୁ ଅନୁଭବ କରି ଉତ୍ସବରେ ଅଂଶଗ୍ରହଣ କରିଥିଲେ।

# ଝାରସୁଗୁଡ଼ାରେ ଅବିରତ ବର୍ଷା : ଲଇକେରାରେ ସର୍ବାଧିକ ୧୩୧.୧ ମି.ମି., ଜିଲ୍ଲାରେ ବର୍ଷା ଜାରି

ଝାରସୁଗୁଡ଼ା, ୧୭/୦୭ (ନି.ପ୍ର): ରାଜ୍ୟରେ ସକ୍ରିୟ ମୌସୁମୀ ବାୟୁର ପ୍ରଭାବରେ ଝାରସୁଗୁଡ଼ା ଜିଲ୍ଲାରେ ଗତ ୨୪ ଘଂଟା ଧରି ଅବିରତ ବର୍ଷା ହୋଇଛି। ଜିଲ୍ଲାର ବିଭିନ୍ନ ବ୍ଲକରେ ଉଲ୍ଲେଖନୀୟ ବର୍ଷା ରେକର୍ଡ ହୋଇଥିବା ବେଳେ ହାରାହାରି ବର୍ଷା ପରିମାଣ ୮୫.୮ ମିଲିମିଟର ରହିଛି। ଏହି ସମୟରେ ଜିଲ୍ଲାର ମୋଟ ବର୍ଷା ପରିମାଣ ୪୨୯.୦ ମିଲିମିଟର ରେକର୍ଡ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶିତ ବର୍ଷା ତଥ୍ୟ ଅନୁଯାୟୀ, ଲଇକେରା ବ୍ଲକରେ ସର୍ବାଧିକ ୧୩୧.୧ ମିଲିମିଟର ବର୍ଷା ହୋଇଛି। ଏହା ପରେ କୋଲାବିରାରେ ୧୦୯.୨ ମିଲିମିଟର, କିର୍ମିରାରେ ୧୦୮.୨ ମିଲିମିଟର, ଝାରସୁଗୁଡ଼ା ସଦରରେ ୬୪.୩ ମିଲିମିଟର ଏବଂ ଲଖନପୁର ବ୍ଲକରେ ୧୬.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ମୌସୁମୀ ବର୍ଷାର ପ୍ରଭାବରେ ପଶ୍ଚିମ ଓଡ଼ିଶାରେ ବର୍ଷାର ତୀବ୍ରତା ବଢ଼ିଥିବା ବେଳେ ଆଗାମୀ କିଛି ଦିନ ଧରି ମଧ ଜିଲ୍ଲା ସମେତ ଆଖପାଖ ଅଂଚଳରେ ଭାରିରୁ ଅତିଭାରି ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ତଳିଆ ଅଂଚଳର ଲୋକଙ୍କୁ ସତର୍କ ରହିବା ସହ ପ୍ରଶାସନ ପକ୍ଷରୁ ଜାରି କରାଯାଉଥିବା ପରାମର୍ଶ ପାଳନ କରିବାକୁ କୁହାଯାଇଛି।

# 'ନୀଳାଦ୍ରି ମହୋଦୟ' ଭକ୍ତି ସଙ୍ଗୀତର ଅଡିଓ ମୁକ୍ତିଲାଭ



ଭୁବନେଶ୍ୱର, ୧୭/୦୭ (ନି.ପ୍ର): ଦୂରଦର୍ଶିନୀ ଡିଜିଟାଲ ଦ୍ୱାରା ପ୍ରସ୍ତୁତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତି ସଙ୍ଗୀତ 'ନୀଳାଦ୍ରି ମହୋଦୟ'ର ଅଡିଓ ମୁକ୍ତିଲାଭ ଉତ୍ସବ କିସ୍ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି । ଏହି ଭକ୍ତି ସଙ୍ଗୀତର ଅଡିଓ ମୁକ୍ତିଲାଭ ଉତ୍ସବରେ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଗୀତିକାର ଡଃ ନିର୍ମଳ ନାୟକ, ସଙ୍ଗୀତ ନିର୍ଦ୍ଦେଶକ ଗୁଡଲି ରଥ, କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନ, ବରିଷ୍ଠ ସିନେମା ନିର୍ଦ୍ଦେଶକ ଅଶୋକ ପତି, ମ୍ୟୁଜିକ ଭିଡ଼ିଓ ନିର୍ଦ୍ଦେଶକ ଟୁନା ଯୋଗଦେଇଥିଲେ । ନୀଳାଦ୍ରି ମହୋଦୟ ଭକ୍ତି ସଙ୍ଗୀତକୁ ପ୍ରଜ୍ଞା ଦୂରଦର୍ଶିନୀ ନାୟକ ପ୍ରଯୋଜନା କରିଥିବା ବେଳେ ବହୁ ଅଭିଜ୍ଞ ଗୀତିକାର ଡଃ ନିର୍ମଳ ନାୟକ ଗୀତ ରଚନା କରିଛନ୍ତି ଏବଂ ଅନେକ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବହୁ ଅଭିଜ୍ଞ ସଙ୍ଗୀତ ନିର୍ଦ୍ଦେଶକ ଗୁଡଲି ରଥ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ପ୍ରଚ୍ଛଦପଟ ଗାୟକ ସତ୍ୟଜିତ୍ ପ୍ରଧାନ କଣ୍ଠଦାନ କରିଛନ୍ତି । ଏହି ଭକ୍ତି ଗୀତର ନିର୍ଦ୍ଦେଶନା ଦେଇଛନ୍ତି ଟୁନା ଚନ୍ଦନ । ଅଭିନେତା ପୁପିନ୍ଦର ସିଂ ଏବଂ ଶ୍ରୀତମ ଦାସ ଏହି ଗୀତରେ ଅଭିନୟ କରିଛନ୍ତି । ଗୀତଟି ଏବେ ଦୂରଦର୍ଶନୀ ଡିଜିଟାଲରେ ଉପଲବ୍ଧ ଅଛି। ସମସ୍ତ ଭକ୍ତଙ୍କୁ ଅନୁରୋଧ ଗୀତଟିକୁ ଶୁଣିବେ ଏବଂ ବହୁଳ ମାତ୍ରାରେ ସେୟାର କରିବେ ।

# ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ରାଜ୍ୟ ସଂହତି ଶିବିର ଉଦ୍‌ଘାଟିତ




ବାଲେଶ୍ୱର, ୧୭/୦୭ (ନି.ପ୍ର): ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପ୍ରଯୋଜିତ ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ଆନୁକୂଲ୍ୟରେ ସ୍ନାତକୋତ୍ତର ସମ୍ମିଳନୀ କକ୍ଷରେ ରାଜ୍ୟ ସଂହତି ଶିବିର ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧକ୍ଷତା କରିବା ସହ ଜାତୀୟ ସେବା ଯୋଜନା ମାଧ୍ୟମରେ ନେତୃତ୍ୱ ବିକାଶର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ । ସଠିକ୍ ନେତୃତ୍ୱ ସମାଜ ବିକାଶର ଅନ୍ୟତମ ମାଧ୍ୟମ ବୋଲି ସେ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ପ୍ରାକ୍ତନ ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ. ପ୍ରତିମା ପ୍ରଧାନ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସ୍ୱେଚ୍ଛାସେବୀମାନେ ଅତିଥିମାନଙ୍କୁ ଚାରାଗଛ ପ୍ରଦାନ କରିଥିବାବେଳେ ଅତିଥିମାନେ ଚାରାଗଛରେ ଜଳ ଅର୍ପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ରାଜ୍ୟ ସଂହତି ଶିବିର ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଶିବିରରେ ଓଡ଼ିଶାର ୧୩ ଟି ବିଶ୍ୱ ବିଦ୍ୟାଳୟରୁ ୨୦୦ ଜଣ କାର୍ଯ୍ୟକ୍ରମ ଅଧିକାରୀ ଓ ସ୍ୱେଚ୍ଛାସେବୀ ମିଶି ୨୦୦ ଜଣ ଯୋଗଦାନ କରିଛନ୍ତି । ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ, କୁଳସଚିବ ଶ୍ରୀମତୀ କୁକୁମିନା ଦାସ ଓ ପରୀକ୍ଷା ନିୟନ୍ତ୍ରକ ଡ଼. କମଳକାନ୍ତ ଜେନା ପ୍ରମୁଖ ଯୋଗଦେଇ ରାଜ୍ୟ ସଂହତି ଶିବିରର ଗୁରୁତ୍ୱ, ଜାତୀୟ ଏକତା, ସାମାଜିକ ସେବା ଓ ଯୁବଶକ୍ତିର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ରାଜ୍ୟ ସଂହତି ଶିବିର ୧୬ ଜୁଲାଇରୁ ୨୦ ଜୁଲାଇ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଶିବିରରେ ସ୍ୱେଚ୍ଛାସେବୀ ମାନଙ୍କୁ ନେତୃତ୍ୱ ବିକାଶ, ଜାତୀୟ ସଂହତି, ସାମାଜିକ ଗଣ ମାଧ୍ୟମ ଅପବ୍ୟବହାର କୁପ୍ରଭାବ, ଯୋଗ ଓ ସ୍ୱାସ୍ଥ୍ୟ ସୁରକ୍ଷା, ସଡ଼କ ନିରାପତ୍ତା, ସାଇବର୍ ନିରାପତ୍ତା, ମାନସିକ ସ୍ୱାସ୍ଥ୍ୟ ପରିଚାଳନା ସମେତ ସ୍ୱଚ୍ଛ ଭାରତ ଅଭିଯାନ, ସଚେତନତା ଶୋଭାଯାତ୍ରା, ବିଭିନ୍ନ ସାହିତ୍ୟିକ ଓ ସାଂସ୍କୃତିକ ପ୍ରତିଯୋଗିତା ଏବଂ ସାଂସ୍କୃତିକ ଭାବ ବିନିମୟ ଅନୁଷ୍ଠିତ ହେବ ବୋଲି କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଆଚାର୍ଯ୍ୟ ସୂଚନା ପ୍ରଦାନ କରିଛନ୍ତି । ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ଡ. ଅଭୟ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଟଣେଶ୍ୱରୀ ଦେବୀଙ୍କ ଲାଖରେ ନିର୍ମାଣ ହୋଇଥିବା ଫଟୋଚିତ୍ର ରାଜଭବନ ଯିବ

ବଲାଙ୍ଗୀର, ୧୭/୦୭ (ନି.ପ୍ର): ବଲାଙ୍ଗୀର ପାଟଣା ରାଜ୍ୟର ଇଷ୍ଟଦେବୀ ମା ପାଟଣେଶ୍ୱର ଦେବୀ ୧୫୦ ବର୍ଷ ପୁର୍ତି ଅବସରରେ ରାଜଧାନୀରେ ହେବାକୁ ଥିବା ମହୋତ୍ସବ ଅଗଷ୍ଟ ମାସରେ ହେବାକୁ ଥିବା ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ନିଷ୍ପତି ନେଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ନେତୃତ୍ୱରେ ମହାମହିମ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ, ପୁରୀ ଗଜପତି ମହାରାଜ ସମେତ ବିଭିନ୍ନ ବିଭାଗର ମନ୍ତ୍ରୀମାନଙ୍କୁ ବଲାଙ୍ଗିର ମାଁ ପାଟଣେଶ୍ୱରୀ ମହୋତ୍ସବର ଅନୁଷ୍ଠିତ ହେବ ଏବଂ ସ୍ମରଣିକା ପ୍ରଦାନ କରାଯିବ। ଆଗାମୀ ଅଗଷ୍ଟ ମାସରେ ହେବାକୁ ଥିବା ପାଟଣେଶ୍ୱରୀ ମହୋତ୍ସବ ଏକ କିଲୋ ଲାଖରେ ନିର୍ମାଣ ହୋଇଥିବା ମାଁ ପାଟଣେଶ୍ୱରୀ ଫଟୋଚିତ୍ର ବାରଗୁଡୁଗିଆ ର ଝିଅ ରାଜରାଜଶ୍ୱରୀ ମିଶ୍ର ନିର୍ମାଣ କରିଥିବା ଫଟୋଚିତ୍ର ରାଜଭବନରେ ପ୍ରଦାନ କରାଯିବ।

# ସାରସକ୍ଷେତ୍ରରେ ଦୁଇଦିନିଆ ରଥଟଣା



ବାରିପଦା, ୧୭/୦୭ (ନି.ପ୍ର): ପବିତ୍ର ଶ୍ରୀଗୁଣ୍ଡିଚା ଦିନ ପାରମ୍ପାରିକ ଭାବେ ସାରସକ୍ଷେତ୍ର ସାରସକଣା ଶ୍ରୀଜଗନ୍ନାଥ ପୀଠରେ ଆନନ୍ଦ ଉଲ୍ଲାସ ମଧ୍ୟରେ ବିପୁଳ ଭକ୍ତ ସମାଗମ ମଧ୍ୟଦେଇ ତା: ୧୬.୭.୨୦୨୬ ଓ ତା:୧୭.୭.୨୦୨୬ ଶୃଙ୍ଖଳାର ସହ ଦୁଇଦିନିଆ ରଥଟଣା ସମ୍ପନ୍ନ ହୋଇଛି। ରଥଯାତ୍ରାର ପ୍ରଥମ ଦିବସ ଅପରାହ୍ନ ଘ ୨.୩୦ ଟିକା ସଞ୍ଜୟ କୁମାର ଭୋଳଙ୍କ ନେତୃତ୍ୱରେ ସ୍ଥାନୀୟ ଯୁବ ସଂକୀର୍ତ୍ତନ ଦଳର ଗଗନଭେଦୀ ହରିନାମ, ଜୟଧ୍ୱନି, ହରିବୋଲ ଏବଂ ମା'ମାଉସୀ ତଥା ସନ୍ଧ୍ୟାରାଣୀ ନାଏକ ଓ ପ୍ରତିଭା ସାହୁଙ୍କ ତଦାରଖରେ ଅଂଚଳର ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକର ସହାୟିକାମାନଙ୍କ ମିଳିତ ହୁଳହୁଳି ଓ ସର୍ବୋପରି ଶିକ୍ଷୟିତ୍ରୀ ବନ୍ଦନା ମହାପାତ୍ରଙ୍କ ଅଭିଭାବକତ୍ୱରେ ମା' ସୁଭଦ୍ରା ବାଳିକା ଉଚ୍ଚବିଦ୍ୟାଳୟ ସାରସକଣାର ଛାତ୍ରୀଙ୍କ ସମୂହ ଶଙ୍ଖଧ୍ୱନି ଭିତରେ, ପୀଠର ଶ୍ରୀଜୀଉଗଣ ଗୋଟି ପହଣ୍ଡିରେ ଆସି ରଥାରୂଢ଼ ହୋଇଥିଲେ। ପହଣ୍ଡି କାର୍ଯ୍ୟକ୍ରମରେ ସେବା ଦେଇଥିଲେ ସର୍ବଶ୍ରୀ ଅମର ବିକାଶ ଷଡ଼ଙ୍ଗୀ, ଅବିନାଶ କର, ଅଜିତ ଷଡ଼ଙ୍ଗୀ, ସମ୍ବିଦତ୍ତ କର, ଅତନୁ କର, ନାରାୟଣ ମହାକୁଡ଼, ପ୍ରଶାନ୍ତ କୁମାର ସାହୁ, ନବକିଶୋର ସେଠୀ, ମନରଞ୍ଜନ ସାହୁ, ରତିକାନ୍ତ ସେଠୀ, ତପନ କୁମାର ଦଣ୍ଡପାଟ, ସୁବାସ ଚନ୍ଦ୍ର ସାହୁ ଓ ଦୁର୍ଗା ପ୍ରସାଦ ନନ୍ଦୀ ପ୍ରମୁଖ। ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ଆବାହନି ବେଦପାଠ, ପୂଜା ନିବେଦନ କରିଥିଲେ ଦେଉଳ ପୁରୋହିତ ଶାସ୍ତ୍ରଜ୍ଞ ପଣ୍ଡିତ ମନୋଜ ରଞ୍ଜନ ଦାଶ, ଅକ୍ଷୟ କୁମାର କର ଓ ଦିବ୍ୟ ସୁନ୍ଦର କର।

ଜିଲ୍ଲାର ବିଶିଷ୍ଟ ବ୍ୟକ୍ତି, ବରିଷ୍ଠ ସାମ୍ବାଦିକ ଓ ଶ୍ରୀଜଗନ୍ନାଥ ଭକ୍ତ ଡଃ ବିଜୟ କୁମାର ଅଗ୍ରୱାଲ ରଥରେ ଛେରାପହଁରା କରିଥିଲେ। ପବିତ୍ର କାର୍ଯ୍ୟରେ ସହଯୋଗ କରିଥିଲେ ମନ୍ଦିର ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଡଃ ଉପେନ୍ଦ୍ର ନାଥ ସାହୁ, ଯତୀନ ଚନ୍ଦ୍ର ସାହୁ, ବନାନୀ ମହାପାତ୍ର ଓ ସୁଧୀ ରଞ୍ଜନ ସାହୁ। ପୀଠରୁ ନିୟମିତ ଭାବେ ପ୍ରକାଶ ପାଇ ଆସୁଥିବା ଆଧ୍ୟାତ୍ମିକ ସାହିତ୍ୟ ପତ୍ରିକାର ପଞ୍ଚବିଂଶବର୍ଷ ସଂଖ୍ୟା ' ହୋ' ଭଗତେ -୨୦୨୬' ରଥୋପରେ ଶ୍ରୀଦିଅଁଗଣଙ୍କ ପଦ୍ମପାଦରେ ନିବେଦନ ପୂର୍ବକ ମାନ୍ୟବର ସ୍ଥାନୀୟ ବିଧାୟକ ଶ୍ରୀ ଭାଦବ ହାଁସଦାଃ, ଜିଲ୍ଲା ଉନ୍ନୟନ ଯୋଜନା ଅଧକ୍ଷ ମୟୂରଭଞ୍ଜ ମାନନୀୟ ଡାକ୍ତର୍ ବୁଢାନ ମୁର୍ମୁ ଓ ଠାକୁରଙ୍କ ଛେରାପହଁରାର ନିମନ୍ତ୍ରିତ ସେବକ ଡଃ ଅଗ୍ରୱାଲ ଆଦିଙ୍କ କରକମଳରେ ଲୋକାର୍ପିତ ହୋଇଥିଲା। ଉନ୍ମୋଚନରେ ସହାୟତା କରିଥିଲେ ରଥର ଧାରା ବିବରଣୀ ଦେଉଥିବା ଶ୍ରୀଜଗନ୍ନାଥ ସଂସ୍କୃତି ଭାଷ୍ୟକାର ଅଧ୍ୟାପକ ସମରେନ୍ଦ୍ର କୁମାର ବଶା ଓ ଡଃ ଶଶିଧର ବିଶ୍ୱାଳ।

ରଥଟଣାର ଗତି ନିୟନ୍ତ୍ରଣ ପାଇଁ ବିଶେଷ ଧ୍ୟାନ ଦେଇଥିଲେ ହିମାଂଶୁ ଶେଖର ସାହୁ, ଅନ୍ତର୍ଯ୍ୟାମୀ ସାହୁ, ଅତୁଲ ଚନ୍ଦ୍ର ଦାସ ଓ ତପନ କୁମାର ସାହୁ (ତପ)। ସହଯୋଗ କରିଥିଲେ ରଥ ମହାରଣା ଗୋଲକ ଦଣ୍ଡପାଟ, ମୋହନା ବେହେରା, ରବି ବେହେରା ଓସୁରୁ ସିଂ। ପ୍ରଥମ ଦିବସରେ ଅଧାଟଣା ହୋଇ ବଡ଼ଦାଣ୍ଡରେ ଅଟକିଥବା ରଥ, ପରମ୍ପରା ଅନୁଯାୟୀ ଦ୍ୱିତୀୟ ଦିନ ଅପରାହ୍ନରେ କେବଳ ମହିଳାମାନେ ଟାଣି ମାଉସୀ ମା' ମନ୍ଦିର ଆଗରେ ପହଞ୍ଚାଇଥିଲେ। ଝାରପୋଖରୀଆ ପୋଲିସ ବାହିନୀ ଭକ୍ତଭିଡର ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ଅଧ୍ୟାପକ ମାନସ କୁମାର ପତି, ଶରତ କୁମାର ପଢ଼ିଆରୀ, ବିନୟ କୁମାର ଗିରି,ଡଃ ଚନ୍ଦ୍ରାବତୀ ମହାପାତ୍ର ଏବଂ ଯୋଗେଶ୍ୱର ବେହେରାଙ୍କ ନେତୃତ୍ୱ ଓ ତତ୍ତ୍ୱାବଧାନରେ ଶରତ ପାଳ ମହା ବିଦ୍ୟାଳୟ ଓ ସୀମାନ୍ତ ମହା ବିଦ୍ୟାଳୟର ଅନୁନ୍ୟ ପ୍ରାୟ ସତୁରି ଜଣ ଜାତୀୟ ସେବା ଯୋଜନାର ଛାତ୍ରଛାତ୍ରୀ ଶୃଙ୍ଖଳା ରକ୍ଷାରେ ସହଯୋଗ କରିଥିଲେ। ସାରସକଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ମଧ ଶୃଙ୍ଖଳା ରକ୍ଷାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଯାତ୍ରାର ଭକ୍ତମାନଙ୍କୁ ସରବତ ଓ ପାନୀୟ ଜଳ ସେବା ଯୋଗାଇ ଥିଲେ ବୟୋଜ୍ୟେଷ୍ଠ ଝାରପୋଖରୀଆ ବ୍ରିଗେଡ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ।

ଶୃଙ୍ଖଳିତ ରଥଯାତ୍ରା ପାଇଁ ମନ୍ଦିର ପରିଚାଳନା ତରଫରୁ ପଦ୍ମନାଭ ସାହୁ ସ୍ଥାନୀୟ ପ୍ରଶାସନ, ଝାରପୋଖରୀଆ ପୋଲିସ୍ ବାହିନୀ, ଅଗ୍ନିଶମ ବିଭାଗ, ସ୍ଥାନୀୟ ସ୍ୱାସ୍ଥ୍ୟ ସେବାଧିକାରୀ, ସ୍କୁଲ, କଲେଜର ଅଧ୍ୟକ୍ଷ ଓ ଅଧ୍ୟାପକ/ଅଧ୍ୟାପିକା, ଶିକ୍ଷକ ଶିକ୍ଷୟିତ୍ରୀ, ଆଚାର୍ଯ୍ୟ/ଗୁରୁମା', ଗଣମାଧ୍ୟମ ପ୍ରତିନିଧି, ଉତ୍ସବର ଦ୍ୱିତୀୟ ଦିନ ଆସି ସେବା ପ୍ରଦାନ କରିଥିବା ଓଡ଼ିଶା ଡ୍ରାଇଭର ମହାସଂଘର ସଦସ୍ୟ/ସଦସ୍ୟା ଓ କର୍ମକର୍ତ୍ତା, ସ୍ଥାନୀୟ ଜନସାଧାରଣ, ଶ୍ରୀଜଗନ୍ନାଥ ଭକ୍ତ, ପୀଠର ପ୍ରମୁଖ ସକ୍ରିୟ ସେବକ ସେବିକା ଓ ସଭ୍ୟ/ସଭ୍ୟା, ସମସ୍ତଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି।

# ବାଲେଶ୍ୱର ଜିଲ୍ଲାର ଇମାମି ନଗର ରଥଯାତ୍ରା ମହାସମାରୋହରେ ପାଳିତ



ବାଲେଶ୍ୱର , ୧୭/୦୭ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ରେମୁଣା ର ବାଲ ଗୋପାଳ ପୁର ସ୍ଥିତ ଇମାମି ମନ୍ଦିର ରେ ଜଗନ୍ନାଥଙ୍କର ରଥଯାତ୍ରା ଉତ୍ସବ ମହାସମାରୋହରେ ଲୋକ ସମ୍ପର୍କ ଅଧିକାରୀ ମନୋଜ୍ କୁମାର ପାଢ଼ୀଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ମୁଖ୍ୟ ପୂଜକ ଦ୍ୱାରା ରଥ ପ୍ରତିଷ୍ଠା ଆଜ୍ଞା ମାଳ ଅର୍ପଣ କରାଯାଇଥିଲା । ଇମାମି ମୁଖ୍ୟ ପରିଚାଳକ ନିର୍ଦ୍ଦେଶକ ସୁଶୀଲ କୁମାର ଖୈତାନ ଛେରା ପହଁରା କରିଥିଲେ । ସୁସଜ୍ଜିତ ରଥରେ ଠାକୁର ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ଏବଂ ଚକ୍ର ରାଜ ସୁଦର୍ଶନ ଚାରି ଠାକୁର ରଥରେ ବିଜେ କରିଥିଲେ । ଚତୁର୍ଦ୍ଧା ମୂର୍ତ୍ତି ବିଜେ ସମୟରେ ପ୍ରତିକୂଳ ପାଗ ସତ୍ତ୍ୱେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ମହା ଆନନ୍ଦ ଉଲ୍ଲାସରେ ଉପୋଭୋଗ କରିଥିଲେ । ରଥରେ ବିରାଜ ମାନ ଥିବା ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ ପାଇଁ ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଷଡ଼ଙ୍ଗୀ , ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ , ଇମାମି ନଗରରେ ଶ୍ରୀ ଜଗନ୍ନାଥ ମନ୍ଦିର ଇମାମି ଗ୍ରୁପର ପ୍ରତିଷ୍ଠାତା ରାଧେ ଶ୍ୟାମ ଅଗ୍ରୱାଲ , ରାଧେ ଶ୍ୟାମ ଗୋଏଙ୍କା, ମନ୍ଦିର ପ୍ରଶାସନର ମୁଖ୍ୟ ପୁରୋଧା ସୁଶୀଲ ଗୋଏଙ୍କା ଓ ଲେଡିସ କ୍ଲବ ଓ ରଥଯାତ୍ରା କମିଟିର କର୍ମକର୍ତ୍ତା। ଯୋଗ ଦେଇଥିଲେ । ଏହି ରଥଯାତ୍ରା ଉତ୍ସବରେ ଭକ୍ତ ଶ୍ରଦ୍ଧାଳୁ ପାଇଁ ଇମାମି ମନ୍ଦିର ତରଫରୁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଏପରିକି ହଜାର ହଜାର ସଂଖ୍ୟାରେ ଭକ୍ତ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିବା ସଙ୍ଗେ ସଙ୍ଗେ ରଥଟାଣି ଆନନ୍ଦିତ ହୋଇଥିଲେ। ମନ୍ଦିର ପ୍ରଶାସନ ତରଫରୁ ମାଗଣା ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ହୋଇଥିଲା। ଏପରିକି ଏହି ଉତ୍ସବରେ ୫୦ ରୁ ୬୦ ହଜାର ଶ୍ରଦ୍ଧାଳୁ ଭକ୍ତ ଠାକୁର ଙ୍କୁ ଦର୍ଶନ କରିଥିଲେ। ଚତୁର୍ଦ୍ଧା ମୂର୍ତ୍ତି ଙ୍କୁ ଗୁଣ୍ଡିଚା ମନ୍ଦିର କୁ ଆଗମନ ସମୟରେ ବିଭିନ୍ନ ସେବା ଅନୁଷ୍ଠାନ ଓ କ୍ଲବ ଦ୍ୱାରା ରଥ ଟଣା ସମୟରେ ସର୍ବତ ପାଣି ବ୍ୟବସ୍ଥା ହୋଇଥିଲା। ବିଭିନ୍ନ ପ୍ରକାର ବାଦ୍ୟ , ଖୁଳ , କୀର୍ତ୍ତନ ବିଭିନ୍ନ ପ୍ରକାର ବାଜା ଶଙ୍ଖ ହୁଳ ହୁଳି ରେ ପ୍ରକମ୍ପିତ ହେଉଥିଲା। ଏହି ରଥ ଯାତ୍ରା ଉତ୍ସବକୁ ଇମାମି ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ଘୁ.ଉଦୟଗିରି ରେଞ୍ଜ ଅଧୀନରେ ବିଭିନ୍ନ ବୃକ୍ଷ ରୋପଣ କାର୍ଯ୍ୟ ତଦାରଖ କଲେ ଏସିଏଫ୍

କନ୍ଧମାଳ, ୧୭/୦୭ (ନି.ପ୍ର): ଫୁଲବାଣୀ ବନଖଣ୍ଡ ଅଧିକାରୀ ପ୍ରତାପ କୋଟାପଲ୍ଲୀଙ୍କ ନିର୍ଦ୍ଦେଶ କ୍ରମେ ଏ.ସି.ଏଫ୍. ଶ୍ୱେତଲୀନା ସାହୁ କନ୍ଧମାଳ ଜିଲ୍ଲା ଘୁ. ଉଦୟଗିରି ବନ୍ୟାଚଂଳ ଅନ୍ତର୍ଗତ ବାକିଙ୍ଗିଆ ପି ଆର୍ ଏଫ୍ ଅଧୀନ ୧୦ ହେକ୍ଟର ଜମି ଥିବା ପତିତ ଜଙ୍ଗଲର ପୁନରୁଦ୍ଧାର (ବି ଏଚ ପି)ରେ ଲଗାଯାଇଥିବା ବିଭିନ୍ନ ବୃକ୍ଷ ରୋପଣ କାର୍ଯ୍ୟ ବୁଲି ଦେଖିଥିଲେ । ସେହିପରି ପକ୍ଷୁରିଆ ସେକ୍ସନ ର ପକ୍ଷଡାଙ୍ଗୀ ଆର୍ ଏଫ୍ ଅଧୀନରେ ଲଗାଯାଇଥିବା ୫୦ ହେକ୍ଟର ରେଆର, ଏନଡେନ ଜରଡ, ଏଣ୍ଡ ଥ୍ରିଟେଣ୍ଡ (ଆର୍ ଇ ଟି) କାର୍ଯ୍ୟକ୍ରମ ଆଦି ବୁଲି ଦେଖିବା ସହ ଅଧିକରୁ ଅଧିକ ବିଭିନ୍ନ ପ୍ରକାରର ଔଷଧୀୟ ବୃକ୍ଷ ରୋପଣ ଓ ଏହାର ଯତ୍ନ ନେବା ସହ ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ ।


34001/497/2627

GOVERNEMENT OF ODISHA e-PROCUREMENT NOTICE

WORKS DEPARTMENT

Bid Identification No. S.E. CBT (R&B) 03/ 2026-27

charbatiadivision1@gmail.com

i. Name of the work : Barricading works-01 No

ii. Estimated cost : **Rs.** 14,58,265/-

iii. Period of completion : 07 Days

iv. Date & time of availability of Bid documents in the portal: **from 10.00 AM of 18.07.2026 to 23.07.2026 up to 4.00 PM for 'online" bidding**

v. Last date/ time for receipt of Bids in the portal: **23.07.2026 up to 4.00 PM.**

vi. Name and address of the officer inviting Bid : **Superintending Engineer, Charbatia (R&B) Division, Choudwar**

Further details can be seen from the e-procurement portal **http://www.tendersorissa.gov.in**.

Any addendum/ corrigendum/ cancellation of tender can also be seen in the said website.

**OIPR :34001/34092/1/26-27/0003**

**Superintending Engineer**
**Charbatia (R&B) Division**


# ଚାଷୀଙ୍କ ପୁଅର କମାଲ୍: ନିଟ୍‌ରେ ସର୍ବଭାରତୀୟ ସ୍ତରରେ ୯୪ତମ ସ୍ଥାନ, ମାଲକାନଗିରି ପାଇଁ ଗୌରବ

ମାଲକାନଗିରି, ୧୭/୦୭ (ନି.ପ୍ର): ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ଥିଲେ ଅଭାବ କେବେ ବି ସଫଳତାର ପଥରେ ବାଧା ହୋଇପାରେ ନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ସାଜିଛନ୍ତି ମାଲକାନଗିରି ଜିଲ୍ଲା ଏମ୍‌ଭି-୩୭ ଗ୍ରାମର ବିପ୍ଳବ ଠାକୁର। ନିଟ୍ ପରୀକ୍ଷାରେ ଏସ୍‌ସି ବର୍ଗରେ ସର୍ବଭାରତୀୟ ସ୍ତରରେ ୯୪ତମ ରାଙ୍କ ହାସଲ କରି ସେ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ବିପ୍ଳବ ୭୨୦ ନମ୍ବର ମଧ୍ୟରୁ ୬୨୮ ନମ୍ବର ରଖି ଏହି ସଫଳତା ଅର୍ଜନ କରିଛନ୍ତି। ପ୍ରାଥମିକ ଶିକ୍ଷା ସେ ଏମ୍ଭି-୩୭ ସ୍ଥିତ ବୀଣାପାଣି ବିଦ୍ୟାମନ୍ଦିରରେ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କରିଥିଲେ। ପରେ ବାଲିମେଳା ଜବାହର ନବୋଦୟ ବିଦ୍ୟାଳୟରେ ପଢ଼ିବା ସହ ମହାରାଷ୍ଟ୍ରରେ ଯୁକ୍ତଦୁଇ ଶିକ୍ଷା ସମାପ୍ତ କରି ନିଟ୍ ପରୀକ୍ଷାରେ ସଫଳତା ପାଇଛନ୍ତି। ଏକ ସାଧାରଣ ଓ ଆର୍ଥିକ ଭାବେ ଦୁର୍ବଳ ପରିବାରରୁ ଆସିଥିବା ବିପ୍ଳବଙ୍କ ବାପା ଶମ୍ଭୁନାଥ ଠାକୁର ଚାଷ କରିବା ସହ ଏକ ପିକ୍‌ଅପ୍ ଗାଡ଼ି ଚଳାଇ ପରିବାର ପ୍ରତିପୋଷଣ କରୁଛନ୍ତି।

# ଗେଡ଼ିଆପଲ୍ଲୀ ଉଚ୍ଚ ବିଦ୍ୟାଳୟ କମିଟି ଗଠନରେ ବେନିୟମ ଅଭିଯୋଗ: ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଭିଭାବକ

ଖୋର୍ଦ୍ଧା , ୧୭/୭ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଗେଡ଼ିଆପଲ୍ଲୀ ସ୍ଥିତ ବିଦ୍ୟାଳୟର ସ୍କୁଲ ପରିଚାଳନା କମିଟି ଗଠନରେ ବ୍ୟାପକ ଅନିୟମିତତା ଓ ବେନିୟମ କାର୍ଯ୍ୟକଳାପ ହୋଇଥିବା ନେଇ ଅଭିଭାବକମାନେ ଅଭିଯୋଗ କରିଛନ୍ତି । ଏହି ସମ୍ପର୍କରେ ଗେଡ଼ିଆପଲ୍ଲୀ ବିଦ୍ୟାଳୟର ବହୁ ସଂଖ୍ୟକ ଅଭିଭାବକ ଏକତ୍ରିତ ହୋଇ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ ଅନୁଯାୟୀ, ଗତ ୧୦-୦୭-୨୦୨୬ ରିଖରେ ବିଦ୍ୟାଳୟର ଜିଲ୍ଲା କମିଟି ଗଠନ ପାଇଁ ବୈଠକ ଆହୂତ ହୋଇଥିଲା, ମାତ୍ର କୋରମ ଅଭାବରୁ ଏହାକୁ ସ୍ଥଗିତ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ୧୪-୦୭-୨୦୨୬ (ମଙ୍ଗଳବାର) ଅପରାହ୍ନ ୨ ଟାରେ ପୁନର୍ବାର ବୈଠକ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନିର୍ଦ୍ଧାରିତ ଦିନ ବିଭାଗୀୟ ଅଧିକାରୀ ବିଳମ୍ବରେ ପହଞ୍ଚି ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ନିଜ ମନମୁଖୀ ଶୈଳୀରେ କମିଟି ଗଠନ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହାକୁ ନେଇ ଉପସ୍ଥିତ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବାରୁ ଏବଂ ହଟ୍ଟଗୋଳ ପରିସ୍ଥିତି ସୃଷ୍ଟି ହେବାରୁ ବିଭାଗୀୟ ଅଧିକାରୀ ବୈଠକକୁ ସାମୟିକ ଭାବେ ବନ୍ଦ କରିଥିଲେ। ଏହା ଦେଖି ବହୁ ସଂଖ୍ୟକ ଅଭିଭାବକ ସେଠାରୁ ଚାଲିଯାଇଥିଲେ। ମାତ୍ର ଅଭିଭାବକମାନଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଅଧିକାରୀ ଜଣକ ଅଳ୍ପ କେତେକ ବ୍ୟକ୍ତିଙ୍କୁ ନେଇ ପୂର୍ବ ପ୍ରସ୍ତୁତ ଯୋଜନା ମୁତାବକ ବେନିୟମ ଭାବେ କମିଟି ଗଠନ କରିଥିବା ଅଭିଯୋଗ ହୋଇଛି। ଜଣେ ଛାତ୍ର/ଛାତ୍ରୀଙ୍କ ଏକାଧିକ ଅଭିଭାବକଙ୍କୁ ଚୟନ ପ୍ରକ୍ରିୟାରେ ସାମିଲ କରାଯାଇଛି। ପୂର୍ବରୁ କମିଟି ସଦସ୍ୟ ଥିବା ବ୍ୟକ୍ତିଙ୍କୁ ପୁନର୍ବାର ବେନିୟମ ଭାବେ ଚୟନ କରାଯାଇଛି। ବିଦ୍ୟାଳୟରେ ପଢୁନଥିବା ପିଲାଙ୍କ ଅଭିଭାବକମାନଙ୍କୁ ମଧ ଏହି ପ୍ରକ୍ରିୟାରେ ସାମିଲ କରାଯାଇଥିବା ଦର୍ଶାଯାଇଛି। ଏହି ମନମୁଖୀ ଚୟନ ପ୍ରକ୍ରିୟାକୁ ରଦ୍ଦ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏହା ସହିତ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ସ୍ୱଚ୍ଛ ଭାବେ ପୁନର୍ବାର ଶିକ୍ଷା କମିଟି ଗଠନ ପାଇଁ ଅନୁରୋଧ କରାଯାଇଛି। ଏହି ଦାବିପତ୍ରର ଏକ ନକଲ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ସଚିବ, ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ମଧ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଯାଇଛି।

## ଜୁଲାଇରେ ୧୭ ପ୍ରତିଶତ ଅଧିକ ବର୍ଷା

ଭୁବନେଶ୍ୱର, ୧୭/୭ (ନି.ପ୍ର): ଜୁଲାଇ ୧ରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୧୭% ଅଧିକ ବର୍ଷା ରେକର୍ଡ ହୋଇଛି। ଜଳ ସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ବଲାଙ୍ଗିରରେ ଅଧିକ ବର୍ଷା ରେକର୍ଡ କରାଯାଇଛି । କିଛି ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସାପୁଆ ନଦୀରେ ବନ୍ୟା ଯୋଗୁଁ ମଧୁସୂଦନପାଟଣା ଓ କାକୁଡ଼ିଆ ଗାଁରେ ପାଣି ପଶିଛି। ସାପୁଆ ନଦୀରେ ପାଣି ବଢିଲେ ଢେଙ୍କାନାଳ ଓ ଆଠଗଡ଼ ପ୍ରଭାବିତ ହେବାର ଆଶଙ୍କା ରହିଛି। ବାଲେଶ୍ୱର ଜିଲ୍ଲା ମଥାନୀରେ ଜଳସ୍ତର ବିପଦ ସଙ୍କେତ ନିକଟତର ହେଉଛି। ଆସନ୍ତାକାଲି ସୁଦ୍ଧା ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବଢ଼ିପାରେ।

# ଅନୁଶକ୍ତିନଗର ବାର୍କ କଲୋନୀରେ ଭକ୍ତି, ପରମ୍ପରା ଓ ସାଂସ୍କୃତିକ ଉତ୍ସାହ ମଧ୍ୟରେ ପାଳିତ ହେଲା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା



ବାଲିଆପାଳ , ୧୭/୭ (ନି.ପ୍ର): ମୁମ୍ବାଇ ବାର୍କ ଅନୁଶକ୍ତିନଗର କଲୋନୀରେ ଅନୁଶକ୍ତିନଗର ଓଡ଼ିଆ ଆସୋସିଏସନ ପକ୍ଷରୁ ଆୟୋଜିତ ପବିତ୍ର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ମହା ଆଡ଼ମ୍ବର, ଭକ୍ତି ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଅନୁଶକ୍ତିନଗର ବାର୍କ କଲୋନୀର ଓଡ଼ିଆଙ୍କ ସମେତ ବିଭିନ୍ନ ରାଜ୍ୟର ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଏହି ମହୋତ୍ସବରେ ସାମିଲ ହୋଇ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଲାଭ କରିଥିଲେ। ଏବର୍ଷ ଆସୋସିଏସନ ପକ୍ଷରୁ ନିର୍ମିତ ସୁସଜ୍ଜିତ ବୃହତ କାଠ ରଥ ଉତ୍ସବର ମୁଖ୍ୟ ଆକର୍ଷଣ ପାଲଟିଥିଲା। ଭାବା ପାର୍କରୁ ପାରମ୍ପରିକ ରୀତିନୀତି ଅନୁଯାୟୀ ରଥଯାତ୍ରା ଆରମ୍ଭ ହୋଇ ହସ୍ତିନାପୁର ମାର୍କେଟ, ଅଜନ୍ତା, ଏଲୋରା, ଶାନ୍ତିନିକେତନ, ରାଗମାଳା ଛକ ଓ ନୀଳଗିରି ଅଞ୍ଚଳ ପରିକ୍ରମା କରିଥିଲା। "ଜୟ ଜଗନ୍ନାଥ" ଧ୍ୱନି, ହରିନାମ ସଂକୀର୍ତ୍ତନ ଓ ଭଜନରେ ସମଗ୍ର କଲୋନୀ ଭକ୍ତିମୟ ପରିବେଶରେ ଉତ୍ସବମୁଖର ହୋଇଉଠିଥିଲା। ଅନୁଶକ୍ତିନଗର ଓଡ଼ିଆ ଆସୋସିଏସନର ସଭାପତି ଶ୍ରୀ କୁବେର ଭଇଁସାଙ୍କ ନେତୃତ୍ୱରେ ଛେରା ପହଁରା ସମେତ ସମସ୍ତ ବୈଦିକ ଓ ପାରମ୍ପରିକ ନୀତିକାନ୍ତି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ଶ୍ରୀଜୀଉଙ୍କ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା ଏବଂ ରଥ ଟାଣିବା ପାଇଁ ଭକ୍ତମାନଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଥିଲା। ରଥଯାତ୍ରା ପରେ ହଜାର ହଜାର ଭକ୍ତ ମହାପ୍ରଭୁଙ୍କ ପବିତ୍ର ମହାପ୍ରସାଦ ସେବନ କରିଥିଲେ। ପ୍ରତିଦିନ ମହାପ୍ରସାଦ ବଣ୍ଟନ ସହ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସନ୍ଧ୍ୟାରେ ଆୟୋଜିତ ଓଡ଼ିଆ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ, ନୃତ୍ୟ, ସଙ୍ଗୀତ ଓ ଶିଶୁମାନଙ୍କର ବିଭିନ୍ନ ପରିବେଷଣ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରୁଛି। ଏହି ମହୋତ୍ସବ ବାହୁଡ଼ା ଯାତ୍ରା ଓ ସୁନାବେଶ ପର୍ଯ୍ୟନ୍ତ ବିଭିନ୍ନ ଧାର୍ମିକ, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଜାରି ରହିବ।ରଥଯାତ୍ରାର ଆବାହକ ଶ୍ରୀ ରତିକାନ୍ତ ମିଶ୍ର ଓ ସହ-ଆବାହକ ଶ୍ରୀ ରାଜକିଶୋର ଲେଙ୍କାଙ୍କ ନେତୃତ୍ୱରେ ସମସ୍ତ ପ୍ରସ୍ତୁତି ଓ ଆୟୋଜନ ସଫଳତାର ସହିତ ସମ୍ପନ୍ନ ହୋଇଥିଲା। ଆସୋସିଏସନର ସମ୍ପାଦକ ଶ୍ରୀ ସବ୍ୟସାଚୀ ରାଉତଙ୍କ ସହ ଶ୍ରୀ ଗୌରୀଶଙ୍କର ସାହୁ, ଶ୍ରୀ ବିଶ୍ୱ ଭୂଷଣ ସାହୁ, ଶ୍ରୀ ଶ୍ରୀକାନ୍ତ ସାହୁ, ଶ୍ରୀ ହେମନ୍ତ ସ୍ୱାଇଁ, ଶ୍ରୀ ମାନସ ସେନାପତି, ଶ୍ରୀ ଚିନ୍ମୟ ସାହୁ, ଶ୍ରୀ ଅଶ୍ୱିନୀ ଦାସ, ଶ୍ରୀ ବିବେକ ମିଶ୍ର, ଶ୍ରୀ ପ୍ରଶାନ୍ତ ପାଣିଗ୍ରାହୀ, ଶ୍ରୀ ଦୁର୍ଯ୍ୟୋଧନ ସାହୁ, ଶ୍ରୀ ପବିତ୍ର ବରାଡ଼, ଶ୍ରୀ ପ୍ରକାଶ ରାଉତ ଏବଂ ଶ୍ରୀ ସନ୍ତୋଷ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା, ସ୍ୱେଚ୍ଛାସେବୀ, ମହାପ୍ରସାଦ କମିଟି, ସାଂସ୍କୃତିକ କମିଟି ଓ ସଦସ୍ୟମାନଙ୍କର ନିଷ୍ଠାପୂର୍ଣ୍ଣ ପ୍ରୟାସରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ପରିଚାଳିତ ହୋଇଥିଲା। ଅନୁଶକ୍ତିନଗର ଓଡ଼ିଆ ଆସୋସିଏସନ ପକ୍ଷରୁ ଜଣାଯାଇଛି ଯେ ବାର୍କକଲୋନୀରେ ଆୟୋଜିତ ରଥଯାତ୍ରା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର ସହିତ ସର୍ବଧର୍ମ ସମନ୍ୱୟ, ସାମାଜିକ ସଦ୍ଭାବ ଓ ଜାତୀୟ ଏକତାର ଏକ ଉଜ୍ଜ୍ୱଳ ନିଦର୍ଶନ ଭାବେ ପ୍ରତିଷ୍ଠିତ ହୋଇଛି। ପ୍ରତିବର୍ଷ ପରି ଏବର୍ଷ ମଧ ମୁମ୍ବାଇରେ ବସବାସ କରୁଥିବା ଓଡ଼ିଆ ଏବଂ ଅଣଓଡ଼ିଆ ସମ୍ପ୍ରଦାୟର ଲୋକମାନେ ବିପୁଳ ସଂଖ୍ୟାରେ ଯୋଗଦେଇ ମହାପ୍ରଭୁଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ।

# କୁଳିଦା ଜନସେବ କେନ୍ଦ୍ର ପକ୍ଷରୁ ରକ୍ତଦାନ ଶିବିର: ୨୩ ୟୁନିଟ ରକ୍ତ ସଂଗ୍ରହ



ବସ୍ତା ୧୭/୭(ନିପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ଗୁଡ଼ିଖାଲ ସ୍ଥିତ କୁଳିଦା ଜନସେବା କେନ୍ଦ୍ର ପକ୍ଷରୁ ସିଏସ ସି ଏସପିଭିର ୧୭ତମ ପ୍ରତିଷ୍ଠା ଦିବସ ଅବସରରେ ଆଜି କେନ୍ଦ୍ରର ସପ୍ତମ ବାର୍ଷିକ ସ୍ୱେଚ୍ଛା କୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ରକ୍ତଦାତା ସଂଘ ସହଯୋଗରେ କେନ୍ଦ୍ର ପରିସରରେ ଅନୁଷ୍ଠିତ। ଶିବିରକୁ ସଙ୍ଘ ର ଉପସଭାପତି ତଥା ପରିବେଶବିତ ସୁମନ୍ତ କୁମାର ଜେନା ଉଦ ଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅମର୍ଦାରୋଡ ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକ, ବରେଣ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତି, ଅନ୍ୟତମ ସମ୍ମାନିତ ଅତିଥି ଭାବେ ନାଏବ ସରପଞ୍ଚ ଅରବିନ୍ଦ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ମହାନ୍ତି,ବସନ୍ତ କୁମାର ଦେ, ଆଦର୍ଶ ଶିକ୍ଷକ ଗଛ ମଣିଷ ଗଣେଶ ଚନ୍ଦ୍ର ଜେନା, ସମାଜସେବୀ ଜୟକୃଷ୍ଣ ସେନାପତି ଓ ସଂଘର ଆଜୀବନ ସଦସ୍ୟ ଅଂଶୁମାନ ପ୍ରଧାନ ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ଆୟୋ ଜକଙ୍କୁ ସାଧୁ ବାଦ ଜଣାଇଥିଲେ। ବାଲେଶ୍ୱର ରକ୍ତକେନ୍ଦ୍ରର କର୍ମ ଚାରୀ ମାନେ ସଂଗ୍ରହ କରିଥିଲେ। ଜନସେବା କେନ୍ଦ୍ର ଉଦ୍ୟୋକ୍ତା ଜନ୍ମେଜୟ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଶିକ୍ଷକ ପୀତା ମ୍ବର ନାୟକ, ଅଭିମନ୍ୟୁ ପ୍ରଧାନ, ଅବସରପ୍ରାପ୍ତ ବ୍ୟାଙ୍କ କର୍ମ ଚାରୀ ଅଶ୍ୱିନୀ କୁମାର ଦାସ,ଗଣେଶ ଚନ୍ଦ୍ର ନାୟକ, ଚିତ୍ତରଞ୍ଜନ ପରିଡ଼ା, ବଙ୍କିମ ବେହେରା,ନନ୍ଦ କିଶୋର ଜେନା,ଅଞ୍ଜନ କୁମାର ଦତ୍ତ, ମଧୁସୂଦନ ଦତ୍ତ,ସତ୍ୟନାରାୟଣ ବେଜ,ଶ୍ରୀଚନ୍ଦନ ଦତ୍ତ, ଉମେଶ ଚନ୍ଦ୍ର ବେଜ, ଅରୁଣ ଲେଙ୍କା,ଅରୁଣ ପରିଡା,ସଞ୍ଜିବ କୁମାର ନାଥ, ଶଶୀକାନ୍ତ ବେହେରା,ଗୌରାଙ୍ଗ ଜେନା, ଦେବାଶିଷ ଦାସ ମହା ପାତ୍ର, ଅଜୟ ବେହେରା, ରଜତ କୁମାର ଜେନା,ଗୌରାଙ୍ଗ ଚୌଧୁରୀ , କେନ୍ଦ୍ରର ଅପରେଟର ସପନ କୁମାର ବେହେରା, ନିମାଇଁବେହେରା, ଅରବିନ୍ଦ ଚୌଧୁରୀ ପ୍ରମୁଖସହଯୋଗ କରିଥିଲେ। ଶିବିରରୁ ମୋଟ ୨୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ଉପଲକ୍ଷେ କେନ୍ଦ୍ର ପକ୍ଷରୁ ପ୍ରତ୍ୟେକ ରକ୍ତଦାତାଙ୍କୁ ଗୋଟିଏଗୋଟିଏ ଚାରା ଓ ଘରୋଇ ଉପକରଣ ଉପହାର ଦିଆଯାଇଥିଲା।

## ବାଇକ୍ ସହିତ ୧୮ ଲିଟର ଦେଶୀ ମଦ ଜବତ: ୧ ଗିରଫ

ଭୁବନ, ୧୭/୭ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ଅବକାରୀ ବିଭାଗ ଦ୍ୱାରା ଏକ ବାଇକ ସହିତ ୧୮ ଲିଟର ଦେଶୀ ମଦ ଜବତ ହୋଇଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନାନୁଯାୟୀ, ଢେ଼ଙ୍କାନାଳ ଜିଲ୍ଲାପାଳ ଓ ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଭୁବନ ଅବକାରୀ ଉପ ନିରୀକ୍ଷକ ବୁଲୁ ପାତ୍ର ପାଟ୍ରୋଲିଂରେ ଯାଇଥିବା ବେଳେ ଏକ ବାଇକରେ ବିପୁଳ ଦେଶୀ ମଦ ଆସୁଥିବା ଖବର ପାଇ ଭୁବନ ଥାନା ଅନ୍ତର୍ଗତ ମୃଦଙ୍ଗା ପଂଚାୟତ ନୂଆହାଟଠାରେ ଓଡ଼ି୦୪ ଏଚ ୩୧୫୦ ବିଶିଷ୍ଟ ମୋଟର ସାଇକେଲକୁ ଅଟକ ରଖି ଚଢ଼ଉ କରି ୧୮ ଲିଟର ଦେଶୀ ମଦ ଜବତ କରିବା ସହିତ ପୁରୁଷୋତମ ସାମଲ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ଅବକାରୀ କାର୍ଯ୍ୟାଳୟକୁ ଆଣିଥିଲେ ।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ସେବା ପାଇଁ ଏମ୍‌ସିଏମ୍‌ର ଜଳଛତ୍ର ଉଦ୍‌ଘାଟିତ




ବାରିପଦା, ୧୭/୭ (ନି.ପ୍ର): ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ବାରିପଦାର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ପ୍ରତିବର୍ଷ ଜିଲ୍ଲା ତଥା ପଡ଼ୋଶୀ ଜିଲ୍ଲାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ପ୍ରବଳ ଗ୍ରୀଷ୍ମ ଓ ଭିଡ଼କୁ ଦୃଷ୍ଟିରେ ରଖି ଭକ୍ତମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଉଦ୍ଦେଶ୍ୟରେ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମ୍‌ସିଏମ୍)ର ଏନ୍‌ଏସ୍‌ଏସ୍ ଓ ୟୁଥ୍ ରେଡକ୍ରସ୍ ୟୁନିଟ୍‌ର ମିଳିତ ଆନୁକୂଲ୍ୟରେ ଏକ ଜଳଛତ୍ର ଆଜି ଉଦ୍‌ଘାଟିତ ହୋଇଛି। ପୂର୍ବାହ୍ନ ୧୧ଟାରେ ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର ଜଳଛତ୍ରକୁ ଉଦ୍‌ଘାଟନ କରି ଏଭଳି ସେବାମୂଳକ ପଦକ୍ଷେପର ଉଚ୍ଚ ପ୍ରଶଂସା କରିଥିଲେ। ସମାଜସେବା ଓ ମାନବିକତାର ବାର୍ତ୍ତା ବହନ କରୁଥିବା ଏଭଳି କାର୍ଯ୍ୟକ୍ରମରେ ଯୁବପିଢ଼ିଙ୍କ ସକ୍ରିୟ ଅଂଶଗ୍ରହଣ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ବୋଲି ସେ କହିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ବୁଧାନ ମୁର୍ମୁ, ଏବିଭିପିର ରାଜ୍ୟ ସଭାପତି ଡ଼. ଦେବେଶ ଚନ୍ଦ୍ର ହୋତା, କଲେଜର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ, ମେରା ଯୁବା ଭାରତର ଜାତୀୟ ସ୍ତରର ସ୍ୱେଚ୍ଛାସେବକ ସାଇ ରଞ୍ଜନ ଲେଙ୍କା, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ନାୟକ, ୟୁଥ୍ ରେଡକ୍ରସ୍ କାର୍ଯ୍ୟକ୍ରମ ଅଧିକାରୀ ପୂଜା ଶତପଥୀଙ୍କ ସମେତ କଲେଜର ଏନ୍‌ଏସ୍‌ଏସ୍ ଓ ୟୁଥ୍ ରେଡକ୍ରସ୍ ସ୍ୱେଚ୍ଛାସେବକମାନେ ଉପସ୍ଥିତ ଥିଲେ। ରଥଯାତ୍ରା ଅବଧିରେ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ବିଶୁଦ୍ଧ ପାନୀୟ ଜଳ ବଣ୍ଟନ କରାଯିବା ସହ ସ୍ୱେଚ୍ଛାସେବକମାନେ ଭକ୍ତମାନଙ୍କ ସହାୟତା, ଶୃଙ୍ଖଳା ରକ୍ଷା ଏବଂ ସେବା କାର୍ଯ୍ୟରେ ମଧ ସକ୍ରିୟ ଭାବେ ନିୟୋଜିତ ରହିବେ। କଲେଜର ଏହି ସେବାମୂଳକ ପଦକ୍ଷେପକୁ ସାଧାରଣ ଲୋକ ଓ ଶ୍ରଦ୍ଧାଳୁମାନେ ଭୂୟସୀ ପ୍ରଶଂସା କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସରିଲା ରଥଟଣା: ଶରଧାବାଲିରେ...

ପ୍ରଶାସନ ଓ ପୁଲିସର କଡ଼ା ବ୍ୟବସ୍ଥା ଯୋଗୁଁ କୌଣସି ଅଘଟଣ ଘଟିନଥିବା ଜଣାପଡିଛି। ମହାପ୍ରଭୁଙ୍କ ଦର୍ଶନକୁ ଅଧିକ ଶାନ୍ତିଶୃଙ୍ଖଳାର ସହ କରିବା ପାଇଁ ପ୍ରଶାସନ ଗୁରୁତ୍ୱ ଦେବ ବୋଲି ଡିଜିପି ୱାଇବି ଖୁରାନିଆ ସୂଚନା ଦେଇଛନ୍ତି । ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଭକ୍ତଙ୍କ ଗହଳିକୁ ନିୟନ୍ତ୍ରଣ କରିବା ପାଇଁ ବିଶେଷ ବ୍ୟବସ୍ଥା କରାଯିବ। ଏନେଇ ଡିଜିପି କହିଛନ୍ତି, ଆଗାମୀ ଦିନରେ ଦର୍ଶନ ସମୟରେ ଭିଡକୁ ଦୃଷ୍ଟିରେ ରଖି ବ୍ୟାରିକେଡ ଓ କ୍ୟୁ ଲାଇନ ବ୍ୟବସ୍ଥାକୁ ଆହୁରି ମଜବୁତ କରାଯିବ । ଗହଳିରେ ଅସୁବିଧା ହେବା ଆଶଙ୍କାରେ ଡିଜିପି ସାଧାରଣ ଲୋକଙ୍କୁ ଅନୁରୋଧ କରିଛନ୍ତି । ବୃଦ୍ଧ, ଛୋଟ ଛୁଆ ଏବଂ ରୋଗୀ ମାନେ ଏହି ଅତ୍ୟଧିକ ଗହଳି ଭିତରକୁ ନଆସିବା ପାଇଁ ଅନୁରୋଧ କରିଛନ୍ତି ପୁଲିସ ଡିଜି ।

### ନିର୍ବାଚନ ଓ ଭୋଟରଙ୍କ ...

ସଚେତନ କରିବା ଏବଂ ଗଣମାଧ୍ୟମ ମାଧ୍ୟମରେ ସ୍ୱଚ୍ଛ ସୂଚନା ପ୍ରଦାନ କରିବା ନେଇ ସାମ୍ବାଦିକମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ନିର୍ବାଚନ ସମୟରେ ସୋସିଆଲ ମିଡିଆ କିମ୍ବା ଅନ୍ୟାନ୍ୟ ମାଧ୍ୟମରେ ପ୍ରସାରିତ ହେଉଥିବା ମିଥ୍ୟା ଓ ଭ୍ରମାତ୍ମକ ଖବରକୁ ଚିହ୍ନଟ କରିବା ଏବଂ ତାର ତୁରନ୍ତ ମୁକାବିଲା କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି। ଗଣମାଧ୍ୟମ ଏ ଦିଗରେ ନିଜର ବିଶ୍ୱାସନିୟତା ବଜାୟ ରଖିବା ଏବଂ ଖବର ପ୍ରକାଶନ ବା ପ୍ରଚାର ପୂର୍ବରୁ କୌଣସି ତଥ୍ୟର ସତ୍ୟାସତ୍ୟ ପରୀକ୍ଷା କରିବାକୁ ଅନୁରୋଧ କରାଯାଇଛି। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବରିଷ୍ଠ ସାମ୍ବାଦିକମାନେ ସାମ୍ପ୍ରତିକ ସମୟରେ ନିର୍ବାଚନୀ ବ୍ୟବସ୍ଥା, ସଠିକ୍ ସୂଚନାର ପ୍ରସାର ଏବଂ ସୁସ୍ଥ ଗଣତାନ୍ତ୍ରିକ ପ୍ରକ୍ରିୟା ପାଇଁ ଗଣମାଧ୍ୟମର ଦାୟିତ୍ୱବୋଧ ସମ୍ପର୍କରେ ନିଜ ନିଜର ମତାମତ ଓ ଅଭିଜ୍ଞତା ବାଣ୍ଟିଛନ୍ତି। ଏହି ସମ୍ମିଳନୀରେ ଓଡିଶାରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଦିନମଣୀ ନାଏକଙ୍କ ନେତୃତ୍ୱରେ ୯ ଜଣ ବରିଷ୍ଠ ସାମ୍ବାଦିକ ଜ୍ୟୋତି ପ୍ରକାଶ ଦାସ, ରବି ନାରାୟଣ ଜେନା, ଅଜିତ ଦେହୁରୀ, ଚୌଧୁରୀ ଅମିତାଭ ଦାସ, ଶକ୍ତିସାଇ ମିଶ୍ର, ମୁକେଶ ରଞ୍ଜନ ପରିଡ଼ା, ଯଯାତି କରଣ, ଅଭିଜିତ ସାମନ୍ତରାୟ, ଯଯାତି କେଶରୀ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ଜନ୍ମ ଦିନ ଶୁଭେଚ୍ଛା ଜଣାଇବାକୁ ...

ଏନ୍‌ଏଚ୍‌ଏମ୍‌ରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସେଠାରେ ଥିବା ବେଳେ ଜଣେ ସହକାରୀ ଯନ୍ତ୍ରୀଙ୍କ ସହିତ ତାଙ୍କ ସମ୍ପର୍କ ଗଢ଼ି ଉଠିଥିଲା। ତାଙ୍କର ଏହି ପରକୀୟାପ୍ରୀତି ସଂପର୍କରେ ରଶ୍ମିରଞ୍ଜନ ଜାଣିପାରିଥିଲେ। ଫଳରେ ପ୍ରାୟ ଅଢ଼େଇ ବର୍ଷ ହେବ ସେମାନଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ରଶ୍ମିରଞ୍ଜନଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି ଯେ ଏନ୍‌ଏଚ୍‌ଏମ୍‌ର ସେହି ସହକାରୀ ଯନ୍ତ୍ରୀ ଯେଉଁ ଆଡ଼େ ବଦଳି ହୋଇଯାଉଛନ୍ତି, ରଶ୍ମିରେଖାଙ୍କୁ ମଧ ଆଖପାଖ ସ୍ଥାନକୁ ବଦଳି କରି ନେଇଯାଉଛନ୍ତି। ସେ ବାଲେଶ୍ୱର ଏନ୍‌ଏଚ୍‌ଏମ୍‌କୁ ଆସିବା ପରେ ରଶ୍ମିରେଖାଙ୍କୁ ସହଦେବଖୁଣ୍ଟାକୁ ବଦଳି କରି ଆଣିଥିଲେ। ରଶ୍ମିରଞ୍ଜନଙ୍କ ଭାଇ ପବିତ୍ର ସେଠୀ କହିଛନ୍ତି, ଗତକାଲି (ଜୁଲାଇ ୧୬) ଭାଉଜଙ୍କର ଜନ୍ମଦିନ ଥିଲା। ଭାଉଜଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇବା ପାଇଁ ଭାଇ ଆସିଥିଲେ। ଗତକାଲି ରାତି ୧୨ଟା ୪୦ରେ ଭାଉଜଙ୍କ ଭାଇ ମୋତେ ଫୋନ କରି କହିଲେ, 'ତୁମ ଭାଇ ଆଉ ନାହାନ୍ତି। ତୁମ ଭାଇ ସୁଇସାଇଡ୍ କରି ଦେଇଛନ୍ତି।' । ସେମାନେ କହିବା ଅନୁଯାୟୀ ଭାଇ ରାତି ୧୦ଟା ବେଳେ ସୁଇସାଇଡ୍ କରିଥିଲେ। କିନ୍ତୁ ସେମାନେ ପୁଲିସକୁ ଖବର ଦେଇ ନଥିଲେ। ସେମାନେ ଦୁଇ ଜଣ ନା ୬ ଜଣ ମିଶି ତାଙ୍କୁ ଡାକ୍ତରଖାନା ନେଇଥିଲେ। ଆମେ ଡାକ୍ତରଖାନାରେ ପହଞ୍ଚିଲା ବେଳକୁ ଭାଉଜ ବାପ ଘରର କେହି ବି ନଥିଲେ ସେଠାରେ। ଭାଉଜ, ତାଙ୍କ ବାପଘର ଲୋକ ଓ ସେହି ସହକାରୀ ଯନ୍ତ୍ରୀ ମିଶି ଭାଇଙ୍କୁ ମାରି ଦେଇଛନ୍ତି। ଜନ୍ମଦିନ ପାଳିବା ପାଇଁ ଯୋଜନାବଦ୍ଧ ଭାବେ ଡାକି ଭାଇଙ୍କୁ ସେମାନେ ହତ୍ୟା କରିଛନ୍ତି। ରଶ୍ମିରେଖା କିମ୍ବା ତାଙ୍କ ବାପ ଘର ଲୋକଙ୍କ ପ୍ରତିକ୍ରିୟା ମିଳିନାହିଁ। ସହଦେବଖୁଣ୍ଟା ଥାନା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ରଶ୍ମିରଞ୍ଜନଙ୍କ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ।

### ପଶ୍ଚିମରୁ ଉତ୍ତର...

ବଳକା ଯେଉଁ ଆସବାବପତ୍ର ରହିଛି, ତା ଭିତରୁ ପାଣି କାଢୁଛନ୍ତି ଓ ବାଲେଶ୍ୱର ନୀଳଗିରି ଉପଖଣ୍ଡ ଔପଦା ବ୍ଲକର କାନପୁର ଗାଁର ଦୃଶ୍ୟ। ଆଜିକୁ ୩ ଦିନ ହେବ ଲଗାଣ ବର୍ଷା ଯୋଗୁଁ ଜଳବନ୍ଦୀ ଅବସ୍ଥାରେ ପଡ଼ିରହିଛନ୍ତି ଏଠାକାର ପରିବାର। ଜଳ ନିଷ୍କାସନ ପାଇଁ ଯେଉଁ ବାଟ ଥିଲା, ତାକୁ ବନ୍ଦ କରିଦିଆଯାଇଥିବାରୁ ଏବେ ଘର ଆଗରେ ଜମିଛି ଆଣ୍ଠୁଏ ପାଣି। ଫଳରେ ରୋଷେଇ ବାସ ସବୁ ବନ୍ଦ ହୋଇଯାଇଛି। ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବିପଦ ସଙ୍କେତ ପାରି କରିଛି ଜଳକା ନଦୀର ଜଳସ୍ତର। ଉପରମୁଣ୍ଡ ତଥା ମୟୁରଭଞ୍ଜରେ ବର୍ଷା ଜାରି ରହିଥିବାରୁ ଜଳକା ନଦୀରେ ବନ୍ୟା ଉପୁଜିବାର ଆଶଙ୍କା ରହିଛି। ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ କହିବା କଥା, ଜୁଲାଇ ୧୭ ସୁଦ୍ଧା ରାଜ୍ୟରେ ୧୭ % ଅଧିକ ବର୍ଷା ରେକର୍ଡ ହୋଇଛି। କିଛି ସ୍ଥାନରେ ଭୟଙ୍କର ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ଉପୁଜି ଥିବାବେଳେ ସାପୁଆ ନଦୀରେ ୫୦ ବର୍ଷର ରେକର୍ଡ ଭାଙ୍ଗିଛି ବର୍ଷା। ଆଗକୁ ଆହୁରି ଯଦି ବର୍ଷା ହୁଏ, ତା'ହେଲେ ସ୍ଥିତି ବିଗିଡ଼ିପାରେ। ତେବେ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀରେ ବଡ଼ ବନ୍ୟାର ଆଶଙ୍କା ନାହିଁ। ଉପରମୁଣ୍ଡରେ ବର୍ଷା ଯୋଗୁ କାଲି ସୁଦ୍ଧା ଯଦି ହୀରାକୁଦରେ ଜଳସ୍ତର ବଢ଼େ, ତାହେଲେ ୨/୩ ଦିନ ଭିତରେ ପୁଣି ଡ୍ୟାମରୁ ପାଣି ଛଡ଼ାଯାଇପାରେ। ଅପରପକ୍ଷେ ପାଣିପାଗ ବିଭାଗର ପୂର୍ବାନୁମାନ, ଲଘୁଚାପ ପ୍ରଭାବରେ ଆହୁରି ୪ ଦିନ ରାଜ୍ୟରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ତେଣୁ ୨୪ ଘଣ୍ଟା ପାଇଁ ବୌଦ୍ଧ, ସୋନପୁର, ବଲାଙ୍ଗୀର ଓ ବରଗଡ଼କୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିବାବେଳେ ଅନ୍ୟ ୧୧ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ଦେଶକୁ ମୋଦୀଙ୍କ...

ପ୍ରଦୂଷଣ କମିବ ଏବଂ ପରିବେଶ ସୁରକ୍ଷା ହେବ। ପ୍ରଥମ ଥର ପାଇଁ ଭାରତରେ ହାଇଡ୍ରୋଜେନ୍ ଇନ୍ଧନ ସେଲ୍ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇଛି। ଏହି ପ୍ରଯୁକ୍ତିବିଦ୍ୟା ବିଦ୍ୟୁତ୍ ଉତ୍ପାଦନ ପାଇଁ ହାଇଡ୍ରୋଜେନ୍ ଇନ୍ଧନ ସେଲ୍ ବ୍ୟବହାର କରିବ। ଯାତ୍ରୀ ପରିବହନ ଯାତ୍ରୀ କ୍ଷମତାରେ ମଧ ଏହା ଅତ୍ୟାଧୁନିକ । ଆଜି ଚଳାଚଳ କରିଥିବା ଟ୍ରେନରେ ୧୦ଟି କୋଚ୍ ରହିଛି। ଏଥିରୁ ୮ଟି ଯାତ୍ରୀ କୋଚ୍ । ଏଥିରେ ଏକାଥରେ ପ୍ରାୟ ୨୬ ଶହ ଯାତ୍ରୀ ଯାଇପାରିବେ। ଏଥିରେ ସୁରକ୍ଷା ପାଇଁ ରହିଛି ବିଶେଷ ବ୍ୟବସ୍ଥା । ଚେନ୍ନାଇର ଇଣ୍ଟିଗ୍ରାଲ୍ କୋଚ୍ ଫ୍ୟାକ୍ଟ୍ରିରେ ନିର୍ମିତ ଏହି ବ୍ରଡ୍ ଗେଜ୍ ଟ୍ରେନ୍‌ଟି ବିଶ୍ୱର ସବୁଠାରୁ ଲମ୍ବା ଏବଂ ସର୍ବାଧିକ କ୍ଷମତା ବିଶିଷ୍ଟ ହାଇଡ୍ରୋଜେନ୍ ଟ୍ରେନ୍ । ଟ୍ରେନ୍‌ର ପ୍ରଥମ ଯାତ୍ରାରେ ହରିୟାଣାର କିଛି ସ୍କୁଲ୍ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । ସମସ୍ତ ଛାତ୍ରଛାତ୍ରୀ ଉତ୍ସାହିତ ହେବା ସହ ଦେଇଥିଲେ ବନ୍ଦେ ମାତରମ୍ ଓ ଭାରତ ମାତା କି ଜୟର ଧ୍ୱନି। ଏହି ଟ୍ରେନର ଭଡ଼ା ସାଧାରଣ ପାସେଞ୍ଜର ଟ୍ରେନ୍ ସହ ସମାନ । ଯାତ୍ରୀଙ୍କୁ ମାତ୍ର ୫ ରୁ ୨୫ ଟଙ୍କା ଭଡ଼ା ଦେବାକୁ ପଡ଼ିବ । ୨୦୩୦ ସୁଦ୍ଧା ନେଟ୍-ଜିରୋ କାର୍ବନ ଏମିଟର ହେବାକୁ ଭାରତୀୟ ରେଳବାଇ ରଖିଥିବା ଲକ୍ଷ୍ୟ ସଫଳ ହେବାକୁ ଯାଉଛି । ବନ୍ଦେ ଭାରତ ପରେ ଏବେ ହାଇଡ୍ରୋଜେନ୍ ଟ୍ରେନ୍ ଦେଶର ରେଳ ନେଟୱର୍କକୁ ଦେଇଛି ବିକାଶର ନୂଆ ଦିଗ।

### ଗୋଟେ ପ୍ରଶ୍ନପତ୍ରକୁ ୫...

ଯେଁଠି ଏ ଲିକ୍ ପ୍ରଶ୍ନପତ୍ର ପ୍ରଘଟ ହୋଇଥିଲା। ଏସବୁ ପ୍ରଶ୍ନକୁ ହାତରେ ଲେଖି କୋଚିଙ୍ଗ କ୍ଲାସକୁ ଦେଇଥିଲେ ମୋଟେଗାଓଁକର । ସିବିଆଇ ମୋଟେଗାଓଁକରଙ୍କ ମୋବାଇଲ ଜବତ କରିଛି । ଏଥିରେ ୩୦ରୁ ଅଧିକ ଏଭଳି ଫଟୋ ପାଛି ସିବିଆଇକୁ ମିଳିଛି ଯାହା ଯେଉଁଥିରେ ହାତ ଲେଖା ପ୍ରଶ୍ନ ଦେଖିବାକୁ ମିଳିଛି। ସିବିଆଇ ଅଧିକାରୀଙ୍କ କହିବା କଥା, ମୂଳ ପ୍ରଶ୍ନର ୧୩୨ ପ୍ରଶ୍ନୀରୁ ହାତ ଲେଖାର ୧୧୧ ପ୍ରଶ୍ନ ପୂରା ମ୍ୟାଚ୍ କରିଯାଉଥିଲା, ଯାହା ଗତ ମେ ୩ ତାରିଖରେ ହୋଇଥିବା ନିଟ୍ ୟୁଜି ପରୀକ୍ଷାରେ ଆସିଥିଲା । ଚଳିତ ବର୍ଷ ମେ ୩ ତାରିଖରେ ହୋଇଥିବା ନିଟ୍ ୟୁଜି ପରୀକ୍ଷା ଅନୁଷ୍ଠିତ ହୋଇଥିଲା । କିନ୍ତୁ ପେପର୍ ଲିକ୍ ହଙ୍ଗାମା ପରେ ୧୨ ତାରଖରେ ହେବାକୁ ଥିବା ପରୀକ୍ଷାକୁ ବାତିଲ କରାଯାଇଥିଲା । ଏହାପରେ ଜୁନ୍ ୨୧ ତାରିଖରେ ପୁଣିଥରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଏହି ମାମଲାରେ ସିବିଆଇ ଏଯାଏଁ ୧୩ ଜଣଙ୍କୁ ଗିରଫ କରିସାରିଛି । ସେମାନେ ଏବେ ଜେଲରେ ଅଛନ୍ତି । ପରୀକ୍ଷା ବାତିଲ ହେବା ଖବର ପରେ ନିଟ୍ ପରୀକ୍ଷା ଦେଉଥିବା ଏକାଧିକ ଛାତ୍ରଛାତ୍ରୀ ଆତ୍ମହତ୍ୟା ଭଳି ପଦକ୍ଷେପ ନେଇଛନ୍ତି । ଅନେକ ଛାତ୍ରଛାତ୍ରୀ ମାନସିକ ଅବସାଦର ଶିକାର ହୋଇଛନ୍ତି । ଏ ବର୍ଷ ନୁହେଁ ଗତ ବର୍ଷ ମଧ ଠିକ୍ ଏଭଳି ଭାବେ ନିଟ୍ ପ୍ରଶ୍ନ ଲିକ୍ ହେଲା । କିନ୍ତୁ ଅଭିଯୁକ୍ତଙ୍କ ବିରୋଧରେ କୌଣସି କଡ଼ା ପଦକ୍ଷେପ ନିଆଗଲା ନାହିଁ । ଯାହାର ପରିଣାମ ଏଥର ବି ପିଲାଙ୍କୁ ଭୋଗିବାକୁ ପଡ଼ିଲା । ଦିନ ରାତି ଏକ କରି ପଢୁଥିବା ପିଲାଟିଏ କିଭଳି ମାନସିକ ସ୍ଥିତରୁ ଦେଇ ଗତି କରୁଥିବ । ଆଉ ପିଲା ପାଇଁ ଲହୁ ଲୁହ ଏକ କରି ପଇସା ଖର୍ଚ୍ଚ କରୁଥିବା ବାପା, ମା'ଙ୍କ ଉପରେ ବି କ'ଣ ବିତୁଥିବ ତାହା ସମସ୍ତେ ଜାଣୁଛନ୍ତି କିନ୍ତୁ କାର୍ଯ୍ୟାନୁଷ୍ଠାନ ନେବାକୁ କାହାରି ନିଘା ନାହିଁ । ଯାହା ଆମ ଦେଶର ଭବିଷ୍ୟତକୁ ସ୍ପଷ୍ଟ କରୁଛି ।

# ମହାପ୍ରଭୁ ଜଗନ୍ନାଥ ଆନିମେସନ ଫିଲ୍ମ ରିଲିଜ୍ ଉପରେ ରୋକ୍

ଭୁବନେଶ୍ୱର, ୧୭/୭ (ନି.ପ୍ର): ମହାପ୍ରଭୁ ଜଗନ୍ନାଥ ଆନିମେସନ ଫିଲ୍ମ ରିଲିଜ୍ ଉପରେ ରୋକ୍ ଲଗାଇଛନ୍ତି ସୁପ୍ରିମ୍ କୋର୍ଟ। ହାଇକୋର୍ଟଙ୍କ ଅନ୍ତରୀଣ ରାୟକୁ କାଏମ ରଖି ସୁପ୍ରିମକୋର୍ଟ କହିଛନ୍ତି ରଥଯାତ୍ରା ନ ସରିବା ଯାଏଁ ଫିଲ୍ମ ରିଲିଜ୍ ହୋଇପାରିବ ନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ତୁଷାର ମେହେଟ୍ଟା ସୁପ୍ରିମକୋର୍ଟରେ ପକ୍ଷ ରଖିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଜି ପୀତାମ୍ବର ଆଚାର୍ଯ୍ୟ ପକ୍ଷ ରଖିଥିଲେ। ଏସମ୍ପର୍କରେ ସୂଚନା ଦେଇ ଆଡଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି ଆନିମେଟେଡ୍ ଫିଲ୍ମରେ ମହାପ୍ରଭୁଙ୍କ ସଂସ୍କୃତି, ରୀତିନୀତି ଓ ପରମ୍ପରାକୁ କଦର୍ଥ କରାଯାଇଥିବା ଅଭିଯୋଗ ହୋଇଛି। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମହେଶ ସାହୁ ଏନେଇ ପିଟିସନ୍ ଦାୟର କରିଥିଲେ।

## ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ତାଲିମ ପ୍ରଶିକ୍ଷଣ ଉଦ୍‌ଘାଟିତ

ଭଦ୍ରକ, ୧୭/୭ (ନି.ପ୍ର): ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଆତ୍ମରକ୍ଷା କୌଶଳ ତାଲିମ ପ୍ରଶିକ୍ଷଣ ଉଦ୍‌ଘାଟନୋତ୍ସବ ଅଧକ୍ଷ ଡଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ମହାବିଦ୍ୟାଳୟର 'ଶକ୍ତିଶ୍ରୀ' ଆନୁକୁଲ୍ୟରେ ତା ୧୭.୭.୨୬ରିଖ ଠାରୁ ତା ୨୩.୭.୨୬ରିଖ ପର୍ଯ୍ୟନ୍ତ ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟ ଚାଲିବ ବୋଲି ସଂଯୋଜିକା ପ୍ରଭାତୀ ନାୟକ ସ୍ୱାଗତ ଭାଷଣରେ ମତବ୍ୟକ୍ତ କରିଥିବା ବେଳେ ସମାଜସେବୀ ବସୁମିତା ସାହୁ, ସମ୍ମାନିତ ଅତିଥି ଅକ୍ଷୟ କୁମାର ପାଣିଗ୍ରାହୀ, ନୋଡ଼ାଲ ଅଫିସର ଶୁକଦେବ ପଣ୍ଡା ଓ ତାଲିମପ୍ରାପ୍ତ ପ୍ରଶିକ୍ଷିକା ମନୋରମା ରାଉତ ପ୍ରମୁଖ ଯୋଗଦାନ କରି ନାରୀ ଆତ୍ମସୁରକ୍ଷା, ନାରୀ ଆତ୍ମ ନିର୍ଭରତା ଓ ନାରୀ ସଶକ୍ତିକରଣ ଉପରେ ଅତିଥିମାନେ ଭିନ୍ନ ଭିନ୍ନ ମତବ୍ୟକ୍ତ କରିଥିଲେ । ଅନ୍ୟପକ୍ଷରେ ଅଧକ୍ଷ ଡ଼ଃ ମିଶ୍ର ଛାତ୍ରୀମାନେ ନିଜେ ନିଜକୁ ସୁରକ୍ଷିତ କରିପାରିଲେ ସମାଜକୁ ନୂତନ ରୂପ ଦେବ ବୋଲି ମତବ୍ୟକ୍ତ କରିଥିଲେ । ପରିଶେଷରେ ରଘୁନାଥ ନାୟକ ଓ ଗୌରାଙ୍ଗ ଦାସ ପ୍ରମୁଖ ସଭା ସଂଚାଳନ କରିଥିଲେ ।




## ବହୁମୂଖୀ ବନ୍ୟା ଆଶ୍ରୟସ୍ଥଳୀରେ ପ୍ରାକୃତିକ ଚିକିତ୍ସା ଶିବିର




ବୈଶିଙ୍ଗା, ୧୭/୭ (ନି.ପ୍ର): ଇଣ୍ଟର୍ ନେସନାଲ ନେଚରପ୍ୟାଥି ଅର୍ଗାନାଇଜେସନ ଏବଂ ଏସିଆ ମହାଦେଶର ସର୍ବବୃହତ ପ୍ରାକୃତିକ ଚିକିତ୍ସା କେନ୍ଦ୍ର 'ହେଲଥ ଭିଲା' ର ମିଳିତ ଆନୁକୁଲ୍ୟରେ ଏକ ବିଶାଳ ମାଗଣା ପ୍ରାକୃତିକ ଚିକିତ୍ସା ଶିବିର ବହୁ ମୁଖୀ ବନ୍ୟା ଆଶ୍ରୟ ସ୍ଥଳୀ, ବେଲାଣପୁରା ଠାରେ ଆୟୋଜିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ମମତା ନାଏକ ଉଦଘାଟନ କରିଥିଲେ। ଏହାକୁ ଭାରତୀୟ ରେଡକ୍ରସ ସୋସାଇଟି ଓଡିଶା ର ଭାଇସ ପ୍ୟାଟ୍ରୋନ୍ ତଥା ରାଜ୍ୟ ଜୁନିଅର ରେଡକ୍ରସର ସିନିୟର ରିସୋର୍ସ ପାର୍ଶନ ଡକ୍ଟର ରମାକାନ୍ତ ମହାନ୍ତଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ହେଲଥ ଭିଲାର ମୁଖ୍ୟ ଡାକ୍ତର ମିଳିନ୍ଦ ପରାସର, ମୁଖ୍ୟ ବକ୍ତା ଭାବରେ ସେନଚୁରିଆନ ୟୁନିଭରସିଟିର ଚକ୍ଷୁ ବିଭାଗର ଏସୋସିଏଟ ପ୍ରଫେସର ଚକ୍ଷୁ ବିଭାଗର ମୁଖ୍ୟ ଡାକ୍ତର ଅଙ୍କିତା ବନ୍ଦୋପାଧାୟ, ଶ୍ରୀମା ଶ୍ରୀ ଅରବିନ୍ଦ ଯୋଗ ସାଧନା କେନ୍ଦ୍ର ର ମୁଖ୍ୟ ଅର୍ଥପେଡ଼ିକ୍ସ ଡାକ୍ତର କିଶୋର କୁମାର ମହାପାତ୍ର, ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବରେ ସଂକଳ୍ପ ର ସମ୍ପାଦକ ପ୍ରଦୀପ କୁମାର ଦାସ ମହାପାତ୍ର, ହେଲଥ ଭିଲ୍ଲା ସ୍ୱାସ୍ଥ୍ୟ ରଥ ର ପ୍ରୋଗ୍ରାମ ମ୍ୟାନେଜର ନାରାୟଣ ମଲ୍ଲିକ ଇଣ୍ଟର ନ୍ୟାସନାଲ ନେଚର ପ୍ୟାଥୀ ସଂଗଠନ ଓଡିଶା ପୂର୍ବ ଭାଗର ସଂଗଠକ ତଥା ପ୍ରାକୃତିକ ଚିକିତ୍ସକ ଡାକ୍ତର ଦେବରାଜ ସାହୁ, ସ୍ୱାସ୍ଥ୍ୟଦୂତ ଶିଶିର କୁମାର ନାୟକ, ଡାକ୍ତର ଧ୍ରୁବ ଚରଣ ପ୍ରଧାନ ପ୍ରମୁଖ ପ୍ରାକୃତିକ ଚିକିତ୍ସାର ଉପାଦେୟତା ଏବଂ ଉପକାରିତା ବିଷୟରେ ଅଲୋଚନା କହିଥିଲେ। କେ ସି ଏସ୍ ଏନ୍ ହାଇସ୍କୁଲର ଜୁନିଅର ରେଡକ୍ରସ ଏବଂ ଇକୋ କ୍ଲବର ଛାତ୍ର ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଏବଂ ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ପାଇଁ ସଚେତନତା ମୂଳକ ସଙ୍ଗୀତ ପରିବେଷଣ କରିଥିଲେ । ସ୍ୱେଚ୍ଛାସେବୀ ଶିକ୍ଷକ ସତ୍ୟରଞ୍ଜନ ଦୁର୍ଗା ପରିଚୟ ପ୍ରଦାନ କରିଥିବା ବେଳେ ଫୋର୍ଡ ସଂଗଠନର ସମ୍ପାଦକ ଶିକ୍ଷକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସାମ୍ବାଦିକ ତଥା ଯୋଗ ଗୁରୁ ଦୀପକ କୁମାର ମହାନ୍ତ, ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା ଏବଂ ପରିଚାଳନା କରିଥିଲେ । ପରିଶେଷରେ ସ୍ୱେଚ୍ଛାସେବୀ ଶରତ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ପୁଷ୍ପାଞ୍ଜଳି ଜେନା, ସ୍ମିତା ମହାପାତ୍ର, ତ୍ରୈଲୋକ୍ୟ ଦୁର୍ଗା, ଶୁଭମ୍ ଦୁର୍ଗା, ସମାଜ ସେବୀ ଗତିକୃଷ୍ଣ ମହାନ୍ତ, ଭାଗ୍ୟଶ୍ରୀ ପ୍ରଧାନ, ମୋନାଲିସା କର,ସହଯୋଗ କରିଥିଲେ ସ୍ୱେଚ୍ଛାସେବୀ ମାନେ ସରକାରଙ୍କ ଠାରୁ ଟଙ୍କାଟିଏ ସାହାଯ୍ୟ ନ ନେଇ ୧୩୦ ରୁ ଅଧିକ ଲୋକଙ୍କୁ ଦେଲେ ସୁସ୍ଥ ନିରାମୟ ସୁଖୀ ଜୀବନ ର ମନ୍ତ୍ର ଦିଆଯାଇଥିଲା। ଏହା ସହ ଡାଇବେଟିସ ରୋଗୀଙ୍କୁ ଫ୍ରୀ ରକ୍ତ ପରୀକ୍ଷା, ଚକ୍ଷୁ ସମସ୍ୟା ରୋଗୀଙ୍କୁ ଫ୍ରୀ ରେ ଚଷମା ଏବଂ ଆଣ୍ଠୁ ଗଣ୍ଠି ରୋଗୀଙ୍କୁ ଫିଜିଓଥେରାପି ସହ ମାଲିସ ଏହିଭଳି ଅନେକ ପ୍ରକାରର ରୋଗର ଚିକିତ୍ସା କରାଯାଉଥିଲା। ଏଭଳି କାର୍ଯକ୍ରମର ଆୟୋଜକ ମାନଙ୍କୁ ସର୍ବ ସାଧାରଣରେ ପ୍ରଶଂସା କରା ଯାଉଛି ।

## ଅଧାରେ ଅଟକିଲେ ଚତୁର୍ଦ୍ଧାମୂର୍ତ୍ତି: ଆଜି ଆଡ଼ପ ବିଜେ




ନୀଳଗିରି, ୧୭/୭ (ନି.ପ୍ର): ନୀଳକନ୍ଦରର ରତ୍ନବେଦୀ ଛାଡ଼ି ପତିତଜନଙ୍କ ଉଦ୍ଧାର ସକାଶେ ଭାଇଭଉଣୀଙ୍କୁ ସଙ୍ଗରେ ନେଇ ଲୀଳାଖେଳା କରିବାକୁ ୯ଦିନପାଇଁ ମାଉସୀ ମା'ଙ୍କ ଘରକୁ ବାହାରିଛନ୍ତି ବଳିଆର ଭୂଜ ମହାବାହୁଲ ଜଗତରନାଥ ଜଗନ୍ନାଥ ମହାପ୍ରଭୂ ।ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ପବିତ୍ର ଘୋଷଯାତ୍ରା ଅବସରରେ ତିନିଦିନ ପାଇଁ ରଥଉପରେ ଶ୍ରୀଜୀଉମାନେ ରଥଉପରେ ରହିବାର ପରମ୍ପରା ରହିଥିବାରୁ ପ୍ରଥମଦିବସରେ ଚତୁର୍ଦ୍ଧାମୂର୍ତ୍ତୀଙ୍କୁ ପହଣ୍ଡି ବିଜେ କରାଯାଇ ରଥାରୁଢ଼ କରାଯାଇଥିଲା। ଶୁକ୍ରବାର ଅପରାହ୍ନ ୪ ଘଟିକାରେ ରଥଉପରେ ସମସ୍ତ ନିତିକାନ୍ତି ସମାପନପରେ ଆଦିସେବକ ନୀଳଗିରି ରାଜା ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନ ଛେରାପହଁରା କରିବାପରେ ରଥଟଣା ହୋଇଥିଲା। ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମରେ ହରିବୋଲ ହୁଳହୁଳି, ଘଣ୍ଟ ଘଣ୍ଟା, କାହାଳୀ , ସଙ୍କୀର୍ତ୍ତନ ଏବଂ ପିପିଲି ରୁ ଆସିଥିବା ଘଣ୍ଟୁଆଙ୍କ ତାଳରେ ପ୍ରକମ୍ପିତ ହୋଇଉଠିଥିଲା ରଥଦାଣ୍ଡ। ଶେଷରେ ରଥ ନିର୍ଦ୍ଦିଷ୍ଟ ସମୟରେ ଶଙ୍କରାଖୁଣ୍ଟା ପୋଖରୀ ନିକଟରେ ପହଂଚି ରଥଟଣା ସମ୍ପନ୍ନ ହୋଇଥିଲା। ରଥ ଉପରେ ପ୍ରଶାସନପକ୍ଷରୁ ସ୍ଥିରକରାଯାଇଥିବା ସେବାୟତ, ଅଧିକୃତ ଅଧିକାରି ଏଂ ଘୋଷକ ଉପସ୍ଥିତରହି ରଥ ସୁପରିଚାଳନାରେ ସହଯୋଗ କରିଥିଲେ।ଏହି ଅବସରରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଭକ୍ତଙ୍କ ପାଇଁ ଥଣ୍ଡାପାନୀୟ, ସରବତ, କାନିକା ବଣ୍ଟନ କରାଯାଇଥିବା ଦେଖିବାକୁ ମିଳିଥିଲା। ବିବେକାନନ୍ଦ ପାଠଚକ୍ର ପକ୍ଷରୁ ସୂଚନାକେନ୍ଦ୍ର ଖୋଲାଯାଇଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଆଜି ଅପରାହ୍ନରେ ରଥଟଣା ସମପାନପରେ ଆଡପମଣ୍ଡପ ବିଜେ କରିବେ ଶ୍ରୀଜୀଉ। ଏହି ପବିତ୍ର ଘୋଷଯାତ୍ରାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ବିଧାୟକ ସନ୍ତୋଷ କୁମାର ଖଟୁଆ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର , ପୂର୍ବତନମନ୍ତ୍ରୀ ତଥା ବିଜେଡି ଜିଲ୍ଲାସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ଚିତ୍ତରଞ୍ଜନ ଷଡଙ୍ଗୀ, ବାସୁଦେବପୁର ବିଧାୟକ ଅଶୋକ ଦାସ, ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଚନ୍ଦ୍ରବିନ୍ଦୁ ଦାସ,ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ , ବିଡ଼ିଓ ବିକ୍ରମ କେଶରୀ ପରିଡ଼ା, ଏନଏସି ନିର୍ବାହୀଅଧିକାରୀ ଅଂଶୁମାନ ପରିଡା,ଆଡିସନାଲ ଏସ୍ ପି ପ୍ରମୋଦ କୁମାର ମଲ୍ଲିକ, ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ସମେତ ଜିଲ୍ଲାପ୍ରଶାସନର ବରିଷ୍ଠ ଅଧିକାରୀ, ଉପଖଣ୍ଡ ପ୍ରଶାସନ ବିଭିନ୍ନବିଭାଗର ଅଧିକାରୀ ଉପସ୍ଥିତରହି ସହଯୋଗ କରିଥିଲେ। ରଥଉପରେ ପଣ୍ଡିତ ଶକ୍ତିପଦ ମିଶ୍ର, ଅଧାପକ ପ୍ରଦୀପ୍ତ ମିଶ୍ର ଧାରାବିବରଣୀ ଦେଇଥିବା ବେଳେ ବିଡ଼ିଓ ବିକ୍ରମ କେଶରୀ ପରିଡ଼ା ଓ ଉପଖଣ୍ଡ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ରଥ ପରିଚାଳନାରେ ସହଯୋଗ କରିଥିଲେ। ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇ ଶାନ୍ତିଶୃଙ୍ଖଳା ରକ୍ଷାକରାଯାଇଥିବା ବେଳେ ୧ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିବା ଜଣାଯାଇଛି।

## ବିଦେଇପୁର ନୋଡାଲରେ ବିଦ୍ୟାଳୟ ପରିଚାଳନା କମିଟି ଗଠିତ



ବାସୁଦେବପୁର, ୧୭/୭ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିଦେଇପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପରିଚାଳନା କମିଟି ଗଠିତ ହୋଇ ଯାଇଛି। ଏଥିରେ କମିଟି ସଭାପତି ଭାବେ ସଞ୍ଜୀବ କୁମାର ମହାନ୍ତି ଓ ଉପ ସଭାପତି ଭାବେ ବାସନ୍ତୀ ଲତା ପାଣିଗ୍ରାହୀ ନିର୍ବାଚିତ ହୋଇଛନ୍ତି। ଏଥିରେ ଯେଉଁ ୧୫ ଜଣିଆ ସଦସ୍ୟ ମନୋନୀତ ହୋଇଛନ୍ତି ସେମାନେ ହେଲେ ପୂର୍ଣ୍ଣିମା ଦାସ, ମମତା ସାମଲ, ତିଳୋତ୍ତମା ବାରିକ୍, ବାସନ୍ତୀ ବିଶ୍ୱାଳ, ସୁଜାତା ବାରିକ୍, ମିନତି ମଲ୍ଲିକ, ଝରଣା ଗିରି, ମଞ୍ଜୁଲତା ମଲ୍ଲିକ, ରାଜେଶ୍ ମହାଳିକ, ରତ୍ନାକର ମଲ୍ଲିକ, ବିଦ୍ୟାଧର ଦାସ, ରାଜେଶ ରାୟ, ସଞ୍ଜୀବ ମହାନ୍ତି, ଜୟରାମ ଭୋଇ ଓ ବାସନ୍ତୀ ଲତା ପାଣିଗ୍ରାହୀ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସ୍ନେହଲତା ମହାନ୍ତି ଓ ପର୍ଯ୍ୟବେକ୍ଷକ ତ୍ରିଲୋଚନ ପାଣିଗ୍ରାହୀ ସମସ୍ତ ଦାୟିତ୍ୱ ସୁଚାରୁ ରୂପେ ସମ୍ପନ୍ନ କରିଥିଲେ। ଏହି ଅବସରରେ ସମସ୍ତେ ବିଦ୍ୟାଳୟ ପରିଚାଳନା କମିଟିର ନୂତନ ସଭାପତି ଓ ନୂତନ ଉପ ସଭାପତି ଙ୍କୁ ଶୁଭ ଅଭିନନ୍ଦନ ଜଣାଇଛନ୍ତି।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ତିନି ମୃତ

ଭଦ୍ରକ, ୧୭/୭ (ନି.ପ୍ର): ଭଦ୍ରକ ଗେଲପୁର ମେଡିକାଲ ନିକଟରେ୧୬ ନମ୍ବର ଜାତୀୟ ରାଜପଥ ଉପରେ ମର୍ମଦୃତ ସଡକ ଦୁର୍ଘଟଣା ଘଟିଛି। ହାଇୱା ଧକ୍କାରେ ୨ ବାଇକ ଆରୋହୀଙ୍କ ସହ ତିନି ଜଣଙ୍କ ରମୃତ୍ୟୁ, ଜଣେ ଗୁରୁତର। ପରିବହନ ବିଭାଗ ର କୋହଳ ମନୋଭାବ ସହ ବେପରୱା ଗାଡ଼ି ଚାଳନା ଯୋଗୁଁ ଘଟୁଛି ଗୋଟିଏ ପରେ ଗୋଟିଏ ଦୁର୍ଘଟଣା। ଭଦ୍ରକ ଗେଲପୁର ଗୋପବନ୍ଧୁପୁର ଛକ ଠାରେ ମର୍ମଦୁତ ଦୁର୍ଘଟଣାରେ କେନ୍ଦୁଆପଦା ଅଞ୍ଚଳର ଦୁଇ ଜଣଙ୍କ ସହ ତିନି ଘଟଣା ସ୍ଥଳରେ ମୃତ୍ୟୁ । ଘଟଣା ସ୍ଥଳରେ ପୋଲିସ ପ୍ରଶାସନ ପହଞ୍ଚି ବୁଝାସୁଝା କରିଛନ୍ତି ଓ ମୃତକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

## ଭାରତୀୟ ପୂର୍ବତନ ସଂଗଠନ ପକ୍ଷରୁ ଦହି ସରବତ ବଣ୍ଟନ

ବାଲିଆପାଳ , ୧୭/୭ (ନି.ପ୍ର): ବାଲିଆପାଳ ବ୍ଲକରେ ଗୁରୁବାର ପବିତ୍ର ରଥଯାତ୍ରା ଉପଲକ୍ଷେ ବାଲିଆପାଳ ଶାଖାର ଭାରତୀୟ ପୂର୍ବତନ ସୈନିକ ସଂଗଠନ ତରଫରୁ ବ୍ଲକ ଛକ ବିଶ୍ରାମ ଗାର ପରିସରରେ ଚାରି ହଜାରରୁ ଉର୍ଦ୍ଧ୍ୱ ଭକ୍ତ ମାନଙ୍କୁ ଦହି ସର୍ବତ ବଣ୍ଟନ କରାଯାଇଥିଲା। ସଂଗଠନର ସଭାପତି ମନୋଜ କୁମାର ସି ଏବଂ ସାଧାରଣ ସମ୍ପାଦକ ରାଧାନାଥ ରାଉତଙ୍କ ତତ୍ତ୍ୱାବଧାନରେ ଏକାର୍ଯ୍ୟ ସମ୍ପାଦନ ହୋଇଥିଲା। ଏଥିରେ ସଂଗଠନର ସଦସ୍ୟ ପ୍ରମୋଦ କୁମାର ସିଂ, କାଳିଚରଣ ମହାନ୍ତି, କମଳ ଲୋଚନ ପିଲା, ସୁଶାନ୍ତ କୁମାର ରାଉତ,ବିଜୟ କୁମାର ମହାପାତ୍ର, ବିଜୟ ବେହେରା, ମୁକୁନ୍ଦ ସିଂ, ରଂଜିତ ନନ୍ଦୀ, ଦେବେନ୍ଦ୍ର ନନ୍ଦୀ, ହରେକୃଷ୍ଣ ପ୍ରଧାନ, ହେମନ୍ତ କୁମାର ପ୍ରଧାନ, ଧନଞ୍ଜୟ ପ୍ରଧାନ, ନିରଞ୍ଜନ ଗିରି, ଶ୍ରୀଧର ସାହୁ,ସୁଜାତା ସୀ,ସୁଷମା ଦାସ,ଜୟନ୍ତୀ ପ୍ରଧାନ, ବନଲତା ପ୍ରଧାନ, ଜୟନ୍ତୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରୀଜଗନ୍ନାଥଙ୍କ ମାଉସୀ ବାଡ଼ିକୁ ନେଇ କନକାଇ ଗାଁରେ ଉତ୍ତେଜନା: ଶାନ୍ତି ରକ୍ଷା ପାଇଁ ପୁଲିସର ବୈଠକ, ସମାଧାନ ଅପେକ୍ଷାରେ ବିବାଦ

ଜଳେଶ୍ୱର, ୧୭/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅନ୍ତର୍ଗତ କନକାଇ ଗ୍ରାମରେ ଶ୍ରୀଜଗନ୍ନାଥଙ୍କ ମାଉସୀ ମା' ମନ୍ଦିର ଏବଂ ମାଉସୀ ବାଡ଼ିକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ତୀବ୍ର ବାକବିତଣ୍ଡା ସହ ଉତ୍ତେଜନା ପ୍ରକାଶ ପାଇଛି। ପରମ୍ପରା ଭାଙ୍ଗିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢୁଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ଓ ପ୍ରଶାସନ ପକ୍ଷରୁ ବାରମ୍ବାର ବୈଠକ କରାଯାଉଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନର ବାଟ ବାହାରି ପାରିନାହିଁ। ସ୍ଥାନୀୟ ସୂଚନା ଅନୁଯାୟୀ,କନକାଇ ଗ୍ରାମରେ ଅନାଦି କାଳରୁ ପାରମ୍ପରିକ ରୀତିନୀତି ଅନୁସାରେ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଏଠାରେ ନିର୍ଦ୍ଦିଷ୍ଟ ପୂଜକ ସେବାୟତ ଭାବେ ରହିଥିବା ବେଳେ ମାଉସୀ ମା' ମନ୍ଦିର (ମାଉସୀ ବାଡ଼ି) ଭାବେ ସ୍ୱର୍ଗତ ସୁଦର୍ଶନ ଧର ଓ ସୁଧାଂଶୁ ଶେଖର ଦାଶଙ୍କ ପରିବାର ପରିଗଣିତ ହୋଇ ଆସୁଥିଲେ। ଚଳିତ ବର୍ଷ ମଧ୍ୟ ପରମ୍ପରା ଅନୁଯାୟୀ ସୁଧାଂଶୁ ଶେଖର ଦାଶଙ୍କ ଗୃହରେ ମାଉସୀ ମା' ବାଡ଼ି ଅନୁଷ୍ଠିତ ହେବାର ଥିଲା। ଅଭିଯୋଗ ହୋଇଛି ଯେ,କେତେକ ଗ୍ରାମବାସୀ ବ୍ୟକ୍ତିଗତ ଆକ୍ରୋଶ ରଖି ପାରମ୍ପରିକ ନୀତିକୁ ଅବମାନନା କରିଛନ୍ତି। ସେମାନେ ସୁଧାଂଶୁ ଶେଖର ଦାଶଙ୍କ ଘରେ ମାଉସୀ ବାଡ଼ି ନ କରି,ଗ୍ରାମ ଶ୍ମଶାନ ନିକଟରେ ଥିବା ଏକ ପାଣିପମ୍ପ ଡ୍ରାଇଭରଙ୍କ ରହୁଥିବା ଘରେ ଶ୍ରୀବିଗ୍ରହମାନଙ୍କୁ ନେଇ ରଖିଛନ୍ତି। ଶ୍ମଶାନ ଭଳି ଏକ ଅପବିତ୍ର ସ୍ଥାନ ସଦୃଶ ଜାଗାରେ ଜଗନ୍ନାଥଙ୍କୁ ରଖାଯିବା ଏବଂ ପରମ୍ପରା ଉଲ୍ଲଂଘନ ହେବା ଫଳରେ ସେବାପୂଜା କରି ଆସୁଥିବା ପରିବାର ସମେତ ସ୍ଥାନୀୟ ଜଗନ୍ନାଥପ୍ରେମୀଙ୍କ ଭାବାବେଗରେ ଗଭୀର ଆଘାତ ଲାଗିଛି। ଏହି ସମ୍ବେଦନଶୀଳ ଘଟଣାକୁ ନେଇ ନାଗ ଭୂଷଣ ଦାଶଙ୍କ ପକ୍ଷରୁ ରାଇବଣିଆ ଥାନା ଅଧିକାରୀ, ସ୍ଥାନୀୟ ତହସିଲଦାର ଏବଂ ଦେବୋତ୍ତର ବିଭାଗର କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଉତ୍ତେଜନାକୁ ପ୍ରଶମିତ କରିବା ପାଇଁ ଗତ ବୁଧବାର ଦିନ ରାଇବଣିଆ ଥାନା ଅଧିକାରୀ କନକାଇ ଗ୍ରାମରେ ପହଞ୍ଚି ଦୁଇ ପକ୍ଷଙ୍କୁ ନେଇ ଦୀର୍ଘ ୪ ଘଣ୍ଟା କାଳ ଆଲୋଚନା କରିଥିଲେ। ଆଜି ଅପରାହ୍ନରେ ସେଠାରେ ରଥଯାତ୍ରା ଆରମ୍ଭ ହୋଇଥିଲେ ମଧ୍ୟ ମାଉସୀବାଡ଼ି ବିବାଦର ସମାଧାନ ହୋଇପାରି ନାହିଁ, ଯାହାକୁ ନେଇ ଗାଁରେ ଏବେ ବି ଚାପା ଉତ୍ତେଜନା ଲାଗି ରହିଛି। ଅପରପକ୍ଷରେ ଗ୍ରାମରେ ଶାନ୍ତିର ପରିବେଶ ବଜାୟ ରଖିବା ସହ ଶତାବ୍ଦୀର ପୁରୁଣା ପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ ଗ୍ରାମର ବିଶିଷ୍ଟ ବ୍ୟକ୍ତି ଯଥା ପରମାନନ୍ଦ ଚକ୍ରବର୍ତ୍ତୀ, ଗୌରୀ ଶଙ୍କର ଧର, ପ୍ରଦ୍ୟୁତ କୁମାର ମହାନ୍ତି ଏବଂ ବିଜୟାନନ୍ଦ ଦାସ ପ୍ରମୁଖ ଉଭୟ ପକ୍ଷଙ୍କୁ ଶାନ୍ତିପୂର୍ଣ୍ଣ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ନିବେଦନ କରିଛନ୍ତି।




## ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଉଦଳା ନଗରପାଳଙ୍କୁ ଚିଠିଲେଖି ଜଣାଇଲେ କୃତଜ୍ଞତା




ଉଦଳା , ୧୭/୭ (ନି.ପ୍ର): ପଶ୍ଚିମବଙ୍ଗର ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରି ନିକଟରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡାଙ୍କ ନିକଟକୁ ଚିଠିଲେଖି କୃତଜ୍ଞତା ଜଣାଇଥିବାର ଖବର ଆମର ହସ୍ତଗତ ହୋଇଛି । ପଶ୍ଚିମବଙ୍ଗରେ ଗତ ବିଧାନସଭା ନିର୍ବାଚନ ପୁର୍ବରୁ ନଗରପାଳ ପ୍ରମିଳା ପଣ୍ଡା ସେଠାକୁ ଯାଇ ଭାରତୀୟ ଜନତାପାର୍ଟିର ପ୍ରଚାର କାର୍ଯ୍ୟରେ ଲାଗିଥିଲେ । କବିତା ପାଠ ସହିତ ଜଣେ ସାହିତ୍ୟିକ ଢ଼ଙ୍ଗରେ ସେ ଚଳାଇଥିବା ପ୍ରଚାର ସେଠାରେ ବେଶ ସୁନ୍ଦର ମାହୋଲ ତିଆରି କରିଥିଲା । ଏହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚାମଧ ଜୋର ଧରିଥିଲା । ଜଣେ କବୟିତ୍ରୀ ଭାବରେ ପ୍ରମିଳା ପଣ୍ଡାଙ୍କର ରହିଛି ପ୍ରଥମ ପରିଚୟ । ତାଙ୍କଦ୍ୱାରା ରଚିତ କବିତା ସଂକଳନ 'ମୁଁ ବର୍ଷା' ପାଠକ ମାନଙ୍କର ବେଶ ମନଛୁଆଁ ହୋଇପାରିଛି । ତେବେ ନିର୍ବାଚନ ସରିବା ପରେ ସେଠାରେ କ୍ଷମତା ଦଖଲ କରିଥିବା ମାନ୍ୟବର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ନଗରପାଳ ପ୍ରମିଳା ପଣ୍ଡାଙ୍କର ଏପରି ପରିଶ୍ରମକୁ ସମ୍ମାନ ଜଣାଇ ଚିଠିଲେଖି କୃତଜ୍ଞତା ଜଣାଇଥିବାର ଜଣାଯାଇଛି । ଏହା ପଶ୍ଚିମବଙ୍ଗ ସହିତ ଉଦଳାର ସମ୍ପର୍କକୁ ଅଧିକ ମଜଭୁତ କରିବ ବୋଲି କୁହାଯାଉଛି ।

## ଜିଲ୍ଲା ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ବୃକ୍ଷରୋପଣ କାର୍ଯ୍ୟକ୍ରମ

ବାଲେଶ୍ୱର, ୧୭/୭ (ନି.ପ୍ର): ସାମାଜିକ କର୍ତ୍ତବ୍ୟନିର୍ବାହର ଅଂଶସ୍ୱରୂପ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ବାଲେଶ୍ୱର ଜିଲ୍ଲା ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ନରେ ରଣସାହିସ୍ଥିତ ୟୁନିୟନ୍ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ସଂଘର ସଭାପତି ଇଂ. ବନମାଳୀ ନାୟକ, ସାଧାରଣ ସମ୍ପାଦକ ଦାମୋଦର ନାୟକ, ଉପସଭାପତି ସୁଦର୍ଶନ ଦାସ ଓ ଦେବେନ୍ଦ୍ର ଚୌଧୁରୀ, ସଂଗଠନ ସମ୍ପାଦକ ସଞ୍ଜୟ ପଣ୍ଡା, ଅର୍ଥ ସମ୍ପାଦକ ଯୁଧିଷ୍ଠିର ନନ୍ଦ, ଯୁଗ୍ମ ସମ୍ପାଦକ ସାବିତ୍ରୀ ଦାସ ଓ ରବୀନ୍ଦ୍ର ମହାନ୍ତି ତଥା ବରିଷ୍ଠ ଉପଦେଷ୍ଟା ଜ୍ଞାନେନ୍ଦ୍ର ସାହୁ ଓ ଗୌରପ୍ରିୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ସଂଘର ସଦସ୍ୟ ସଦସ୍ୟାମାନେ ବିଭିନ୍ନ ଫଳଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ, ପୁରାତନ ଛାତ୍ର ସଂସଦର ସଭାପତି ରବୀନ୍ଦ୍ର ଦାସଙ୍କ ସହିତ ସଂଘର ସଦସ୍ୟ ସଦସ୍ୟା ସୁଶାନ୍ତ ନାୟକ, ଜ୍ୟୋସ୍ନା ରାୟ, ରୀତା ରାୟ, ସଞ୍ଜୟ ପଣ୍ଡା, ରବିନାରାୟଣ ବେହେରା, ଭବେଶ ପଣ୍ଡା, ବସନ୍ତ କୁମାର ନାୟକ, ରବିନାରାୟଣ ପାତ୍ର, ଭବେଶ ପଣ୍ଡା, ରେଣୁବାଳା ଦାସ, ପ୍ରଭାତି ସେଠୀ, ଭାସ୍କର ମିଶ୍ର, ଯୋଗେନ୍ଦ୍ର ସିଂହ, ହରେକୃଷ୍ଣ ପଲେଇ, ଅନାଦି ବେହେରା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସଙ୍କ ସଭାପତିତ୍ୱରେ ଏକ ସଭାରେ ସଂଘର କର୍ମକର୍ତ୍ତାମାନେ ମଞ୍ଚାସୀନ ଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ 'ବୃକ୍ଷରୋପଣ କାର୍ଯ୍ୟକ୍ରମ କେବଳ ଏକ ଔପଚାରିକତା ନା ସାମାଜିକ ଦାୟିତ୍ୱ' ଶୀର୍ଷକ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଂଘର କାର୍ଯ୍ୟକାରୀ ସମିତି ସଦସ୍ୟା ଗୀତାଞ୍ଜଳି ଶତପଥୀ, ସଦସ୍ୟ ବୀରକିଶୋର ମିଶ୍ର ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ପୁଣ୍ୟତୋୟା ପଣ୍ଡା ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତିଯୋଗିତାରେ ଆକାଂକ୍ଷା ବେହେରା ପ୍ରଥମ, ସାଇଶ୍ରଦ୍ଧା ପାତ୍ର ଦ୍ୱିତୀୟ ଓ ସ୍ନିଗ୍ଧାରାଣୀ ସାମଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ ସଂଘଦ୍ୱାରା ପୁରସ୍କୃତ କରାଯାଇଥିଲା। ସଂଘର କର୍ମକର୍ତ୍ତାମାନେ ବୃକ୍ଷରୋପଣ ସମ୍ବନ୍ଧୀୟ ଉପଯୋଗୀ ବକ୍ତବ୍ୟ ରଖିଥିଲେ। ଉପସଭାପତି ଦେବେନ୍ଦ୍ର ଚୌଧୁରୀ ସମସ୍ତଙ୍କର ସକ୍ରିୟ ସହଯୋଗ ନିମନ୍ତେ ଧନ୍ୟବାଦ ଦେଇଥିଲେ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida